# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୮/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, November 8/2024 | Page 14 | ₹ 7.00

୫୦ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 343 | ମୂଲ୍ୟ ₹୭/-




## କବୀର ସେମିଫାଇନାଲରେ

କଳିଙ୍ଗ ଷ୍ଟାଡିୟମ ଟେନିସ୍ କମ୍ପ୍ଲେକ୍ସରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍-୨୦୨୪ର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର କବୀର ହଂସ।

୧୪

୦୨

## ଜର୍ମାନୀରେ ଭାଙ୍ଗିଲା ମେଣ୍ଟ ସରକାର

ସହଯୋଗୀ ଦଳ ଫ୍ରି ଡେମୋକ୍ରାଟ୍ସର ସମର୍ଥନ ପ୍ରତ୍ୟାହାର ପରେ ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍ଜଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ଭାଙ୍ଗିଯାଇଛି।



# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

## ଅଭିଯୁକ୍ତ ୬ ସାଙ୍ଗ କୋର୍ଟଚାଲାଣ

କଟକ,୭।୧୧(କାର୍ତ୍ତିକ ସାହୁ)

କଟକ ସହରରେ ଜଣେ ଦଳିତ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଦୁର୍ଗାପୂଜା ସମୟରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବାବେଳେ ୩ ଦିନ ତଳେ ଛାତ୍ରୀଜଣକ ବାଦାମବାଡ଼ି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତା ଛାତ୍ରୀଙ୍କ ପୁରୁଷବନ୍ଧୁ ଓ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ମଧ୍ୟ କରାଯାଇଛି। ଉକ୍ତ ଭିଡିଓ ଜରିଆରେ ଛାତ୍ରୀଙ୍କୁ ବ୍ଲାକମେଲ୍ କରି ଅଭିଯୁକ୍ତମାନେ ବାରମ୍ବାର ବଳାତ୍କାର କରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ୬ଯୁବକଙ୍କୁ ବୁଧବାର କୋର୍ଟଚାଲାଣ କରିଛି।

ଗତ ଦଶହରା ସମୟରେ କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଛାତ୍ରୀଜଣକ ତାଙ୍କ ପୁରୁଷବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ ପୁରୁଷବନ୍ଧୁ। ଏଥିରେ ସହଯୋଗ କରିଥିଲେ କାଫେ ମାଲିକ। କାଫେ ମାଲିକ ଓ ପୁରୁଷବନ୍ଧୁଙ୍କ ସାଙ୍ଗମାନେ ପୀଡ଼ିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ଉକ୍ତ ଭିଡିଓ ଦେଖାଇଥିଲେ। ଏହାପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ପୋଲିସ ମାମଲାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ଧରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣ ଝାଞ୍ଜିରିମଙ୍ଗଳା, ଜଣେ ବାରଙ୍ଗ, କାଫେ ମାଲିକ ଭଗତପୁର ଅଞ୍ଚଳର ଏବଂ ଅନ୍ୟ ଜଣେ ଅଭିଯୁକ୍ତ ଖୋର୍ଦ୍ଧା ନୟାଗଡ଼ ଅଞ୍ଚଳର ବୋଲି ସୂଚନା ମିଳିଛି। ଏସିପି ସ୍ୱସ୍ତିକ ପଣ୍ଡାଙ୍କ କହିବାନୁସାରେ, ଗଣବଳାତ୍କାର ଘଟଣାଟି ପୁରୀଘାଟ ଥାନା ଓ ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବା ଅଭିଯୋଗ ହୋଇଛି। ତେବେ ଛାତ୍ରୀଜଣକ ବାଦାମବାଡ଼ି ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବାରୁ ସେ ଏଠାରେ ଏତଲା ଦେଇଛନ୍ତି। ଗୁରୁତ୍ୱର ସହ ମାମଲାର ତଦନ୍ତ କରାଯାଉଛି।

# ରାଜ୍ୟରେ ରଦ୍ଦହେବ ଅନେକ ପୁରୁଣା ଆଇନ: ମୁଖ୍ୟମନ୍ତ୍ରୀ

**ଓଡ଼ିଶାରେ ଅନେକ ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ଚିହ୍ନଟ କରାଯାଇ ରଦ୍ଦ କରାଯିବ। ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କହିଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ବ୍ରିଟିଶ ଅମଳର ୩ ଆପରାଧିକ ଆଇନ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଗତ ଜୁଲାଇ ୧ରୁ ସାରା ଦେଶରେ ଲାଗୁ କରିଛନ୍ତି। ଏହି ୩ ଆଇନକୁ ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଂଶସା କରି କହିଛନ୍ତି, ଓଡ଼ିଶାରେ ଆଇନ କ୍ଷେତ୍ରରେ ସଂସ୍କାର ଅଣାଯିବ। ଆମ ଦେଶରେ ଆଇନକାନୁନ ବହୁତ ଅଧିକ। ସେଥିରୁ ଅଧିକାଂଶ ଆଉ ପ୍ରାସଙ୍ଗିକ ନୁହେଁ। ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦି ୧୫୫୦ରୁ ଅଧିକ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**



ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ଗୁରୁବାର ଆୟୋଜିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଜାଗୃତୀକରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ପୂର୍ବ ସରକାରରେ ଆଇନର ଶାସନ କାର୍ଯ୍ୟକାରୀ କରିବାକୁ ଇଚ୍ଛାଶକ୍ତିର ଅଭାବ ଥିଲା। ଆମ ଦେଶରେ ବିଭିନ୍ନ ଅପରାଧକୁ ସମାଧାନ କରିବା ପାଇଁ ଆଇନର ଅଭାବ ନାହିଁ, ଯଦି ଅଭାବ ଅଛି ସେଇଟା ହେଉଛି କାର୍ଯ୍ୟକାରୀ କରିବାରେ ଢିଲା ମନୋଭାବ। ମହିଳା ହିଂସା ସମ୍ପର୍କିତ ମକଦ୍ଦମାର ଦଣ୍ଡ ବିଧାନ ହାର ଏକକ ସଂଖ୍ୟାରେ ଅଛି। ୨୦୨୨ ସୁଦ୍ଧା ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ଏହି ହାର କେବଳ ୯.୩% ଯାହା ଲଜ୍ଜାଜନକ। ପୂର୍ବ ସରକାର ପ୍ରତିଦିନ ମହିଳା ସଶକ୍ତୀକରଣ କଥା କହୁଥିଲେ। ଓଡ଼ିଶାର ଏହି ଲଜ୍ଜାଜନକ ପରିସ୍ଥିତି ପାଇଁ ଖାମଖିଆଲି ଢଙ୍ଗରେ ତଦନ୍ତ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିଲା। କିନ୍ତୁ ବର୍ତ୍ତମାନ ଏସବୁ ଚାଲିବ ନାହିଁ। ଆଇନ ମନ୍ତ୍ରୀଙ୍କୁ ନିବେଦନ ଏହି କାମକୁ ଯୁଦ୍ଧକାଳୀନ ଭିତ୍ତିରେ ତଦାରଖ କରନ୍ତୁ ଏବଂ ଆବଶ୍ୟକ ହେଲେ ସ୍ୱତନ୍ତ୍ର କୋର୍ଟ ସ୍ଥାପନା କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବା ୩ଟି ଆଇନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ଭାରତୀୟ ସମ୍ବିଧାନ ଏବଂ ନ୍ୟାୟ ସଂହିତା। ଏହି ସଂହିତାକୁ ଆଧାରକରି ଆମ ନ୍ୟାୟ ବ୍ୟବସ୍ଥା ପରିଚାଳିତ ହୋଇଥାଏ। କିନ୍ତୁ ୧୮୬୦ରୁ ବ୍ରିଟିଶ ସରକାର ଯେଉଁ ସଂହିତାର ପ୍ରଣୟନ କରିଥିଲେ ତାକୁ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପାଳନ କରୁଥିଲୁ। କିନ୍ତୁ ଭାରତ ପରି ଏକ ବିବିଧତାରେ ପରିପୂର୍ଣ୍ଣ ସମାଜରେ ୧୬୪ ବର୍ଷର ନିୟମ କେତେଦୂର ପ୍ରାସଙ୍ଗିକ ସମସ୍ତେ ଜାଣନ୍ତି। ଏହାଛଡ଼ା ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏତେ ପୁରୁଣା ଆଇନ ଉଚିତ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣରୂପେ କ୍ଷମତାସମ୍ପନ୍ନ ନ ଥିଲା। ☞ ପୃଷ୍ଠା-୪



# ଶାହରୁଖ୍‌ଙ୍କୁ ହତ୍ୟା ଧମକ

## ରାୟପୁରରୁ ଆସିଥିଲା କଲ୍

ମୁମ୍ବାଇ,୭।୧୧

ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ପରେ ଶାହରୁଖ ଖାନ୍‌ଙ୍କୁ ହତ୍ୟା ଧମକ ମିଳିଛି। ଗତ ୫ ତାରିଖରେ ମୁମ୍ବାଇର ବାନ୍ଦ୍ରା ଥାନାରେ ଶାହରୁଖଙ୍କ ପାଇଁ ଏକ ଧମକପୂର୍ଣ୍ଣ କଲ୍ ଆସିଥିଲା। ଧମକ ଦେଇଥିବା ବ୍ୟକ୍ତି ନିଜ ପରିଚୟ ଲୁଚାଇ କହିଥିଲେ, ଶାହରୁଖ୍‌ଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ଦିଆ ନ ଗଲେ ତାଙ୍କୁ ହତ୍ୟା କରାଯିବ। ଏହି ଧମକ ଆସିବା ପରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୩୦୮(୪) ଏବଂ ୩୫୧(୩)(୪) ଅନୁଯାୟୀ ଏଫ୍‌ଆଇଆର୍ ରୁଜୁ କରାଯାଇଥିବା ଗୁରୁବାର ବାନ୍ଦ୍ରା ଥାନା ପୋଲିସ ସୂଚନା ଦେଇଛି। ଧମକ ଆସିଥିବା ନମ୍ବରକୁ ପୋଲିସ ଟ୍ରେସ୍ କରିଛି। ଏହା ଛତିଶଗଡ଼ର ☞ ପୃଷ୍ଠା-୪

# ଜାନୁଆରୀରୁ ମିଳିବ ଚାଉଳ ସହ ଗହମ

ଭୁବନେଶ୍ୱର, ୭।୧୧(ଅନିଲ ଦାସ)

ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରୁ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନାଦେଇ ମନ୍ତ୍ରୀ କହିଛନ୍ତି, ଗହମ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ସରକାରୀ ସ୍ତରରେ କାମ ସରି ନ ଥିବାରୁ ୨ ମାସ ବିଳମ୍ବ ହେବ। କିଛି ହିତାଧିକାରୀ ଚାଉଳ ସହ ଗହମ ନେବାକୁ ଚାହୁଁନାହାନ୍ତି। ଆଉ କିଛି ଲୋକ ଗହମ ନେବାକୁ ଚାହୁଁଛନ୍ତି। କେଉଁ ଜିଲାରୁ କେତେ ହିତାଧିକାରୀ ଗହମ ଚାହୁଁଛନ୍ତି, ସେ ନେଇ ଜିଲାପାଳମାନଙ୍କୁ ତଥ୍ୟ ମଗାଯାଇଛି। ସେହି ଅନୁସାରେ ପ୍ରତ୍ୟେକ ଜିଲାକୁ ଗହମ ପଠାଯିବ। ସେଥିପାଇଁ ଟେଣ୍ଡର ଆହ୍ୱାନ କରାଯିବ। ଏଥିପାଇଁ କିଛିଏ ବିଳମ୍ବ ହେଉଛି। ତେବେ ଜାନୁଆରୀ ମାସରୁ ଚାଉଳ ସହ ଗହମ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୌରଶକ୍ତିର ଉଜ୍ଜ୍ୱଳ ଭବିଷ୍ୟତ**



ଭୁବନେଶ୍ୱର କୁଆଖାଇ ନଦୀରେ ଗୁରୁବାର ଅପରାହ୍ଣରେ ବିହାରୀ ମହିଳାମାନେ ଛଟ୍ ପୂଜା କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ସମ୍ପତ୍ତି ଲୋଭରୁ ମା’ ଝିଅଙ୍କୁ ହତ୍ୟା, ବାପପୁଅ ଗିରଫ

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)

ସମ୍ପତ୍ତି ପାଇଁ ମା’ ଓ ଝିଅ ପ୍ରତିବନ୍ଧକ ସାଜିଥିଲେ। ତେଣୁ ସବୁଦିନ ପାଇଁ ବାଟରୁ ହଟାଇ ଦେବା ଲକ୍ଷ୍ୟରେ ମଙ୍ଗଳବାର ବିଳମ୍ବିତ ରାତିରେ ଉଭୟଙ୍କୁ ଗାମୁଛାରେ ଶ୍ୱାସରୁଦ୍ଧ କରି ମାରିଦେଲୁ। ପରେ ଉକ୍ତ ଘରେ ନିଆଁ ଲଗାଇ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ ପୂର୍ବକ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରିଥିଲୁ। ସମ୍ବଲପୁର ସଦର ଥାନା ତଥା ମାନେଶ୍ୱର ବ୍ଲକ ହାଟପଦା ଗ୍ରାମରେ, ଘରେ ମା’ ଝିଅ ଜବନ୍ତ ଦଗ୍ଧ ଘଟଣାରେ ଅଟକ ଥିବା ଜଗନ୍ନାଥ ଦୀକ୍ଷିତ(୫୮) ଓ ତାଙ୍କ ପୁଅ ସଙ୍କେତ ଦୀକ୍ଷିତ(୨୬) ପୋଲିସ ନିକଟରେ ଏଭଳି ବର୍ଣ୍ଣନା କରିଛନ୍ତି। ଗୁରୁବାର ସମ୍ବଲପୁର ସଦର ଥାନା ପୋଲିସ ଉଭୟ ବାପ ଓ ପୁଅଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ ରିକ୍ରିଏଶନ କରାଇଥିଲା। ଏହାକୁ ନେଇ ସଦର ଥାନାରେ ଭାରତୀୟ ନ୍ୟାୟ ସଂହିତା ଆଇନ ଧାରା ୧୦୩(୧), ୨୩୮ ଓ ୩(୫)ରେ ଏକ ମାମଲା (ନଂ.୨୯୭/୨୪)ରୁଜୁ କରିଛି। ଅଭିଯୁକ୍ତ ବାପ ଓ ପୁଅଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସଦର ଏସ୍‌ଡିପିଓ ତୋଫାନ ବାଗ୍‌ଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସମ୍ବଲପୁର ସଦର ଥାନା ତଥା ମାନେଶ୍ୱର ବ୍ଲକ ହାଟପଦା ଗ୍ରାମରେ ଏକ ଦୁଇମହଲା କୋଠାର ଉପର ମହଲାରେ ହଠାତ୍ ନିଆଁ ଲାଗିଯିବାରୁ ସେଠାରେ ରହୁଥିବା ସ୍ନେହଲତା(୯୫) ଓ ତାଙ୍କ ଝିଅ ସୈରେନ୍ଦ୍ରୀ(୬୨) ଜୀବନ୍ତ ଜଳିଯାଇ ପ୍ରାଣ ହରାଇଥିଲେ। ପ୍ରଥମେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ସ୍ପଷ୍ଟ ହୋଇ ନ ଥିଲା। ମାତ୍ର ସ୍ନେହଲତାଙ୍କ ସାନଝିଅ ଇନ୍ଦ୍ରାଣୀ ପୁରୋହିତଙ୍କ ଏତଲା ଆଧାରରେ ଉକ୍ତ କୋଠାର ତଳ ମହଲାରେ ରହୁଥିବା ସ୍ନେହଲତାଙ୍କ ପୁଅ ଜଗନ୍ନାଥ ଓ ନାତି ସଙ୍କେତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ଜେରାବେଳେ ଉଭୟେ ସମ୍ପତ୍ତି ଲୋଭରେ ସ୍ନେହଲତା ଓ ସୈରେନ୍ଦ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ☞ ପୃଷ୍ଠା-୪

# ନିଯୁକ୍ତି ପ୍ରକ୍ରିୟା ପରେ ବଦଳିବନି ଯୋଗ୍ୟତା ମାପକାଠି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧୧

ସରକାରୀ ଚାକିରି ପାଇଁ ଉଦ୍ଦିଷ୍ଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ପରେ ଯୋଗ୍ୟତା ମାପକାଠି ସମ୍ପର୍କିତ ନିୟମରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୫ରେ ଏହି ପ୍ରସଙ୍ଗରେ ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।

ଜଷ୍ଟିସ୍ ହୃଷୀକେଶ ରୟ, ପି.ଏସ୍. ନରସିଂହା, ପଙ୍କଜ ମିତ୍ତଲ ଏବଂ ମନୋଜ ମିଶ୍ରା ସାମିଲ ଥିବା ସାମ୍ବିଧାନିକ ପୀଠ ସର୍ବସମ୍ମତି କ୍ରମେ ରାୟ ଦେଇ କହିଛନ୍ତି, ଦରଖାସ୍ତ ଆହ୍ୱାନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥାଏ ଏବଂ ଖାଲି ଥିବା ପଦବୀ ପୂରଣ ହେବା ପରେ ତାହା ଶେଷ ହୋଇଥାଏ। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ପରେ ଅଧିସୂଚିତ ସୂଚୀରେ ରଖାଯିବା ପାଇଁ ଯୋଗ୍ୟତା ମାପଦଣ୍ଡକୁ ନିଯୁକ୍ତି ପ୍ରକ୍ରିୟା ମଝିରେ ବଦଳାଯାଇପାରିବ ନାହିଁ, ଯେତେବେଳ ପର୍ଯ୍ୟନ୍ତ ପ୍ରଚଳିତ ନିୟମ ଏଥିଲାଗି ଅନୁମତି ପ୍ରଦାନ ନ କରୁଛି କିମ୍ବା ବିଜ୍ଞାପନ (ଯାହାକି ପ୍ରଚଳିତ ନିୟମର ବିପରୀତ ହୋଇ ନ ଥିବ) ଏହାକୁ ଅନୁମତି ନ ଦେଉଛି। ଯଦି ପ୍ରଚଳିତ ନିୟମ କିମ୍ବା ବିଜ୍ଞାପନ ଅନୁସାରେ ମାପଦଣ୍ଡରେ ପରିବର୍ତ୍ତନ ଅନୁମତିଯୋଗ୍ୟ ତେବେ ପରିବର୍ତ୍ତନକୁ ସମ୍ବିଧାନର ଅନୁଚ୍ଛେଦ ୧୪(ସମାନତା ଅଧିକାର)ର ଆବଶ୍ୟକତା ପୂରଣ କରିବାକୁ ପଡ଼ିବ ଏବଂ ଅଣସ୍ୱେଚ୍ଛାଚାରିତାର ପରୀକ୍ଷଣକୁ ସନ୍ତୁଷ୍ଟ କରିବାକୁ ପଡ଼ିବ।

ଆବଶ୍ୟକ ହେଲେ ନିୟମାନୁସାରେ ସରକାରୀ ଚାକିରି ସକାଶେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ନିଯୁକ୍ତିକୁ ସମ୍ପୂର୍ଣ୍ଣ କରିବା ପାଇଁ ଉପଯୁକ୍ତ ପ୍ରକ୍ରିୟା ଆରମ୍ଭ କରିପାରିବେ। ତେବେ ଉକ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ, ବୈଷମ୍ୟରହିତ ଓ ଅଣସ୍ୱେଚ୍ଛାଚାରୀ ହେବା ଜରୁରୀ ବୋଲି ଜଷ୍ଟିସ୍ ମିଶ୍ରା ରାୟ ଶୁଣାଇବାବେଳେ କହିଛନ୍ତି। ଯେତେବେଳେ ପଦବୀ ଖାଲି ରହିଥାଏ କର୍ତ୍ତୃପକ୍ଷ ବିଚାରଯୋଗ୍ୟ ତାଲିକାରେ ନାମ ଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ବିନା କୌଣସି ଯୁକ୍ତିଯୁକ୍ତ କାରଣରେ ନିଯୁକ୍ତି ପ୍ରଦାନ କରିବାକୁ ମନା କରିପାରିବେ ନାହିଁ।

ଏହି ରାୟ ସହ ସରକାରୀ ଚାକିରିରେ ନିଯୁକ୍ତି ଯୋଗ୍ୟତା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ହୋଇଛି। ୨୦୧୩ ମାର୍ଚ୍ଚରେ ତେଜ ପ୍ରକାଶ ପାଠକ ଏବଂ ଓଗେର ବନାମ ରାଜସ୍ଥାନ ହାଇକୋର୍ଟ ଏବଂ ଓଗେର ମାମଲାର ଶୁଣାଣି ବେଳେ ୩ ବିଚାରପତି ବିଶିଷ୍ଟ ଖଣ୍ଡପୀଠ ଏହି ପ୍ରସଙ୍ଗ ଉଠାଇଥିଲେ। ପୂର୍ବ ଖଣ୍ଡପୀଠ ‘ରୁଲ୍ସ ଅଫ୍ ଦି ଗେମ୍’ରେ ପରିବର୍ତ୍ତନ କରିବା ନେଇ ସରକାର ବିରୋଧୀ ସିଦ୍ଧାନ୍ତକୁ ଗୁରୁତ୍ୱ ଦେଇ ୧୯୬୫ରେ ଦିଆଯାଇଥିବା ଏକ ରାୟର ଅବତାରଣା କରିଥିଲେ। ‘ରୁଲ୍ସ ଅଫ୍ ଦି ଗେମ୍ ପରିପ୍ରେକ୍ଷୀରେ ☞ ପୃଷ୍ଠା-୪

# ୪ ଧାମକୁ ଗଡ଼ିବ ସ୍ୱତନ୍ତ୍ର ବସ୍

## ରିହାତି ଦରରେ ଯାଇପାରିବେ ଯାତ୍ରୀ

ଭୁବନେଶ୍ୱର,୭।୧୧(ଅନିଲ ଦାସ)

ଚାରି ଧାମ ସମେତ ପୁରୀରୁ ଅଯୋଧ୍ୟା, ତିରୁପତି, ମଥୁରା ଓ ବୃନ୍ଦାବନ ଭଳି ଦେଶର ପ୍ରମୁଖ ତୀର୍ଥକ୍ଷେତ୍ରଗୁଡ଼ିକକୁ ସ୍ୱତନ୍ତ୍ର ବସ୍ ସେବା ଆରମ୍ଭ ହେବ। ତୀର୍ଥ ଯାତ୍ରୀମାନେ ନୂଆ ବର୍ଷ ପୂର୍ବରୁ ସୁଲଭ ମୂଲ୍ୟରେ ରାଜ୍ୟ ବାହାରର ବିଭିନ୍ନ ତୀର୍ଥ କ୍ଷେତ୍ରକୁ ଯାତ୍ରା କରିପାରିବେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନାଦେଇ ମନ୍ତ୍ରୀ କହିଛନ୍ତି, ସ୍ୱତନ୍ତ୍ର ବସ୍ ସେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି। ଆବଶ୍ୟକ ଅନୁଯାୟୀ ସ୍ୱତନ୍ତ୍ର ଭଲ୍‌ବୋ ବସ୍ ମଧ୍ୟ ଆସି ସାରିଛି। ଏଥିପାଇଁ ରୁଟ୍ ପରମିଟ୍ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ନୂଆବର୍ଷ ପୂର୍ବରୁ ଏହି ବସ୍‌ସେବା ପ୍ରଚଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତୀର୍ଥଯାତ୍ରୀ ଓ ମହିଳାମାନଙ୍କ ପାଇଁ ଟିକେଟ୍ ଦାମ୍‌ରେ କୋହଳ କରାଯିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ବାହାର ରାଜ୍ୟକୁ ଭୁବନେଶ୍ୱରରୁ କିଭଳି ଅଧିକ ଗାଡ଼ି ସଂଯୋଗ କରାଯାଇପାରିବ ସେଥିପାଇଁ ସରକାର ପଦକ୍ଷେପ ନେଉଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ୨୦୧୬ ଫେବୃୟାରୀ ପହିଲାରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଭାରତୀୟ ରେଲୱେ କାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ୬୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ସରକାରଙ୍କ ସହାୟତାରେ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ ପାଇଁ ବ୍ୟବସ୍ଥା ହୋଇଛି।



**ଶିବସେନା(ୟୁବିଟି) ଘୋଷଣାପତ୍ରରେ ଧାରାଭି ଉଚ୍ଛେଦ ପ୍ରତିଶ୍ରୁତି**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ଶିବସେନା(ୟୁବିଟି)ର ଘୋଷଣାପତ୍ରକୁ ଦଳୀୟ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଜାରି କରିଛନ୍ତି। ସରକାରକୁ ଆସିଲେ ଧାରାଭି ପ୍ରକଳ୍ପକୁ ଉଚ୍ଛେଦ କରିବା ପାଇଁ ତାଙ୍କ ଦଳ ପ୍ରତିଶ୍ରୁତିବଦ୍ଧ। ଏହାସହ ଧାରାଭି ବସ୍ତିକୁ ଆର୍ଥିକ କେନ୍ଦ୍ର ରୂପେ ନିର୍ମାଣ କରିବା ପାଇଁ ତାଙ୍କ ଦଳ ଲକ୍ଷ୍ୟ ରଖିଛି। ସେହିପରି ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ସହ ଫସଲ ପାଇଁ କୃଷକଙ୍କୁ ଉଚିତ୍ ଗ୍ୟାରେଣ୍ଟି ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଜେଟ୍ ଏୟାରୱେଜ୍‌ର ସମ୍ପତ୍ତି ବିକ୍ରି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ




**ନୂଆଦିଲ୍ଲୀ, ୭।୧୧**

ଏୟାରଲାଇନ୍‌କମ୍ପାନୀ ଜେଟ୍‌ଏୟାରୱେଜ୍‌କୁ ଗୁରୁବାର ସୁପ୍ରିମକୋର୍ଟଙ୍କଠାରୁ ଝଟକା ମିଳିଛି। ବନ୍ଦ ରହିଥିବା ଏହି ଏୟାରଲାଇନ୍‌ର ସମ୍ପତ୍ତିକୁ ବିକ୍ରି କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜେଟ୍ ଏୟାରୱେଜ୍ ଏୟାରଲାଇନ୍ ଆଉ କେବେ ମଧ୍ୟ ଉଡ଼ାଣ ଭରି ପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ, ସୁପ୍ରିମକୋର୍ଟ ନିଜର ସ୍ୱତନ୍ତ୍ର ସାମ୍ବିଧାନିକ କ୍ଷମତାକୁ ବ୍ୟବହାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଜେଟ୍ ଏୟାରୱେଜ୍‌ର ରିଜୋଲ୍ୟୁଶନ୍ ପ୍ଲାନକୁ ବଜାୟ ରଖିବା ପାଇଁ ନ୍ୟାଶ୍‌ନାଲ୍ କମ୍ପାନୀ ଲ ଆପ୍ଲେଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ପକ୍ଷରୁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

# ଭାଙ୍ଗିଲା ଓଲାଫ୍‌ଙ୍କ ମେଣ୍ଟ ସରକାର

## ଅର୍ଥମନ୍ତ୍ରୀଙ୍କୁ ବିଦାକରିବା ପରେ ଜର୍ମାନୀରେ ଘନେଇଲା ରାଜନୈତିକ ସଙ୍କଟ

ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜ ଏକ ନାଟକୀୟ ଘଟଣାକ୍ରମେ ନିଜ କ୍ୟାବିନେଟ୍‌ରୁ ଅର୍ଥମନ୍ତ୍ରୀ ଖ୍ରୀଷ୍ଟିଆନ୍ ଲିଣ୍ଡ୍‌ନେରଙ୍କୁ ବରଖାସ୍ତ କରିଛନ୍ତି। ଫ୍ରି ଡେମୋକ୍ରାଟ୍ସ ଦଳର ଲିଣ୍ଡ୍‌ନେର ବଜେଟ ବିବାଦକୁ ନେଇ ବିରୋଧର ସମ୍ମୁଖୀନ ହୋଇଆସୁଥିଲେ। ସେ ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିଲେ। ଏପରି କି ଜାଲିଆତି ମାମଲାରେ ଆଇନକୁ ମଧ କାର୍ଯ୍ୟାନୁଷ୍ଠାନ ନେବାରୁ ରୋକୁଥିଲେ ବୋଲି ଅଭିଯୋଗ ଆସିଥିଲା। ଏଥିଯୋଗୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରାଯାଇଥିବା ଚାନ୍ସେଲର କହିଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାର କିଛି ଘଣ୍ଟା ପରେ ଘଟିଥିବା ଏହି ଘଟଣାକ୍ରମ ୟୁରୋପର ସର୍ବବୃହତ୍ ଅର୍ଥବ୍ୟବସ୍ଥା ଜର୍ମାନୀରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ଓଲାଫ୍ ସ୍କୋଲ୍‌ଜ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ଦର୍ଶାଇ ଗୁରୁବାର ବିରୋଧୀ ଦଳଗୁଡ଼ିକ ଆଗୁଆ ନିର୍ବାଚନ ଦାବି କରିଛନ୍ତି।

- ଜର୍ମାନୀର ୩ ଦଳୀୟ ମେଣ୍ଟ ସରକାରରେ ଅନ୍ତଃକଳହ ଲାଗିରହିଥିଲା
- ଚାନ୍ସେଲର ଜାନୁଆରୀରେ ଆସ୍ଥାଭୋଟ, ମାର୍ଚ୍ଚରେ ନିର୍ବାଚନ ଚାହାନ୍ତି
- ବିରୋଧୀ କଞ୍ଜରଭେଟିଭ୍ସ କହିଛନ୍ତି, ସେମାନେ ଏତେ ଦୀର୍ଘ ସମୟ ଅପେକ୍ଷା କରିପାରିବେ ନାହିଁ
- ଅର୍ଥନୀତି ବୁଡ଼ିବାରେ ଲାଗିଥିବାବେଳେ ସୃଷ୍ଟି ହୋଇଛି ରାଜନୈତିକ ସଙ୍କଟ
- ଦେଶର ଶିଳ୍ପ ଜଗତ ଯେତେ ଶୀଘ୍ର ସମ୍ଭବ ନିର୍ବାଚନ କରାଇବାକୁ ଦାବି କରିଛି


ଖ୍ରିଷ୍ଟିଆନ୍ ଲିଣ୍ଡ୍‌ନେର


ଓଲାଫ୍ ସ୍କୋଲ୍‌ଜ


ଜୋଏର୍ଜ କୁକିଜ୍

**ବର୍ଲିନ,୭।୧୧**

ଜର୍ମାନୀ ମେଣ୍ଟ ସରକାରରେ ଦୀର୍ଘ ସମୟ ଧରି ଅନ୍ତର୍କଳହ ଲାଗି ରହିଥିଲା। ବୁଧବାର ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜ ନିଜ ମନ୍ତ୍ରିମଣ୍ଡଳରୁ ଅର୍ଥମନ୍ତ୍ରୀଙ୍କୁ ବହିଷ୍କାର କରିବା ପରେ ମେଣ୍ଟ ସରକାର ଭାଙ୍ଗିଯାଇଛି। ସରକାର ସଂଖ୍ୟାଲଘୁରେ ପରିଣତ ହେବା ପରେ ବିରୋଧୀ କଞ୍ଜରଭେଟିଭ୍ସ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜଙ୍କୁ ତୁରନ୍ତ ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଛି। ଏଥିସହ ଜାନୁଆରୀରେ ନିର୍ବାଚନ କରାଇବା ପାଇଁ ଅନୁରୋଧ କରିଛି। ସେଣ୍ଟର-ଲେଫ୍ଟ ସୋସିଆଲ ଡେମୋକ୍ରାଟ୍ସ (ଏସ୍‌ପିଡି) ସ୍କୋଲ୍‌ଜ କହିଛନ୍ତି, ବିତ୍ତୀୟ ସଂରକ୍ଷଣବାଦୀ ଫ୍ରି ଡେମୋକ୍ରାଟ୍ସ (ଏଫ୍‌ଡିପି) ନେତା ଖ୍ରିଷ୍ଟିଆନ୍ ଲିଣ୍ଡ୍‌ନେରଙ୍କୁ ଅର୍ଥମନ୍ତ୍ରୀ ପଦରୁ ହଟାଇଦେଇଛନ୍ତି। ୟୁକ୍ରେନ୍ ଓ ନିଜ ଦେଶର ଅର୍ଥନୀତି ପାଇଁ ଅଧିକ ପାଣ୍ଠି ଯୋଗାଡ଼ ସକାଶେ ଚାଲିଥିବା ଯୋଜନାକୁ ଲିଣ୍ଡ୍‌ନେର ବିରୋଧ କରିବାରୁ ଏପରି ପଦକ୍ଷେପ ନିଆଯାଇଥିବା ଚାନ୍ସେଲର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକ୍ରମ ପରେ ଏଫ୍‌ଡିପି ମେଣ୍ଟ ସରକାରରୁ ନିଜ ସମର୍ଥନ ପ୍ରତ୍ୟାହାର କରିନେଇଛି। ଫଳରେ ସରକାରରେ ବର୍ତ୍ତମାନ ସ୍କୋଲ୍‌ଜଙ୍କ ଏସ୍‌ପିଡି ଏବଂ ଗ୍ରୀନ୍ସ ରହିଛନ୍ତି। ଚାନ୍ସେଲର କହିଛନ୍ତି, ସେ ୨୦୨୫ ଜାନୁଆରୀରେ ଆସ୍ଥାଭୋଟର ସମ୍ମୁଖୀନ ହେବେ, ଯହିଁରେ ସେ ପରାଜିତ ହୋଇପାରନ୍ତି। ଜର୍ମାନୀରେ ୨୦୨୫ ସେପ୍ଟେମ୍ବରରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏପରି ହେଲେ ନିର୍ଦ୍ଧାରିତ ଅବଧିର ୬ ମାସ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ଶେଷ ସୁଦ୍ଧା ଭୋଟ କରାଇବାକୁ ପଡ଼ିବ। ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି, ସ୍କୋଲ୍‌ଜଙ୍କ ଏସ୍‌ପିଡିର ବରିଷ୍ଠ ସହଯୋଗୀ ଜୋଏର୍ଜ କୁକିଜ୍ ଦେଶର ନୂଆ ଅର୍ଥମନ୍ତ୍ରୀ ହେବେ। ନ୍ୟାଶନାଲ ପୋଲ୍‌ଗୁଡ଼ିକରେ ଆଗୁଆ ଥିବା ବିରୋଧୀ କଞ୍ଜରଭେଟିଭ୍ସ ନେତା ଫ୍ରିଏଡ୍ରିଚ୍ ମେର୍ଜ ଆସନ୍ତା ସପ୍ତାହ ସୁଦ୍ଧା ଆସ୍ଥାଭୋଟ କରାଯାଉ ବୋଲି ଦାବି କରିଛନ୍ତି। ଆସନ୍ତା ବର୍ଷ ଜାନୁଆରୀ ଦ୍ୱିତୀୟାର୍ଦ୍ଧରେ ନିର୍ବାଚନ ହୋଇପାରେ ବୋଲି ସେ କହିଛନ୍ତି। ତାଙ୍କ ମନ୍ତବ୍ୟକୁ ଅନ୍ୟ ବିରୋଧୀ ଦଳଗୁଡ଼ିକ ସମର୍ଥନ କରିଛନ୍ତି। ଜର୍ମାନୀରେ ସଂଖ୍ୟାଗରିଷ୍ଠତା ନ ଥିବା ଏକ ସରକାରକୁ ଆମେ ଅନେକ ମାସ ଧରି ବରଦାସ୍ତ କରିପାରିବୁ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ ସ୍ପଷ୍ଟ କରିଛନ୍ତି। ମୁଦ୍ରାସ୍ଫୀତି ସାଙ୍ଗକୁ ଏସୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ କଡ଼ା ଟକ୍କର ଯୋଗୁ ବ୍ୟୟ ବୃଦ୍ଧିକୁ ସାମ୍ନା କରୁଥିବା ଜର୍ମାନୀ ଶିଳ୍ପ ଯେତେ ଶୀଘ୍ର ସମ୍ଭବ ଦେଶରେ ନିର୍ବାଚନ କରାଇବାକୁ ଦାବି କରିଛି। ସେହିପରି ଅର୍ଥନୀତିଜ୍ଞ କାଷ୍ଟେନ୍ ବରଜେସ୍କି କହିଛନ୍ତି, ଦେଶରେ ଆର୍ଥିକ ସଙ୍କଟ ଲାଗିରହିଥିବାବେଳେ ମେଣ୍ଟ ସରକାରର ପତନ ପ୍ରକାରାନ୍ତେ ଆଶୀର୍ବାଦ ହୋଇପାରେ। କାରଣ ନିର୍ବାଚନ ହେଲେ ନୂଆ ସରକାର ଆସିବା ଯଥେଷ୍ଟ ସମ୍ଭାବନା ରହିଛି। ନୂଆ ସରକାର ନୂଆ ନୀତି ଆଣି ଜର୍ମାନୀକୁ ଆର୍ଥିକ ଅନିଶ୍ଚିତତାରୁ ବାହାର କରିବାରେ ସକ୍ଷମ ହୋଇପାରେ।

ଦେଶବ୍ୟାପୀ କରାଯାଇଥିବା ସର୍ଭେରେ ବର୍ତ୍ତମାନ ଏସ୍‌ପିଡି ତୁଳନାରେ ବିରୋଧୀ କଞ୍ଜରଭେଟିଭ୍ସ ପ୍ରତି ଜର୍ମାନୀ ଭୋଟରଙ୍କ ୨ ଗୁଣା ସମର୍ଥନ ରହିଛି। ଫୋର୍ସା ପକ୍ଷରୁ ମଙ୍ଗଳବାର ପ୍ରକାଶିତ ପୋଲ୍‌ରେ କଞ୍ଜରଭେଟିଭ୍ସକୁ ୩୩% ଭୋଟର ସମର୍ଥନ କରୁଥିବାବେଳେ ଏସ୍‌ପିଡି ଏବଂ ଫାର୍-ରାଇଟ୍ ଅଲ୍ଟରନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ପ୍ରତି ୧୬% ସମର୍ଥନ ରହିଛି। ଗ୍ରୀନ୍ସ ୧୦%, ନ୍ୟୁ ପପୁଲିଷ୍ଟ ଲେଫ୍ଟିଷ୍ଟ ବିଏସ୍‌ଡବ୍ଲ୍ୟୁ ୬% ସମର୍ଥନ ପାଇବା ଆଶା କରାଯାଉଛି।

### ଟି-ଶାର୍ଟରେ ଲରେନ୍ସଙ୍କ ଫଟୋ: ଫ୍ଲିପ୍‌କାର୍ଟ ବିରୋଧରେ ମାମଲା

**ମୁମ୍ବାଇ, ୭।୧୧**

ମହାରାଷ୍ଟ୍ରର ସାଇବର ବିଭାଗ ଗୁରୁବାର ଫ୍ଲିପ୍‌କାର୍ଟ, ଅଲି ଏକ୍ସପ୍ରେସ, ଟିଶ୍‌ପର, ଏଟସି ଇଣ୍ଡିଆ ଆଦି ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ମାମଲା ରୁଜୁ କରିଛି। ଉକ୍ତ ପ୍ଲାଟ୍‌ଫର୍ମଗୁଡ଼ିକରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଦାଉଦ ଇବ୍ରାହିମର ଫଟୋ ଥିବା ଟି-ଶାର୍ଟ ବିକ୍ରି ହେଉଥିବା ନେଇ ମହାରାଷ୍ଟ୍ର ସାଇବର ବିଭାଗ କହିଛି। ସମ୍ପୃକ୍ତ ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ପକ୍ଷରୁ ବିଭିନ୍ନ ଗ୍ୟାଙ୍ଗଷ୍ଟର ଏବଂ ଆପରାଧିକ ଗତିବିଧିରେ ଲିପ୍ତ ଥିବା ଲୋକଙ୍କୁ ଗ୍ଲାମରାଇଜ୍ ଏବଂ ପ୍ରମୋଟ୍ କରାଯାଉଛି ବୋଲି ଏଫ୍‌ଆଇଆର୍‌ରେ ଉଲ୍ଲେଖ ରହିଛି। ଏପରି ଆପରାଧିକ ଜଗତ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କର ଫଟୋ ଥିବା ଟି-ଶାର୍ଟବିକ୍ରିହେବା ଦ୍ୱାରା ସମାଜରେ ଏବଂ ଯୁବକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବାର ସମ୍ଭାବନା ରହିଛି ବୋଲି ମହାରାଷ୍ଟ୍ର ସାଇବର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




### ଅନୁଚ୍ଛେଦ ୩୭୦: ଜମ୍ମୁ-କଶ୍ମୀର ବିଧାନସଭାରେ ଧସ୍ତାଧସ୍ତି

**ଶ୍ରୀନଗର,୭।୧୧**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇ ଆଣିବା ପାଇଁ କେନ୍ଦ୍ରଶାଶସିତ ଅଞ୍ଚଳର ବିଧାନସଭାରେ ସଂକଳ୍ପନାମା ପାରିତ ହେବାର ଦିନକ ପରେ ଗୁରୁବାର ହାଇଡ୍ରାମା ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରେ ବିରୋଧୀ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ପ୍ରବଳ ହଙ୍ଗାମା କରିଥିଲେ। ସେମାନେ ଉକ୍ତ ସଙ୍କଳ୍ପନାମାକୁ ବେଆଇନ ଦର୍ଶାଇ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ତେବେ ଗୃହରେ ଗୃହୀତ ହୋଇସାରିଥିବା କୌଣସି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ପାଇଁ ବାଚସ୍ପତି ଅବ୍‌ଦୁଲ ରହିମ ରାଥେର ତାଙ୍କ ନିକଟରେ କ୍ଷମତା ନ ଥିବା କହିଥିଲେ। ଏଥିସହ ଭାଜପା ସଦସ୍ୟଙ୍କୁ ଗୃହରୁ ହଟାଇବା ପାଇଁ ମାର୍ଶଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇଡ୍ରାମା ଭିତରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏବଂ ପିପୁଲ୍ସ କନ୍‌ଫରେନ୍ସର ବିଧାୟକମାନେ ଅନୁଚ୍ଛେଦ ୩୭୦ ଏବଂ ୩୫ଏକୁ ତୁରନ୍ତ ସମ୍ବିଧାନରେ ମୂଳ ରୂପରେ ପୁନଃ ଅବସ୍ଥାପିତ କରାଯାଉ ବୋଲି ଦାବି କରିଥିଲେ। ବିରୋଧୀ ଦଳ ନେତା ସୁନୀଲ ଶର୍ମା କହୁଥିବାବେଳେ ଆୱାମୀ ଇତ୍ତେହାଦ୍ ପାର୍ଟି ନେତା ଶେଖ୍ ଖୁର୍ସିଦ ଗୃହ ମଧ୍ୟଭାଗକୁ ଡେଇଁ ପଡ଼ିଥିଲେ। ଖୁର୍ସିଦ ଧରିଥିବା ବ୍ୟାନରରେ ଲେଖାଥିଲା ୩୭୦ ଓ ୩୫ଏକୁ ପୁନଃ ଅବସ୍ଥାପିତ କରାଯାଉ। ଭାଜପା ସଦସ୍ୟମାନେ ମଧ୍ୟ ମଧ୍ୟଭାଗକୁ ଡେଇଁ ପତାକା ଛଡ଼ାଇନେଇ ଚିରିଦେଇଥିଲେ। ପିପୁଲ୍ସ କନ୍‌ଫରେନ୍ସ ସଦସ୍ୟ ସଜାଦ ଲୋନ୍ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାରୁ ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିଲା। ହାଇଡ୍ରାମା ଭିତରେ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।


ଜମ୍ମୁ-କଶ୍ମୀର ବିଧାନସଭା ବାଚସ୍ପତି ଗୁରୁବାର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଫେରସ୍ତ ପ୍ରସଙ୍ଗରେ ବିକ୍ଷୋଭରତ ବିରୋଧୀ ସଦସ୍ୟଙ୍କୁ ହଟାଇବା ପାଇଁ ନିର୍ଦ୍ଦେଶ ଦେବା ପରେ ଗୃହରେ ହଙ୍ଗାମା ଓ ଧସ୍ତାଧସ୍ତି।

## ଅବକାଶ ଛୁଟିଦିନ ଏଣିକି 'ଆଂଶିକ ନ୍ୟାୟାଳୟ କାର୍ଯ୍ୟ ଦିବସ'



**ନୂଆଦିଲ୍ଲୀ,୭।୧୧**

ସୁପ୍ରିମକୋର୍ଟରେ ପାରମ୍ପରିକ ଭାବେ ଚାଲିଆସିଥିବା ଅବକାଶକାଳୀନ ଖରାଛୁଟି ଏଣିକି 'ଆଂଶିକ ନ୍ୟାୟାଳୟ କାର୍ଯ୍ୟ ଦିବସ' ରୂପେ ପରିଚିତ ହେବ। ସୁପ୍ରିମକୋର୍ଟ ରୁଲ୍ସ, ୨୦୧୩ (ବର୍ତ୍ତମାନ ଦ୍ୱିତୀୟ ସଂଶୋଧନ ରୁଲ୍ସ, ୨୦୨୪) ଅନୁସାରେ ନଭେମ୍ବର ୫ରେ ପ୍ରକାଶିତ ବିଜ୍ଞପ୍ତିରେ ଏହି ଘଟଣାକ୍ରମ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଆଂଶିକ କୋର୍ଟ କାର୍ଯ୍ୟ ଦିବସଗୁଡ଼ିକର ଅବଧି ଓ ଛୁଟିଦିନ ସଂଖ୍ୟା ପ୍ରଧାନ ବିଚାରପତି ସ୍ଥିର କରିବେ। ପ୍ରତ୍ୟେକ ରବିବାରକୁ ଛାଡ଼ି ୯୫ ଦିନରୁ ଅଧିକ ଛୁଟି ଦିଆଯାଇପାରିବ ନାହିଁ। ଆଂଶିକ କାର୍ଯ୍ୟ ଦିବସ କିମ୍ବା ଛୁଟି ଦିନଗୁଡ଼ିକରେ ଶୁଣାଣି ପାଇଁ ସିଜେଆଇ ଅନ୍ୟ ଜଣେ କିମ୍ବା ଏକାଧିକ ବିଚାରପତିଙ୍କୁ ନିଯୁକ୍ତି କରିପାରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସଂଶୋଧିତ ନିୟମାନୁସାରେ 'ଭ୍ୟାକେଶନ୍ ଜଜ୍' ବଦଳରେ ଏଣିକି 'ଜଜ୍' କୁହାଯିବ। ସଦ୍ୟ ପ୍ରକାଶିତ ୨୦୨୫ ସୁପ୍ରିମକୋର୍ଟ କ୍ୟାଲେଣ୍ଡର ଅନୁସାରେ ଆଗାମୀ ଛୁଟି ୨୦୨୫ ମେ' ୨୬ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ରହିବ। ସର୍ବୋଚ୍ଚ ଅଦାଲତର ବିଚାରପତିମାନେ ଲମ୍ବା ଛୁଟି ଉପଭୋଗ କରୁଥିବା ନେଇ ବିଭିନ୍ନ ବର୍ଗରୁ ସମାଲୋଚନା କରାଯିବା ପରେ ସୁପ୍ରିମକୋର୍ଟଙ୍କ କାର୍ଯ୍ୟ ଦିବସରେ ଅଣାଯାଇଥିବା ଏହି ପରିବର୍ତ୍ତନ ତାତ୍ପର୍ଯ୍ୟ ବହନ କରେ। ପ୍ରକାଶ ଯେ, ନିକଟରେ ଏଭଳି ସମାଲୋଚନାକୁ ନେଇ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଜବାବ ରଖିଥିଲେ। ବିଚାରପତିମାନେ ଛୁଟିଦିନଗୁଡ଼ିକରେ ମଧ୍ୟ ଉତ୍ତରଦାୟିତ୍ୱ ଉପରେ ପ୍ରତିଶ୍ରୁତିବଦ୍ଧ ରହିବା ଉଚିତ ବୋଲି ବିଦାୟୀ ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ।

## ଗଣତନ୍ତ୍ରରେ ଲୋକଙ୍କ ଇଚ୍ଛା ସର୍ବୋପରି: ବାଇଡେନ୍

**ୱାଶିଂଟନ୍,୭।୧୧**

**ଜାନୁଆରୀରେ ହେବ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର**

ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋପରି। ଲୋକେ ଯାହା ଚାହିଁଥାନ୍ତି, ତାହା ହିଁ ହୋଇଥାଏ ବୋଲି ଗୁରୁବାର ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ବିଜୟୀ ହେବା ପରେ ବାଇଡେନ୍ ହ୍ୱାଇଟ୍ ହାଉସ୍‌ରେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଡେମୋକ୍ରାଟ୍ ବାଇଡେନ୍ କହିଛନ୍ତି, ୨୦୨୫ ଜାନୁଆରୀରେ ସେ ଭାବୀ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରିବେ। ହ୍ୱାଇଟ୍ ହାଉସ୍ ପାଇଁ ନିର୍ବାଚନୀ ଫଳାଫଳକୁ ଆମେରିକାବାସୀ ଗ୍ରହଣ କରନ୍ତୁ ବୋଲି ବାଇଡେନ୍ ଅପିଲ୍ କରିଛନ୍ତି।

ବାଇଡେନ୍ ଆହୁରି କହିଛନ୍ତି, ଆମେରିକୀୟ ନିର୍ବାଚନ ବ୍ୟବସ୍ଥାକୁ ବିଶ୍ୱାସ କରାଯାଇପାରେ। ୨୦୨୦ ନିର୍ବାଚନରେ ଟ୍ରମ୍ପ୍ ପରାଜିତ ହେବା ପରେ ଆଣିଥିବା ଅଭିଯୋଗ ମିଥ୍ୟା। ସେ ପୁନଃ ନିର୍ବାଚିତ ହେବା ପରେ ଏହା ସ୍ପଷ୍ଟ ହୋଇଛି।


ହ୍ୱାଇଟ୍ ହାଉସ୍‌ରେ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍।

## ୨୦୨୪ ସବୁଠୁ ଗରମ ବର୍ଷ

**ନୂଆଦିଲ୍ଲୀ, ୭।୧୧**

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଶ୍ୱବ୍ୟାପୀ କ୍ଷିପ୍ର ଗତିରେ ଦେଖିବାକୁ ମିଳୁଛି। ଗୁରୁବାର ୟୁରୋପୀୟ ଜଳବାୟୁ ଏଜେନ୍ସି 'କୋପରନିକସ୍'ର ଏକ ଅଧ୍ୟୟନ ସାମ୍ନାକୁ ଆସିଛି, ଯାହା ପରିବେଶବିତ୍ ଏବଂ ବୈଜ୍ଞାନିକମାନଙ୍କୁ ଭୟଭୀତ କରାଇଛି। ଏହି ଅଧ୍ୟୟନ ଅନୁଯାୟୀ, ୨୦୨୪ ସବୁଠୁ ଗରମ ବର୍ଷ ହେବା ଏକ ପ୍ରକାର ନିଶ୍ଚିତ। ସେହିପରି ପ୍ରାକ୍ ଶିଳ୍ପ ସମୟ ତୁଳନାରେ ଚଳିତ ବର୍ଷର ହାରାହାରି ତାପମାତ୍ରା ଅତି କମ୍‌ରେ ୧.୫ ଡିଗ୍ରୀ ସେଲସିୟସ ଅଧିକ ରହିବ। ଏପରି ପ୍ରଥମ ଥର ପାଇଁ ହେବ ବୋଲି କୋପରନିକସ୍ ପକ୍ଷରୁ କୁହାଯାଇଛି। ଆସନ୍ତା ୧୧ ତାରିଖରୁ ଆଜରବାଇଜନ୍‌ର ରାଜଧାନୀ ବାକୁରେ ଆରମ୍ଭ ହେବାକୁ ଥିବା ମିଳିତ ଜାତିସଂଘ ଜଳବାୟୁ ସମ୍ମିଳନୀର ଠିକ୍ ପୂର୍ବରୁ କୋପରନିକସ୍ ଦ୍ୱାରା ଜାରି ଏହି ଅଧ୍ୟୟନ ସାମ୍ନାକୁ ଆସିଛି। ଆସନ୍ତା ବର୍ଷଠାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା ପାଇଁ ବିକଶିତ ଦେଶଗୁଡ଼ିକ ପକ୍ଷରୁ ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ନେଇ ଏହି ସମ୍ମିଳନୀରେ ସହମତି ପ୍ରକାଶ ପାଇପାରେ। କୋପରନିକସ୍ କ୍ଲାଇମେଟ୍ ଚେଞ୍ଜ ସର୍ଭିସର ଜଳବାୟୁ ନିର୍ଦ୍ଦେଶକ ସମାନ୍ଥା ବର୍ଜେସ୍ କହିଛନ୍ତି, ୨୦୨୪ର ୧୦ ମାସ ବିତିଯାଇଛି। ଏହି ୧୦ ମାସର ହାରାହାରି ତାପମାତ୍ରାରୁ ଚଳିତ ବର୍ଷ ସବୁଠାରୁ ଗରମ ବର୍ଷ ହେବ ବୋଲି ପ୍ରାୟତଃ ସ୍ପଷ୍ଟ ହୋଇଛି। ୨୦୨୪ର ହାରାହାରି ବୈଶ୍ୱିକ ତାପମାତ୍ରା ବିଶ୍ୱ ତାପମାତ୍ରା ବୃଦ୍ଧିରେ ଏକ ନୂତନ ରେକର୍ଡ ସୃଷ୍ଟି କରିବ। ଜାତିସଂଘର ଜଳବାୟୁ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଏହା ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଗତ ମାସରେ କୋପରନିକସ୍ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଥିଲା, ବୈଶ୍ୱିକ ହାରାହାରି ତାପମାତ୍ରା ଅନୁଯାୟୀ ଚଳିତ ବର୍ଷର ଅକ୍ଟୋବର ମାସ ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ସବୁଠୁ ଗରମ ଅକ୍ଟୋବର ମାସ ଭାବେ ଉଭା ହୋଇଛି। ୨୦୨୪ର ପ୍ରଥମ ୧୦ ମାସର ହାରାହାରି ବୈଶ୍ୱିକ ତାପମାତ୍ରା ୧୯୯୧ରୁ ୨୦୨୦ ମଧ୍ୟରେ ପ୍ରଥମ ୧୦ ମାସର ହାରାହାରି ତାପମାତ୍ରାଠାରୁ ୦.୭୧ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ଗତ ବର୍ଷର ଜାନୁୟାରୀରୁ ଅକ୍ଟୋବର ଯାଏ ରହିଥିବା ହାରାହାରି ତାପମାତ୍ରା ତୁଳନାରେ ଚଳିତ ବର୍ଷର ହାରାହାରି ତାପମାତ୍ରା ୦.୧୬ ଡିଗ୍ରୀ ସେଲସିୟସ୍ ବେଶି ରହିଛି।



**ଫୁର୍‌ସତ**

## ହନୁମାନ ମନ୍ଦିରରେ ଜାହ୍ନବୀ

**ହାଇଦ୍ରାବାଦ:** ଭଗବାନଙ୍କ ଉପରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ଗଭୀର ବିଶ୍ୱାସ ରହିଛି। ତାଙ୍କର ଏହି ଭକ୍ତି ଅନେକ ସମୟରେ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥାଏ। ସେ ବହୁବାର ଆନ୍ଧ୍ର ପ୍ରଦେଶର ତିରୁପତି ମନ୍ଦିର ପରିଦର୍ଶନ କରିଛନ୍ତି। ତାଙ୍କୁ ଅନେକ ଥର ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ମହାକାଳ ଏବଂ କେଦାରନାଥ ମନ୍ଦିର ପରିଦର୍ଶନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଗୁରୁବାର ଏହି ଅଭିନେତ୍ରୀଙ୍କୁ ହାଇଦ୍ରାବାଦର ଏକ ହନୁମାନ ମନ୍ଦିରରେ ପୂଜା କରୁଥିବା ନେଇ ବହୁ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ନିକଟରେ ଜାହ୍ନବୀଙ୍କୁ ସାଉଥ ସୁପରଷ୍ଟାର ଜୁନିୟର ଏନ୍‌ଟିଆରଙ୍କ ସହ 'ଦେବରା ପାର୍ଟ ୧' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ଯୋଗୁ ସେ ତେଲୁଗୁ ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି। ସମ୍ପ୍ରତି ଜାହ୍ନବୀ ହାଇଦ୍ରାବାଦରେ ସାଉଥ ସୁପରଷ୍ଟାର ରାମ ଚରଣଙ୍କ ସହ ତେଲୁଗୁ ଚଳଚ୍ଚିତ୍ର 'ଆର୍‌ସି ୧୬'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ସେ ଏବେ ହାଇଦ୍ରାବାଦରେ ଅଛନ୍ତି। ଏହି ସମୟରେ ସେ ସ୍ଥାନୀୟ ମଦୁରନଗରସ୍ଥିତ ହନୁମାନ ମନ୍ଦିରକୁ ଯାଇ ସ୍ୱତନ୍ତ୍ର ପୂଜା କରିଛନ୍ତି। ଏହାର ଅନେକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜାହ୍ନବୀ ପୂଜାପାଠରେ ବହୁଳ ଭାବେ ବିଶ୍ୱାସ ରଖୁଥିବା ନେଇ ବହୁ ୟୁଜର୍ସ ମତ ପ୍ରକାଶ କରିଛନ୍ତି।

ଜାହ୍ନବୀଙ୍କ ମା' ତଥା ପ୍ରସିଦ୍ଧ ଅଭିନେତ୍ରୀ ଶ୍ରୀଦେବୀଙ୍କ ମାତୃଭାଷା ତେଲୁଗୁ ହୋଇଥିବାବେଳେ ଏହି ଦୃଷ୍ଟିରୁ ଜାହ୍ନବୀଙ୍କର ତେଲୁଗୁ ଭାଷା ସହ ନିବିଡ଼ ସମ୍ପର୍କ ରହିଛି। ସେ ତେଲୁଗୁ ଭାଷାରେ ମଧ୍ୟ ଭଲଭାବେ କଥାବାର୍ତ୍ତା କରିପାରନ୍ତି। 'ଦେବରା ପାର୍ଟ ୧' ରିଲିଜ୍ ସମୟରେ ସେ ତେଲୁଗୁ ଭାଷାରେ କଥା ହୋଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥିଲେ। ପ୍ରକାଶ ଯେ, ଶ୍ରୀଦେବୀ ତାଙ୍କ କ୍ୟାରିୟରରେ ଅନେକ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଜାହ୍ନବୀ ଏବେ ତାଙ୍କ ମା'ଙ୍କ ପଥକୁ ଅନୁସରଣ କରୁଛନ୍ତି। ବଲିଉଡ୍‌ରୁ କ୍ୟାରିୟର ଆରମ୍ଭ କରିବା ପରେ ସେ ସମ୍ପ୍ରତି ଟଲିଉଡ୍ ଆଡ଼କୁ ମୁହାଁଇଛନ୍ତି। ଜାହ୍ନବୀ ମଧ୍ୟ ତାଙ୍କ ମା' ଶ୍ରୀଦେବୀଙ୍କ ପରି ଖୁବ୍‌ଶୀଘ୍ର ଏକ ଶକ୍ତିଶାଳୀ ତେଲୁଗୁ ଫ୍ୟାନ୍‌ବେଶ୍ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି।




ଜାହ୍ନବୀ କପୁର

**ଆମାଜନ, ଫ୍ଲିପ୍‌କାର୍ଟ ବିକ୍ରେତାଙ୍କ ୧୯ ପରିସରରେ ଇଡି ଚଢ଼ାଉ**

ନୂଆଦିଲ୍ଲୀ, ୭।୧୧: ବୈଦେଶିକ ପୁଞ୍ଜି ବିନିଯୋଗ ଉଲ୍ଲଂଘନ ଅଭିଯୋଗରେ ଆମାଜନ ଏବଂ ଫ୍ଲିପ୍‌କାର୍ଟ ଭଳି ୨ ଆଗଧାଡ଼ିର ଇ-କମର୍ସ ପ୍ଲାଟ୍‌ଫର୍ମ ପାଇଁ କାର୍ଯ୍ୟ କରୁଥିବା କେତେଜଣ ମୁଖ୍ୟ ବିକ୍ରେତାଙ୍କ ପରିସରକୁ ଗୁରୁବାର ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ବିକ୍ରେତାମାନଙ୍କର ଦିଲ୍ଲୀ, ଗୁରୁଗ୍ରାମ, ପଞ୍ଚକୁଲା, ହାଇଦ୍ରାବାଦ, ବେଙ୍ଗାଲୁରୁରେ ଥିବା ୧୯ଟି ପରିସରକୁ ଚଢ଼ାଉ କରାଯାଇ ଇଡି ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଛି। ଉଭୟ ଆମାଜନ ଏବଂ ଫ୍ଲିପ୍‌କାର୍ଟ ବିରୋଧରେ ବସ୍ତୁ କିମ୍ବା ସେବାର ବିକ୍ରୟ ମୂଲ୍ୟକୁ ପ୍ରଭାବିତ କରି ଭାରତର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫ୍‌ଡିଆଇ) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଅଭିଯୋଗ ହୋଇଥିଲା।




# ଖାଦ୍ୟରେ ହାଇଡ୍ରୋଜେନ୍ ସଲ୍‌ଫାଇଡ୍ ଥିଲା: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା**

ଭୁବନେଶ୍ୱର, ୭।୧୧ (ବନ୍ଦନା ସେଠୀ)

ବିଷାକ୍ତ ଆମ୍ବ ଟାକୁଆ ଜାଉ ଖାଇ କନ୍ଧମାଳ ମାଣ୍ଡିପଙ୍କା ଗ୍ରାମର ୮ଜଣ ଅସୁସ୍ଥ ହୋଇପଡିଥିଲେ। ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ଆଉ ଦୁଇଜଣ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ୨ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି। ଦ୍ୱିତୀୟଥର ଡାଏଲିସିସ୍ ପରେ ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଥିବା ଗୁରୁବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ତେବେ ଆକ୍ରାନ୍ତମାନେ ଖାଇଥିବା ଖାଦ୍ୟର ନମୁନା ପରୀକ୍ଷା ହେବା ପରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ତଦନ୍ତ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଛନ୍ତି। ଖାଦ୍ୟ ନମୁନାରେ ରୋଗ ସୃଷ୍ଟିକାରୀ ଜୀବାଣୁ ବା ହାଇଡ୍ରୋଜେନ୍ ସଲ୍‌ଫାଇଡ୍ ପଜିଟିଭ୍ ଥିବା ନେଇ ରିପୋର୍ଟରୁ ଜଣାପଡିଛି। ସେହିପରି ଯେଉଁମାନେ ପ୍ରଥମ ଦିନ ଆମ୍ବ ଟାକୁଆ ଜାଉ ଖାଇଥିଲେ ସେମାନଙ୍କର କିଛି ହୋଇ ନ ଥିଲା। ମାତ୍ର ଏହି ଜାଉ ଦୁଇଦିନ ରହିଯିବା ଫଳରେ ତାହା ବାସୀ ହୋଇ ବିଷାକ୍ତ ହୋଇଯାଇଥିବା ଅନୁମାନ କରାଯାଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏବେ ଘଟଣାର ଆର୍‌ଡିସି ତଦନ୍ତ କରାଯାଉଥିବାରୁ ଅଧିକ କିଛି କହିବା ଠିକ୍ ହେବନାହିଁ। ତେବେ ଆମ୍ବ ଟାକୁଆ ଜାଉ ଖାଇ ଅସୁସ୍ଥ ହେବା ପରେ ସେମାନେ ବ୍ୟବହାର କରୁଥିବା ପାଣି ଓ ଆମ୍ବଟାକୁଆ ଗୁଣ୍ଡର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିଲା। ପାଣିରୁ ହାଇଡ୍ରୋଜେନ୍ ସଲ୍‌ଫାଇଡ୍ ମିଳିଛି, ଯାହାକି ସଂକ୍ରମଣ କରାଇଛି। ସେହିପରି ଆମ୍ବ ଟାକୁଆ ଗୁଣ୍ଡରୁ ଅତିରିକ୍ତ ଗନ୍ଧ ହେଉଥିବାବେଳେ ଏହା ମଣିଷ ବ୍ୟବହାର ଉପଯୋଗୀ ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କେବଳ ଆମ୍ବଟାକୁଆ ନୁହେଁ, ଯେ କୌଣସି ଖାଦ୍ୟକୁ ରଖିଦେଲେ ତାହା ଖରାପ ହୋଇଯିବା ସହିତ ସେଥିରେ ଫଙ୍ଗାଲ ଗ୍ରୋଥ୍ କରି ଟକ୍ସିକ୍ ବା ବିଷାକ୍ତ ହୋଇଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୩୦ରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ଏହି ଘଟଣା ଘଟିଥିଲା।

## ୪୦ ଦିନରେ ତଦନ୍ତ ରିପୋର୍ଟ ଦିଅ: ଓଏଚ୍‌ଆର୍‌ସି

କନ୍ଧମାଳ ମାଣ୍ଡିପଙ୍କା ଗ୍ରାମରେ ବିଷାକ୍ତ ଆମ୍ବ ଟାକୁଆ ଜାଉ ଖାଇ ଦୁଇଜଣଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ସହ ୩ଜଣ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ଅଭିଯୋଗର ତ୍ୱରିତ ବିଚାର କରିବାକୁ କମିଶନ ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତକରି ୪୦ଦିନ ଅର୍ଥାତ୍ ଡିସେମ୍ବର ୨୦ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ କମିଶନଙ୍କ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାରୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ କନ୍ଧମାଳ ଜିଲା ପ୍ରଶାସନକୁ ଏନେଇ ତଥ୍ୟ ମାଗିଛନ୍ତି। ଏଥିସହ ସମ୍ପୃକ୍ତ ଗ୍ରାମ ସମେତ ଆମ୍ବ ଟାକୁଆ ଜାଉ ଖାଉଥିବା ଅନ୍ୟ ଗ୍ରାମଗୁଡ଼ିକରେ ତୁରନ୍ତ ଖାଦ୍ୟପେୟର ବନ୍ଦୋବସ୍ତ କରିବା ଏବଂ ଅସୁସ୍ଥଙ୍କ ଚିକିତ୍ସା ସହ ଘଟଣାର ତଦନ୍ତ କରିବା ପାଇଁ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମାନବାଧିକାର କର୍ମୀ ପ୍ରଦୀପ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇ ପକ୍ଷ ରଖିଥିଲେ। ଘଟଣାର ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ସହିତ କ୍ଷୁଧାରେ ପୀଡ଼ିତ ଆଦିବାସୀମାନଙ୍କୁ ଉତ୍କୃଷ୍ଟ ଚିକିତ୍ସା ଓ ମାଗଣା ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଥିଲେ।

# ଡିସେମ୍ବର ଶେଷ ସୁଦ୍ଧା ନୂତନ ରାଜସ୍ୱ ଗ୍ରାମ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)

ରାଜସ୍ୱ ଆଇନକୁ ସହଜ, ସରଳ ଓ ଲୋକାଭିମୁଖୀ କରାଯିବ। ଏହାଦ୍ୱାରା ଲୋକମାନଙ୍କ ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ଘରଡିହ ଶୂନ୍ୟ ବ୍ୟକ୍ତିଙ୍କୁ ଘରଡିହ ଯୋଗାଇଦେବା, ଭୂମିହୀନ ଲୋକମାନଙ୍କୁ ଚିହ୍ନଟ ଓ ସେମାନଙ୍କର ଅବସ୍ଥା ସର୍ବେକ୍ଷଣ କରାଯିବ। ଯଥାଶୀଘ୍ର ସେମାନଙ୍କୁ ବସୁନ୍ଧରା ଯୋଜନାରେ ଜମି ପ୍ରଦାନ କରାଯିବ, ସମସ୍ତ ବିଦ୍ୟାଳୟକୁ ଜମିପଟ୍ଟା ଯୋଗାଇଦେବା କାର୍ଯ୍ୟକୁ ତ୍ୱରାନ୍ୱିତ ସହ ନୂତନ ରାଜସ୍ୱ ଗ୍ରାମ ଘୋଷଣା ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପୂଜାରୀ ବିଭାଗୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି କହିଛନ୍ତି, ରାଜ୍ୟରେ ତହସିଲଗୁଡ଼ିକରେ ପଡ଼ି ରହିଥିବା ମ୍ୟୁଟେଶନ ମାମଲାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ଏବଂ ପଟ୍ଟାରେ ଥିବା ପ୍ରଜାଙ୍କ ନାମ ଉତ୍ତରାଧିକାରୀଙ୍କ ନାମରେ ସଂଶୋଧନ କରିବା ଦରକାର। ସମସ୍ତ ତହସିଲ ଓ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ଆଗନ୍ତୁକମାନଙ୍କ ପାଇଁ ପ୍ରତିକ୍ରିୟା ଏବଂ ମତାମତ ରେଜିଷ୍ଟ୍ରାରରେ ଦରଜ କରିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଅନୁଷ୍ଠାନକୁ ଯେଉଁ ସରକାରୀ ଜମି ଲିଜ୍ ଆକାରରେ ଦିଆଯାଇଛି, ତାକୁ ଯଦି ସେମାନେ ଠିକ୍ ଭାବେ ବ୍ୟବହାର କରୁନାହାନ୍ତି, ତେବେ ସେହି ଜମିକୁ ସରକାର ଫେରାଇନେବେ। ରାଜସ୍ୱ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା, ବାସସ୍ଥାନ, ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି।

## ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି: ବିଭିନ୍ନ ବିଭାଗକୁ ଦିଆଯାଇଛି ୨୪୫୮.୮୦୩ କୋଟି

ଭୁବନେଶ୍ୱର,୭।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ବିଭାଗକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ବିଭିନ୍ନ ସମୟରେ ପ୍ରଦାନ କରାଯାଇଥିବା ଅର୍ଥ ଏବଂ ସେ ବାବଦରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସମୀକ୍ଷା କରାଯାଇଛି। ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଅର୍ଥ ଓ ଖର୍ଚ୍ଚ ସମ୍ପର୍କରେ ତଥ୍ୟ ରଖିଛନ୍ତି। ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଏମ୍‌ଏଫ୍) ଦ୍ୱାରା ରାଜ୍ୟ ବିପର୍ଯ୍ୟୟ ସମ୍ଭାବ୍ୟ ବିପଦ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏମ୍‌ଏଫ୍) କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହାୟତାରେ ପରିଚାଳିତ ଏହି ପାଣ୍ଠିରୁ ରିଲିଫ୍, ପୁନରୁଦ୍ଧାର ଓ ପୁନର୍ନିର୍ମାଣରେ ଖର୍ଚ୍ଚ କରାଯାଇଥାଏ। ୨୦୨୧-୨୨ରୁ ୨୦୨୪-୨୫ ବର୍ଷର ଅଦ୍ୟାବଧି ବିଭିନ୍ନ ବିଭାଗକୁ ୨୪୫୮.୮୦୩ କୋଟି ଟଙ୍କା ଦିଆଯାଇଛି।

# ବାର୍‌ହା ଫାଶରେ କଲରାପତରିଆ

**■ ୧୦ଘଣ୍ଟା ପରିଶ୍ରମ ପରେ ଉଦ୍ଧାର, କଡ଼ା ସୁରକ୍ଷାରେ ନନ୍ଦନକାନନ ସ୍ଥାନାନ୍ତର**

ଢେଙ୍କାନାଳ (ରତନ ନାୟାର)/ ବାରଙ୍ଗ (ଲିଙ୍ଗରାଜ ରାଉତ)/ ତ୍ରିଶୂଳିଆ (ତୁଷାରକାନ୍ତ ବେହେରା), ୭।୧୧

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍ ଦଦରାଘାଟି ସେକ୍ସନ ଘାଗରାମୁଣ୍ଡା ବିଟ୍ ହାଉସ୍ ଅସନବାହାଳି ଜଙ୍ଗଲ ନିକଟ ଏକ ବିଲରେ ଗୁରୁବାର ସକାଳେ ବାର୍‌ହା ଶିକାର ପାଇଁ ଉଦ୍ଦିଷ୍ଟ ଫାଶରେ ଏକ କଲରାପତରିଆ ବାଘ ପଡ଼ିଛି। ବାଘଟି ଅଣ୍ଡିରା ଓ ତାର ବୟସ ୫ବର୍ଷ ହେବ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବାଘକୁ ଉଦ୍ଧାର କରି ଚିକିତ୍ସା କରିବା ପରେ ନନ୍ଦନକାନନ ପଠାଇ ଦେଇଛି। ବାଘକୁ ଉଦ୍ଧାର ପାଇଁ ବନ ବିଭାଗକୁ ୧୦ଘଣ୍ଟା ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ବାଘଟି ଫାଶରେ ପଡ଼ିବା ଖବର ପ୍ରଚାରିତ ହେବାପରେ ବନବିଭାଗ ପକ୍ଷରୁ ଢେଙ୍କାନାଳ ଓ ପଡ଼ୋଶୀ ଜିଲା କେନ୍ଦୁଝର ସୀମାବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ ଜାରି ହୋଇଥିଲା। ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ନେତୃତ୍ୱରେ କପିଳାସସ୍ଥିତ ରାପିଡ ରେସ୍‌ପନ୍ସଟିମ, ପ୍ରାଣୀ ଚିକିତ୍ସକ ଓ ବାୟୋଲୋଜିଷ୍ଟ, କେନ୍ଦୁଝର ବନଖଣ୍ଡ ଅଞ୍ଚଳର ପ୍ରାଣୀ ଚିକିତ୍ସକ ଓ ବାୟୋଲୋଜିଷ୍ଟ, କାମାକ୍ଷାନଗର ପଶ୍ଚିମାଞ୍ଚଳ ଓ ପୂର୍ବାଞ୍ଚଳ ଏବଂ ମହାବିରୋଡ ରେଞ୍ଜ୍ ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ଫାଶକୁ କଟାଯାଇ ବାଘକୁ ଉଦ୍ଧାର କରାଯାଇଥିଲା। ବାଘଟିର ମୁଣ୍ଡ, ଶରୀରର କିଛି ଅଂଶ ଏବଂ ଗୋଡ଼ରେ କ୍ଷତ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଫାସରେ ପଡିବା ପରେ ବାଘ ଗର୍ଜନରେ ଆଖପାଖ ଅଞ୍ଚଳ କମ୍ପି ଉଠିଥିଲା। ଭୁବନେଶ୍ୱର ଓ ଅନୁଗୋଳରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍ ଟ୍ରାଙ୍କୁଲାଇଜର କରିବା ପରେ ବାଘଟିକୁ ଉଦ୍ଧାର କରାଯାଇଥିଲା ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ବାଘଟିକୁ ଉଦ୍ଧାର ସମୟରେ ଘଟଣାସ୍ଥଳରେ ବନବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଘଟଣାସ୍ଥଳକୁ ଲୋକମାନଙ୍କୁ ଛଡ଼ାଯାଇ ନଥିଲା। ଏପରିକି ସ୍ଥାନୀୟ ଲୋକ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ୧କିଲୋମିଟର ଦୂରରେ ରଖାଯାଇଥିଲା। ପ୍ରାୟ ୩।୪ ବର୍ଷ ତଳେ ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୁଇଟି କଲରାପତରିଆ ବାଘ ବାର୍‌ହା ଶିକାର ପାଇଁ ଉଦ୍ଦିଷ୍ଟ ଫାଶରେ ପଡ଼ି ମୃତ୍ୟୁବରଣ କରିଥିବାର ନଜିର ରହିଛି। ବାରହା ଶିକାର ବୃଦ୍ଧି ପାଉଥିବାରୁ ବର୍ତ୍ତମାନ ଢେଙ୍କାନାଳ ଜିଲାରେ ବାର୍‌ହା, ବାଘ, ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଉଦ୍ଧାର ବାଘଟି ନନ୍ଦନକାନନ ଆସିବା ପରେ ପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା କରିଥିଲେ। ପରେ ପ୍ରାଣୀ ଚିକିତ୍ସାଳୟରେ ଥିବା କ୍ୱାରାଣ୍ଟାଇନରେ ବାଘଟିକୁ ଛଡ଼ାଯାଇଛି। ଏବେ ନନ୍ଦନକାନନରେ କଲରାପତରିଆ ବାଘ ସଂଖ୍ୟା ୬କୁ ବୃଦ୍ଧି ପାଇଛି।



ଉଦ୍ଧାର ହୋଇଥିବା କଲରାପତରିଆ ବାଘ।

# ପାଠ ଚାପ: ହଷ୍ଟେଲରେ ଏନ୍‌ଇଇଟି ଆଶାୟୀ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୭।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ପରିଆସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଡାକ୍ତରୀ ପାଠପଢ଼ା ନିମନ୍ତେ ଏନ୍‌ଇଇଟି କୋଚିଂ ନେଉଥିବା ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଟକ ଜିଲା ବଡ଼ମ୍ବଗ୍ରାମ ନିକଟ ସିଂହମାପୁର ଗ୍ରାମର କଲ୍ୟାଣୀ ସାହୁ। କଲ୍ୟାଣୀ ଏନ୍‌ଇଇଟି କୋଚିଂ ସହ ଆଉ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ୨ ବିଜ୍ଞାନ ପଢୁଥିଲେ। ଏହାସହ ସେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ହଷ୍ଟେଲ ରୁମ୍‌ର ଫ୍ୟାନ୍‌ରେ ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ଗୁରୁବାର କଲ୍ୟାଣୀଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ପାଠ ଚାପରୁ କଲ୍ୟାଣୀ ଏଭଳି ଚରମ ପଦକ୍ଷେପ ନେଇଥିବା ବାପା ମହିମା ମହେଶ କୁମାର ସାହୁ ଗଣମାଧ୍ୟମରେ କହିଛନ୍ତି। ମହେଶଙ୍କ କହିବା ଅନୁଯାୟୀ, ଗୁରୁବାର କଲ୍ୟାଣୀଙ୍କର ଫିଜିକ୍ସ ପରୀକ୍ଷା ଥିଲା। ଫିଜିକ୍ସ ହେଉନି, କଷ୍ଟ ହେଉଛି ବୋଲି କଲ୍ୟାଣୀ ପରିବାର ଲୋକଙ୍କୁ କହିଥିଲେ। ଗୁରୁବାର ସକାଳୁ ତାଙ୍କ ମା' ମହିମାଙ୍କୁ କଲ୍ କରିଥିଲେ। ହେଲେ କଲ୍ୟାଣୀ ଫୋନ୍ ରିସିଭ୍ କରି ନ ଥିଲେ। ତେଣୁ ପରିବାର ଲୋକେ ଚିନ୍ତାରେ ପଡ଼ି ୱାର୍ଡେନ୍‌ଙ୍କୁ କଲ୍ କରିଥିଲେ। ୱାର୍ଡେନ୍ ଘଟଣା ନେଇ ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନେ ଏଠାରେ ପହଞ୍ଚିଥିଲେ। ତେବେ ପରିବାର ଲୋକଙ୍କ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ କଲ୍ୟାଣୀଙ୍କ ଚକ୍ଷୁଦାନ କରାଯାଇଥିବା ସୂଚନା ମିଳିଛି। ପାଠ ଚାପରୁ କଲ୍ୟାଣୀ ଏଭଳି ନିଷ୍ପତ୍ତି ନେଇଥିବା ବେଳେ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କିଛିଦିନ ତଳେ ଏନ୍‌ଇଇଟି କୋଚିଂ ଦେଉଥିବା ଉକ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।



କଲ୍ୟାଣୀ ସାହୁ

# ଖୋରଧା-ବୌଦ୍ଧ ସେକ୍ସନରେ ଟ୍ରେନ୍ ଚଳାଚଳକୁ ଅନୁମତି

**ପରୀକ୍ଷାମୂଳକ ଭାବେ ଗଡ଼ିଲା ହାଲୁକା ଇଞ୍ଜିନ**

ଭୁବନେଶ୍ୱର,୭।୧୧ (ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଦେଖିବାକୁ ମିଳିଛି। ଝାରମୁଣ୍ଡାଠାରୁ ବୌଦ୍ଧ ଷ୍ଟେଶନ ମଧ୍ୟରେ ନୂତନ ଭାବେ ନିର୍ମିତ ୧୬.୨୭୦ କି.ମି. ଟ୍ରେନ୍ ଲାଇନରେ ପରୀକ୍ଷାମୂଳକ ଭାବେ ହାଲୁକା ଇଞ୍ଜିନ ଗଡ଼ିଛି। ରେଳ ସୁରକ୍ଷା ଆୟୁକ୍ତ ଏହାର ନିରୀକ୍ଷଣ କରିଛନ୍ତି। ତେବେ ସଫଳ ଯାଞ୍ଚ ଓ ଅନୁମତି ପରେ ନୂତନ ଝାରମୁଣ୍ଡା-ବୌଦ୍ଧ ରେଳ ସେକ୍ସନରେ ଟ୍ରେନ ଚଳାଚଳ ପାଇଁ ଅନୁମତି ମିଳିଛି। ଏହା ବ୍ୟତୀତ ନୂତନ ଭାବେ ନିର୍ମିତ ବୌଦ୍ଧ-ଚମ୍ପାପୁର ୧୩.୭୦୧ କି.ମି. ରେଳ ସେକ୍ସନ ଓ ଚମ୍ପାପୁର-ପୁରୁଣାକଟକ ୧୩.୪୩୭ କି.ମି. ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଜାରି ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଉଭୟ ପ୍ରାନ୍ତରୁ ଏକକାଳୀନ ନିର୍ମାଣ କାର୍ଯ୍ୟ କରାଯାଉଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ୩୦୧ କି.ମି. ଦୀର୍ଘ ରେଳପଥ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୯୯ କି.ମି. କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇଛି। ସେଥିମଧ୍ୟରୁ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କି.ମି. ଏବଂ ବଲାଙ୍ଗୀର ପାର୍ଶ୍ୱରୁ ବୌଦ୍ଧ ପର୍ଯ୍ୟନ୍ତ ପ୍ରାୟ ୯୩ କି.ମି. ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଏହାସହିତ ବୌଦ୍ଧରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୭ କିମି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଣାକଟକରୁ ଦଶପଲ୍ଲା ପର୍ଯ୍ୟନ୍ତ ଅବଶିଷ୍ଟ ୭୫ କିମି ରେଳ ଲାଇନ କାର୍ଯ୍ୟ ଜାରି ରହିଛି। ସୁଦୂର ଉପାନ୍ତ ଅଞ୍ଚଳରେ ପରିବହନ ଏବଂ ଅର୍ଥନୈତିକ ବିକାଶ ପାଇଁ ଏହି ରେଳ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି।

**ଜାତୀୟ/ଅନ୍ତର୍ଜାତୀୟ**

## ୨ ଭିଡିଜିଙ୍କୁ ହତ୍ୟାକଲେ ଆତଙ୍କବାଦୀ

ଜମ୍ମୁ,୭।୧୧(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଗୁରୁବାର ଆତଙ୍କବାଦୀମାନେ ୨ ଜଣ ଭିଲେଜ୍ ଡିଫେନ୍ସ ଗାର୍ଡ (ଭିଜିଡି)ଙ୍କୁ ହତ୍ୟା କରିଛନ୍ତି। ନାଜିର ଅହମଦ ଓ କୁଲଦୀପ କୁମାର ଓହଲି-କୁନ୍ତୱାରା ବାସିନ୍ଦା ଥିଲେ। ଉଭୟେ ନିଜ ଗୋରୁ ଚରାଇବା ପାଇଁ ଅଧୱାରୀ ଅଞ୍ଚଳର ମୁଞ୍ଜଲା ଧର ଜଙ୍ଗଲକୁ ଯାଇଥିବାବେଳେ ଆତଙ୍କବାଦୀମାନେ ଗୁଳି କରିଥିଲେ। ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦର କଶ୍ମୀର ଟାଇଗର୍ସ ଗୋଷ୍ଠୀ ନିଜକୁ ଦାୟୀ କରିଛି। ଉପରାଜ୍ୟପାଳ ମନୋଜ ସିହ୍ନା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କୁ ଏହି ବର୍ବରପୂର୍ଣ୍ଣ କାର୍ଯ୍ୟର କଡ଼ା ଜବାବ ଦିଆଯିବ ବୋଲି କହିଛନ୍ତି।

# ବୁଝାମଣାରେ ବନ୍ଦ ହେବନି ଯୌନ ଉତ୍ପୀଡ଼ନ ମାମଲା

ନୂଆଦିଲ୍ଲୀ,୭।୧୧(ପି.ଟି.)

ପୀଡ଼ିତା ଓ ଅଭିଯୁକ୍ତ ଆପୋଓ ବୁଝାମଣା ଜରିଆରେ ଏକ ଯୌନ ଉତ୍ପୀଡ଼ନ ମାମଲାକୁ ବନ୍ଦ କରିପାରିବେ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ରାଜସ୍ଥାନର ଜଣେ ଶିକ୍ଷକଙ୍କ ବିରୋଧରେ ନିଜ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ରାଜସ୍ଥାନ ହାଇକୋର୍ଟ ଏହି ମାମଲାରେ ଅଭିଯୁକ୍ତ ଶିକ୍ଷକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟ ହାଇକୋର୍ଟ ରାୟକୁ ଖାରଜ କରିବା ସହ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୨ରେ ରାଜସ୍ଥାନର ଗଙ୍ଗାପୁର ସହରସ୍ଥିତ ଏକ ସରକାରୀ ସ୍କୁଲର ଶିକ୍ଷକଙ୍କ ବିରୋଧରେ ଜଣେ ଦଳିତ ନାବାଳିକା ଛାତ୍ରୀ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ପୋକ୍ସୋ ଆଇନ ଏବଂ ଏସ୍‌ସି/ଏସ୍‌ଟି (ନିର୍ଯାତନା ନିବାରଣ) ଆଇନ ବଳରେ ମାମଲା ରୁଜୁ କରିଥିଲା। ନାବାଳିକାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ତେବେ ଅଭିଯୁକ୍ତ ଶିକ୍ଷକ ବିମଲ କୁମାର ଗୁପ୍ତା ଛାତ୍ରୀଙ୍କ ପରିବାରଠାରୁ ଏକ ଷ୍ଟାମ୍ପ ପେପରରେ ବୟାନ ଆଣିବାରେ ସକ୍ଷମ ହୋଇଥିଲେ। ପୀଡ଼ିତାଙ୍କ ପରିବାର ସଦସ୍ୟମାନେ ସେଥିରେ ଉଲ୍ଲେଖ କରିଥିଲେ, ଭୁଲ୍ ବୁଝାମଣା ଯୋଗୁ ସେମାନେ ପୋଲିସରେ ଏତଲା ଦେଇଥିଲେ ଏବଂ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଚାହାନ୍ତି ନାହିଁ। ପୋଲିସ ଏହାକୁ ଗ୍ରହଣ କରି ରିପୋର୍ଟ ଦାଖଲ କରିଥିଲା। କିନ୍ତୁ ତଳ କୋର୍ଟ ଉକ୍ତ ବୟାନକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଭିଯୁକ୍ତ ହାଇକୋର୍ଟରେ ଉକ୍ତ ଷ୍ଟାମ୍ପ ପେପରକୁ ଦାଖଲ କରିଥିଲେ। ହାଇକୋର୍ଟ ତାକୁ ଗ୍ରହଣ କରିବା ସହ ଏଫ୍‌ଆଇଆର୍‌କୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ କର୍ମୀ ରାମଜୀ ଲାଲ ବୈରୱା ହାଇକୋର୍ଟଙ୍କ ଅର୍ଡରକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସି.ଟି. ରବିକୁମାର ଏବଂ ପି.ଭି. ସଞ୍ଜୟ କୁମାର ହାଇକୋର୍ଟ ରାୟକୁ ପଲଟାଇ ଦେବା ସହ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଟ ଫିଟାଇଛନ୍ତି।

## ଅଷ୍ଟ୍ରେଲିଆ ସରକାରଙ୍କ ଯୋଜନା | ପିଲାଙ୍କୁ ସୋସିଆଲ ମିଡିଆ ମନା

ମେଲବର୍ନ, ୭।୧୧

ଅଷ୍ଟ୍ରେଲିଆ ସରକାର ଖୁବ୍‌ଶୀଘ୍ର ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବାକୁ ଯାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ତାଙ୍କ ସରକାର ଆଇନ ପ୍ରସ୍ତୁତ କରିବେ। ଚଳିତ ବର୍ଷ ଅଷ୍ଟ୍ରେଲୀୟ ସଂସଦରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରାଯିବ।



ସଂସଦରେ ପାରିତ ହେବାର ୧୨ ମାସ ପରେ ଉକ୍ତ ପ୍ରସ୍ତାବକୁ ଏକ ଆଇନ ଭାବରେ କାର୍ଯ୍ୟକାରୀ କରାଯିବ। ଅଷ୍ଟ୍ରେଲିଆର ଯୋଗାଯୋଗ ମନ୍ତ୍ରୀ ମିଶେଲ ରୋଲାଣ୍ଡ କହିଛନ୍ତି, ଏହି ଆଇନରେ ପିଲାମାନଙ୍କ ପାଇଁ ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍, ଟିକ୍‌ଟକ୍, ଏକ୍ସ' ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ବ୍ୟବହାର ଉପରେ କଟକଣା ଜାରି କରାଯିବ।

## ଟରଣ୍ଟୋରେ କନ୍‌ସୁଲାର କ୍ୟାମ୍ପ ବାତିଲ କଲା ଭାରତ

ଟରଣ୍ଟୋ, ୭।୧୧

ଭାରତ ଏବଂ କାନାଡା ମଧ୍ୟରେ ତିକ୍ତତା କମିବାର ନାଁ ନେଉନାହିଁ। ବ୍ରାମ୍ପଟନ୍‌ରେ ଖାଲିସ୍ତାନୀ ସମର୍ଥିତ ଆତଙ୍କବାଦୀ ଏକ ହିନ୍ଦୁ ମନ୍ଦିରକୁ ଟାର୍ଗେଟ କରିବା ପରେ ଗୁରୁବାର ଭାରତ ସରକାର ଟରଣ୍ଟୋରେ ହେବାକୁ ଥିବା କନସୁଲାର କ୍ୟାମ୍ପକୁ ବାତିଲ କରିଛନ୍ତି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇ କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଉକ୍ତ କ୍ୟାମ୍ପର ଆୟୋଜନ କରିବା ପାଇଁ କାନାଡା ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଇ ନାହିଁ।

**TRADE MARK CAUTION NOTICE**

**"MAHAVIR MUKHABAS KHAINI"**

Our client, MAHAVEER MUKHABASA COMPANY, a proprietorship firm represented through its sole proprietor Mr. Hadibandhu Sahoo, having its present registered office at Beliapal, Barambagarh, Cuttack-754031, Odisha, India, is a reputed company who are well established and carrying on well-known business of MANUFACTURING OF KHAINI (TABACCO Products) included in Class-34 and have been carrying its/ their business under the distinctive and novel trade mark **"MAHAVIR MUKHABAS KHAINI"** with impeccable reputation and goodwill in the trade. Our client is the owner since and registered proprietor of various trademarks including under Trade Marks Act, 1999 in INDIA.(This label have been registered **since February, 2018** under the Trade Mark Act 1999)




We hereby caution all concerned against dealing with any firms/ persons/ establishments which are engaged in carrying on business under the identical and/or deceptively similar trademark logo of our client. It is noticed in Market, that some manufacturer of Tabacco are using the same Label by only replacing Photo image of the person in the label of our client, with different Name of the product. The public in general are advised not to fall prey to such act of misrepresentation. The valued customers and general public are alerted against dealing with any firms/ persons/ establishments. It is specifically submitted that our client must not be held liable for any illegal acts of such entities. ISSUED under the instruction of and on behalf of our client.

By Trade Mark Service, Jaydeep Pal (Adv) High Court, Cuttack, Odisha
Email : trademark_orissa@yahoo.co.in / 9937234858

" ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଭଳି ଦଶା ଭୋଗିବାକୁ ଯାଉଛନ୍ତି କଂଗ୍ରେସ ଓ ଏହାର ସହଯୋଗୀ ଦଳ।
– ଯୋଗୀ ଆଦିତ୍ୟନାଥ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଛଟ୍ ମହୋତ୍ସବ, ସ୍ଥାନ: ନୂଆ ବାଲିଯାତ୍ରା ପଡ଼ିଆ, ଜଗିଯାଗଣା, ସମୟ: ପ୍ରାତଃ ୪ଟା ୩୦।
- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦।
- ୬ଷ୍ଠ ରାଜ୍ୟସ୍ତରୀୟ ଅଙ୍କୁର ଚିଲ୍ଡ୍ରେନ୍ସ ଲିଟରେଚର ଫେଷ୍ଟିଭାଲ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତିବାଦୀର ବାର୍ଷିକୋତ୍ସବ ଓ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରଗତିବାଦୀ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟସ୍ତରୀୟ କନ୍‌ଭେନଶନ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏନ୍‌ଜିଓର ଉଦ୍‌ଘାଟନ ଓ ସେମିନାର, ସ୍ଥାନ: ମହାବୀର କଲୋନୀ, ସତ୍ୟସାଇ ବିହାର, ଭରତପୁର, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ମିରର୍ ପକ୍ଷରୁ ଓସିଏସ୍‌ର ସଫଳତା ହାସଲ କରିଥିବା ମେଧାବୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସମ୍ମିଳନୀ କକ୍ଷ, ଦୂର ସଂଚାର ଭବନ, ସମୟ: ଅପରାହ୍ନ ୪ଟା।
- ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ଛାଉଣୀ ପକ୍ଷରୁ ନାଟ୍ୟ ଜାତୀୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ସନ୍ଧ୍ୟା ୭ଟା।

## କଟକ
- ଜୋନ୍ ସ୍ତରୀୟ କଳା ଉତ୍ସବ, ସ୍ଥାନ: କଟକ ଖାନ୍‌ନଗର ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାରବାଟୀ–କଟକ ବିଧାୟିକାଙ୍କ ନିର୍ବାଚନମଣ୍ଡଳୀ ଉନ୍ନତିକରଣ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା ସିନିୟର ଇଣ୍ଡୋ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଗଦାଧର ଏକାଡେମୀ, ମାଣିକାଗୋଡ଼ା, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜିଲା କର୍ମଶାଳା, ସ୍ଥାନ: ଟାଉନ ହଲ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାର୍ତ୍ତିକ ପ୍ରବଚନ ସମାରୋହ, ସ୍ଥାନ: ଭକ୍ତଚରଣ ସ୍ମୃତି ସଦନ, ସାନପଦର, ବୋଲଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସୋର ଗୋ–ଶାଳାର ଶତବାର୍ଷିକ ସମାରୋହ, ସ୍ଥାନ: ଗୋଶାଳା ପରିସର, ସୋର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଗୋପାଳପୁର ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ୧୫ତମ ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୧୯ତମ ପ୍ରତିଷ୍ଠା ଦିବସ ଓ ୭ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ–୨୦୨୪ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: ଚରମ୍ପା ଟ୍ରାଫିକ ରେଲୱେ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଦିବଂଗତ କବି ଓ ଖବରଦାତା ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ରାଧାବଲ୍ଲଭପୁର ବାସଭବନ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶ୍ରୀ ଦୁର୍ଗାଙ୍କ ମନ୍ଦିରରେ ଅନୁକଳ୍ପ ସପ୍ତମୀ ପୂଜା, ସ୍ଥାନ: ଢ଼ଅଁର, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ଶିଶୁ ମହୋତ୍ସବ ମହକ ଓ ଉତ୍ସାହ–୨୦୨୪, ସ୍ଥାନ: ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ: ସକାଳ ୮ଟା ୩୦।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭାଗବତ ଆଲୋଚନାଚକ୍ର, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସିଂହଟିଆ, ବଡ଼ସାହି,ସମୟ: ସକାଳ ୯ଟା।
- ୪ର୍ଥରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା,ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ପୂଜା ନିମନ୍ତେ ଘଟୋତ୍ତଳନ ଶୋଭାଯାତ୍ରା,ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ ସ୍ଥିତ ଜଗଦ୍ଧାତ୍ରୀ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ୮ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ:କୁମାର୍ସ କ୍ଲବ ଭଞ୍ଜପୁର ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଗାୟତ୍ରୀ, ଗୀତା ଓ ଗୋ ଯଜ୍ଞ ପାଇଁ ଘଟୋତ୍ତଳନ, ସ୍ଥାନ: ଭାଲୁପାହାଡ଼ି, ଅଙ୍କୁରା, କରଞ୍ଜିଆ, ସମୟ: ଅପରାହ୍ନ ୩ଟା।
- ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସ୍ଥାନ:କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: କମଳାବାରୀ ସାହି, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଆସିକା ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ହରିହର ହାଇସ୍କୁଲ, ସମୟ: ସକାଳ ୮ଟା।
- ଦିଗପହଣ୍ଡି ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ପଦ୍ମନାଭପୁର ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ, ସ୍ଥାନ: ବୁଗୁଡା କଦମ୍ବ ମଠ,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- କ. ନୂଆଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କୁଡୁତୁଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତକଳା ସଂସଦ ସାଂସ୍କୃତିକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମେରାଇନ ବିଭାଗ ପକ୍ଷରୁ ନାଟକ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।
- ବିସ୍ଥାପିତ ୧୧୫ ପରିବାର ପକ୍ଷରୁ ଏଏମ୍‌ଏନ୍‌ଏସ କମ୍ପାନୀ ଫାଟକ ଆଗରେ ଧାରଣା, ସ୍ଥାନ: ମୂଷାଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ସମଗ୍ର ଶିକ୍ଷା ପକ୍ଷରୁ ସୁରଭିର ଜିଲାସ୍ତରୀୟ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ଉପଲକ୍ଷେ ଗହୀରମଥା ମହୋତ୍ସବ, ସ୍ଥାନ: ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଧର୍ମଶାଳା ବ୍ଲକର ସୁନ୍ଦରିଆ ପଞ୍ଚାୟତ, ସମୟ: ସକାଳ ୮ଟା।

## ନୟାଗଡ଼
- ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀର ୨ୟ ଦିବସରେ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ:ଦଶପଲ୍ଲା ବ୍ଲକ ଆର.ସି. ହାଇସ୍କୁଲ ଖଣ୍ଡପଡ଼ା, ସମୟ: ସକାଳ ୯ଟା୩୦।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ନୂଆଗାଁ ବ୍ଲକ୍ ଛକଠାରୁ ବିଜୁ ଯୁବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଆର.ସି. ହାଇସ୍କୁଲ ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଯାପନ ଉତ୍ସବ, ସ୍ଥାନ:ଦଶପଲ୍ଲା ବ୍ଲକ ଆର.ସି. ହାଇସ୍କୁଲ ଖଣ୍ଡପଡ଼ା,ସମୟ: ଅପରାହ୍ନ ୨ଟା୩୦।

## ରାୟଗଡ଼ା
- ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ ସହ ମହାମନ୍ତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଲାଡୀ ସାହି, ଗୁଡାରି, ସମୟ: ସକାଳ ୬ ଟା।
- କୋଟି ଦୀପାରାଧାନା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ, ସ୍ଥାନ: ଗୁଣପୁର ବଂଶଧାରା ବସନ୍ତ ମହୋତ୍ସବ ପଡ଼ିଆ, ସକାଳ: ୮ଟା।

## ନବରଙ୍ଗପୁର
- ମହିଳା ଓ ଶିଶୁ କଲ୍ୟାଣ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ପାପଡ଼ାହାଣ୍ଡି ଅଙ୍ଗନବାଡି (ଗ) କେନ୍ଦ୍ର, ସମୟ: ପୂର୍ବାହ୍ନ ୯ଟା ୩୦, ସ୍ଥାନ: ମୈଦାଲପୁର କେଜିବିଭି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ତ୍ରୀଙ୍କ ବରଦେଇ ଚେକ୍ ଡ୍ୟାମ ପରିଦର୍ଶନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ୱାନ ଷ୍ଟପ ସେଣ୍ଟର ପରିଦର୍ଶନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ଶିଳ୍ପ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ପୁରୁଣା ମେଡିକାଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମଣ୍ଡେଇ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଜୋନାଲସ୍ତରୀୟ କଳା ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ଜିଲା ଲେମନ ଗ୍ରାସ ମିଶନ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- କାଳିମେଳା ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ତେଲବାଇ ପଞ୍ଚାୟତ ଯବାନପାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା

## ସମ୍ବଲପୁର
- ବିହାରୀ ସମ୍ପ୍ରଦାୟ ପକ୍ଷରୁ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ ନୀତି, ସ୍ଥାନ : ମହାନଦୀ ଅଯୋଧ୍ୟା ସରୋବର, ସମୟ : ସକାଳ ୫ଟା ୩୦।
- ଶ୍ରୀଗୋବିନ୍ଦ ଗୋଶାଳା ପରିବାର ପକ୍ଷରୁ ଗୋଶାଳାର ଶୁଭ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲିର କାଶିପାଲି, ସମୟ: ସକାଳ ୯ଟା।
- ଭୀମ ଆର୍ମି ପକ୍ଷରୁ ଓଏସ୍‌ଆରଟିସି ଅଫସି ଘେରାଉ, ସ୍ଥାନ : ମୁଦିପଡା, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛତା ଅଭିଯାନ ବୈଠକ, ସ୍ଥାନ : ମହାନଗର ନିଗମ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ରାତ୍ରଂକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଲୋଇସିଂହା ଷ୍ଟାଡିୟମ,ଲୋଇସିଂହା, ସମୟ : ସକାଳ ୭ଟା।
- ସିକେ ନାଏଡୁ ଟ୍ରଫି ଓଡିଶା–କର୍ଣ୍ଣାଟକ କ୍ରିକେଟ୍ ମ୍ୟାଚ୍ ଶୁଭାରମ୍ଭ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଲୋଇସିଂହା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ମାସିକ ରଚନା ସନ୍ଧ୍ୟାରେ ସବୁଜ ଓ ସ୍ୱଚ୍ଛ ବଲାଙ୍ଗୀର: ଆମ ଦାୟିତ୍ୱ ଆଲୋଚନା, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ପଠନ ସ୍ଥାନ: ତିକୁଡା ରାମ ମନ୍ଦିର,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବୀରମହାରାଜପୁର ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ବାଲ ବିଜ୍ଞାନ ପ୍ରଦର୍ଶନୀ, ବ୍ଲକ ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ରଘୁନାଥ ହାଇସ୍କୁଲ, ମୁର୍ଷୁଣ୍ଡି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧।୩୦ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- କୃଷକ ସଙ୍ଗଠନ ତରଫରୁ ଗର୍ଜନ ସମାବେଶ, ସ୍ଥାନ: ପଦ୍ମପୁର ଗୋରୁବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ଛଟ୍ ପର୍ବର ଅନ୍ତିମ ଦିବସ, ସ୍ଥାନ: ଝିରପାଣି, ସମୟ: ସକାଳ ୬ଟା ୧୫।
- ଛଟ୍ ପର୍ବ, ସ୍ଥାନ: ଗୋପବନ୍ଧୁପାଲୀ ଘାଟ, ସମୟ: ସକାଳ ୬ଟା ୩୦।
- ସିଟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୧୬ ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ଖରବଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସେକ୍ଟର–୩, ସମୟ: ଅପରାହ୍ନ ୨ଟା ୩୦।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡାଇମଣ୍ଡ ଭବନ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ମା' କାଳୀଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- ମା'କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଜିଲା ଧାନ କ୍ରୟ କମିଟି ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫିଲାଟେଲି ପରୀକ୍ଷଣ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ପୋଷ୍ଟଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ପୌରକେଲା ହାଇସ୍କୁଲ କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁଡାତାଳ ଗାଁ ନବଜ୍ୟୋତି ସ୍ପୋର୍ଟସ କ୍ଲବ ଖେଳପଡିଆ, ସମୟ: ସକାଳ ୯ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବୋଡେନ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ତୃତୀୟ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଆନୁଷ୍ଠାନିକ କାମର ବନ୍ଧୁମିଳନରେ ପରାମର୍ଶଦାତା ହୋଇ ପ୍ରଶଂସିତ ହେବ। ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ରାଜନୀତି, ଯାତ୍ରା ଓ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ** ସାମାଜିକ ସ୍ତରରେ ଆପଣଙ୍କ କଥା ଓ କାମରେ ଅନ୍ୟମାନେ ସନ୍ତୋଷ ପ୍ରକାଶ କରିବେ। ଆର୍ଥିକ ଉନ୍ନତି କାରଣରୁ ନୂଆ ନୂଆ କାମ ପାଇଁ ଯୋଜନା ତିଆରି କରିପାରନ୍ତି। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ। ଈର୍ଷାପରାୟଣ ବ୍ୟକ୍ତିମାନେ ଆପଣଙ୍କ ଖୁସି ଓ ଆତ୍ମପ୍ରଶଂସାର ସମାଲୋଚନା କରିପାରନ୍ତି।

**ମିଥୁନ** ବନ୍ଧୁଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଭ୍ରମଣ ସୁଯୋଗ ଲାଭ କରିବେ। ଅର୍ଥ ସମ୍ପର୍କ, ପାରିବାରିକ ସ୍ଥିତି, ଚେଷ୍ଟା କରୁଥିବା କାମ କେତେକାଂଶରେ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** ସାମାନ୍ୟ ଭୁଲ୍‌ଜନିତ ପରିବାରରେ କୈଫିୟତ୍ ଦେବାକୁ ପଡ଼ିପାରେ। ଦୀର୍ଘଦିନ ଅତିକ୍ରାନ୍ତ ପରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ପାରିବାରିକ ଜୀବନରେ ସନ୍ଦେହଜନିତ ଫାଟ ସୃଷ୍ଟିହେବାର ସାମାନ୍ୟ ସୂଚନା ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ମନେ ହୋଇପାରେ।

**ସିଂହ** ପରିବାରର ଆବଶ୍ୟକତା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ଭଲ ସମ୍ପର୍କ ନ ଥିବା କାରଣରୁ ଦୁଃପରିସ୍ଥିତି ମଧ୍ୟରେ ଆତ୍ମୀୟସ୍ୱଜନ ଦୂରେଇଯିବେ। ସାହିତ୍ୟାଲୋଚନା, ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହେବେ। ହିତୈଷୀଙ୍କ ପରାମର୍ଶକ୍ରମେ ଅଟକି ରହିଥିବା କାମ ଆରମ୍ଭ କରିବାକୁ ମନ ବଳାଇବେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ଣେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କାଟିବେ। ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ। କୃତି ଓ କୃତିତ୍ୱରୁ ସାମାଜିକସ୍ତରରେ ସମ୍ମାନଲାଭ କରିବା ସାଙ୍ଗକୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ।

**ତୁଳା** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଏଜେନ୍‌ଶିପ୍, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭଲ୍ ବୁଝାମଣା ହେତୁ ପରିବାରରେ ସୁଖଶାନ୍ତି ବ୍ୟାହତ ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶା ରହିଛି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବପ୍ରବଣତା ପରିହାରପୂର୍ବକ କାମ କରିବା ଭଲ। ଅନୁରାଧା ନକ୍ଷତ୍ର ଯେତେ ଭଲ କାମ କଲେ ମଧ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। ରାଜନୀତି, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ଧନୁ** ବନ୍ଧୁଙ୍କ ପ୍ରରୋଚନାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସମୟ ଅଭାବର ଦ୍ୱାହିଦେଇ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆପଣଙ୍କ ପ୍ରତ୍ୟେକ କାମ ସକାଶେ ପଡ଼ୋଶୀ ସହଯୋଗର ହାତ ବଢ଼ାଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ଜଞ୍ଜାଳ ବୃଦ୍ଧି ହେତୁ ଚାପର ସମ୍ମୁଖୀନ ହୋଇପାରନ୍ତି। ବିଶେଷତଃ ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା କାରଣରୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧହେବେ।

**କୁମ୍ଭ** ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଯାନ୍ତ୍ରିକ ଶିଳ୍ପ, ବୈଦ୍ୟୁତିକ ଗଣମାଧ୍ୟମ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ସମୟ କଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ** କର୍ମକ୍ଷେତ୍ରରେ ସ୍ଥଗିତ କାମକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧଲାଭରୁ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ। ସାହାଯ୍ୟ, ସହଯୋଗ ଲାଭକରି ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆତ୍ମୀୟସ୍ୱଜନ ସମ୍ମୁଖରେ ଭଲକଥା କହି ପଛରେ ସମାଲୋଚନାତ୍ମକ କଥା କହିପାରନ୍ତି।

ଆଜି ନଭେମ୍ବର ୮ ତାରିଖ, ଛଟ୍ ବ୍ରତ ଉଦ୍‌ଯାପନ, କାର୍ତ୍ତିକ ଶୁକ୍ଳ ସପ୍ତମୀ ଶୁକ୍ରବାର, ମୁକ୍ତି ମଣ୍ଡପର ଷୋଳଶାସନ ଭୋଗ, ରାଶି ନକ୍ଷତ୍ର–ଦିବା ଘ.୧୨।୦୨ମି. ଗତେ, ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୫ମି. ଗତେ ଘ.୦୬।୩୯ମି. ମଧ୍ୟେ, ଘ.୦୭।୨୪ମି. ଗତେ ଘ.୦୮।୪୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୬ମି. ଗତେ ଘ.୧୧।୩୦ମି. ମଧ୍ୟେ ରାହୁକାଳ।

## ରାଜ୍ୟରେ ରଦ୍ଦହେବ...

ପ୍ରଥମ ପୃଷ୍ଠାରୁ...

ତେଣୁ ଏହାର ସମୟୋପଯୋଗୀ ପରିବର୍ତ୍ତନର ଆବଶ୍ୟକତାକୁ ଉପଲବ୍ଧ କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ସରକାର ଏହି ନୂତନ ଆଇନକୁ ପ୍ରବର୍ତ୍ତନକଲେ। ନୂତନ ଭାବେ ପ୍ରଣିତ ଏହି ଆଇନକୁ ପୀଡ଼ିତ–କୈନ୍ଦ୍ରିକ କରାଯାଇଛି। ପୋଲିସର କାର୍ଯ୍ୟକୁ ନ୍ୟାୟ ଓ ବିଧିସଙ୍ଗତ କରିବା ପାଇଁ ମୂଳ ଆଇନ ଅର୍ଥାତ୍ ସିଆର୍‌ପିସିରେ ଅନେକ କିଛି ପରିବର୍ତ୍ତନ କରାଯାଇଛି। ନୂତନ ଆଇନରେ ପୋଲିସ ପାଖରେ ଅଭିଯୋଗ ପଞ୍ଜୀକରଣ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଛି। ଇଲେକ୍ଟ୍ରୋନିକ୍ ମାଧ୍ୟମ ସହ ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ୧୫ ବର୍ଷରୁ କମ୍ ଏବଂ ୬୦ ବର୍ଷର ବ୍ୟକ୍ତି, ଶାରୀରିକ ଓ ମାନସିକ ସ୍ତରରେ ଭିନ୍ନକ୍ଷମ ବ୍ୟକ୍ତି ତଥା ମହିଳା ଥାନାକୁ ନ ଯାଇ ମଧ୍ୟ ବିବୃତି ରେକର୍ଡ କରିପାରିବାର ବ୍ୟବସ୍ଥା, ପୋକ୍‌ସୋ ଆଇନରେ ୬୦ ଦିନ ମଧ୍ୟରେ ଫଇସଲାର ପ୍ରାବଧାନ, ସାଇବର କ୍ରାଇମ, ଅର୍ଗାନାଇଜଡ୍ କ୍ରାଇମ ଆଦି ବିଷୟରେ ଏହି ନୂତନ ସଂହିତାରେ ପ୍ରାବଧାନ ରଖାଯାଇଛି। ବିଭିନ୍ନ ପ୍ରକାରର ଛୋଟ ଛୋଟ ଅପରାଧ ପାଇଁ ଜେଲ କିମ୍ବା ଜରିମାନା ବଦଳରେ ସେମାନଙ୍କୁ ଗୋଷ୍ଠୀ ସେବା କରିବା ପାଇଁ ବ୍ୟବସ୍ଥା ରଖାଯାଇଛି। ଏହାଦ୍ୱାରା ଜେଲଗୁଡ଼ିକରୁ ଅତ୍ୟଧିକ ଭିଡ଼ କମିବା ସହ ଛୋଟ ଛୋଟ ଅପରାଧ ପାଇଁ ଜଣେ ବ୍ୟକ୍ତିକୁ ଅନ୍ୟ ବଡ ଅପରାଧୀଭାବେ ବିଚାର ନ କରି ପରିବର୍ତ୍ତନ କରିବା ପାଇଁ ସୁଯୋଗ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବ୍ୟବସ୍ଥାର ସରଳୀକରଣ ପାଇଁ ଆଇନର ପରିବର୍ତ୍ତନ କରାଯାଇଛି। ତେବେ ସାଧାରଣ ଲୋକେ ଯେତେବେଳେ ଆଇନକୁ ବୁଝିପାରିବେ, ସେତେବେଳେ ଆଇନର ଶାସନ ପ୍ରଭାବୀ ହୋଇପାରିବ। ଆଇନର ସରଳୀକରଣ ଓ ଏହାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହିଜାଗୃତୀକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସାଧାରଣ ଲୋକ ନ୍ୟାୟ ପାଇପାରିଲେ ବ୍ୟବସ୍ଥା ଭଲ ଅଛି ବୋଲି କୁହାଯାଏ। ତେବେ ତୃଣମୂଳସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ତ୍ୱରିତ ନ୍ୟାୟ ପ୍ରଦାନ ହେଉଛି ଆଇନର ଉଦ୍ଦେଶ୍ୟ। ନୂଆ ଆଇନ ଲାଗୁହେଲା ପରେ କେତେକ ଅପରାଧର ତ୍ୱରିତ ନ୍ୟାୟ ପ୍ରଦାନ ହୋଇପାରିଛି ବୋଲି ସେ କହିଛନ୍ତି। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ କହିଛନ୍ତି, ଏହା ଏକ ଐତିହାସିକ ସମ୍ମିଳନୀ। ଆଇନ ସହ ଲୋକଙ୍କୁ ଯୋଡ଼ିବାର ପ୍ରୟାସ ସ୍ୱାଗତଯୋଗ୍ୟ।

## ଶାହରୁଖ୍‌ଙ୍କୁ ହତ୍ୟା...

ରାଜଧାନୀ ରାୟପୁରର ହୋଇଥିବା ଜଣାପଡ଼ିଛି। ରାୟପୁରର ପଣ୍ଡ୍ରି ବାସିନ୍ଦା ଫୈଜନ ଖାନ୍‌ଙ୍କ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ମାମଲାର ଅଧିକ ତଦନ୍ତ ପାଇଁ ମୁମ୍ବାଇ ପୋଲିସର ଏକ ଟିମ୍ ରାୟପୁରରେ ପହଞ୍ଚି ଫୈଜନଙ୍କୁ ସମନ ଜାରି କରିଛି। ମୁମ୍ବାଇ ପୋଲିସର ସୂଚନା ଆଧାରରେ ଗୁରୁବାର ରାୟପୁର ପୋଲିସ ଫୈଜନଙ୍କୁ ଜେରା କରିଥିବା ରାୟପୁରର ବରିଷ୍ଠ ଆରକ୍ଷୀ ଅଧୀକ୍ଷକ ସନ୍ତୋଷ ସିଂ କହିଛନ୍ତି। ଘଟଣାର ଅଧିକ ତଦନ୍ତ ପାଇଁ ତାଙ୍କୁ ଖୁବ୍‌ଶୀଘ୍ର ମୁମ୍ବାଇ ଅଣାଯିବ ବୋଲି ସେ କହିଛନ୍ତି। ତେବେ କେତେକ ମିଡିଆ ରିପୋର୍ଟ ଅନୁଯାୟୀ, ତାଙ୍କ ଫୋନ୍ ଗତ ୨ ତାରିଖରୁ ଚୋରି ହୋଇଯାଇଥିବା ନେଇ ଫୈଜାନ ଜେରାବେଳେ ରାୟପୁର ପୋଲିସକୁ କହିଛନ୍ତି।

## ଜାନୁଆରୀରୁ ମିଳିବ...

ହିତାଧିକାରୀମାନଙ୍କର ଇ–କେୱାଇସି କାର୍ଯ୍ୟ ଜାରି ରହିଛି। ୮୫ ପ୍ରତିଶତ ଇ–କେୱାଇସି କାମ ଶେଷ ହୋଇଗଲାଣି। ଆଉ ୧୦ରୁ ୧୫ ପ୍ରତିଶତ କାମ ବାକି ରହିଛି। ଏଥିପାଇଁ ଆହୁରି ୧୫ ଦିନ ସମୟ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଜୁନ୍‌ରୁ ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ହିତାଧିକାରୀଙ୍କୁ ଗହମ ଯୋଗାଣ ବନ୍ଦ କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏଫ୍‌ଏଫ୍‌ଏସ୍‌ଏସ୍)ହିତାଧିକାରୀଙ୍କ ମଧ୍ୟରୁ ୧୪ ପ୍ରତିଶତ ଗହମ ନେଉଥିବା ବେଳେ ୮୬ ପ୍ରତିଶତ ଚାଉଳ ନେଉଥିଲେ। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪ ହଜାର ୭୦୦ ମେଟ୍ରିକ ଟନ୍ ଗହମ ଯୋଗାଇ ଦେଉଥିଲେ। ତେବେ ରାଜ୍ୟର ଉତ୍ପାଦିତ ବଳକା ଉଷୁନା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ନ ନେବାରୁ ଗହମ ବଦଳରେ ହିତାଧିକାରୀଙ୍କୁ ଚାଉଳ ଦେବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ। କେନ୍ଦ୍ର ସରକାର ଅନୁମତି ଦେବା ପରେ ପିଡିଏସ୍ ହିତାଧିକାରୀମାନଙ୍କୁ ଗହମ ବଦଳରେ ଚାଉଳ ଯୋଗାଇ ଦିଆଯାଇ ଆସୁଛି। ଗହମ ବନ୍ଦ ହେବା ଫଳରେ ମଧୁମେହରେ ଆକ୍ରାନ୍ତ ହିତାଧିକାରୀଙ୍କୁ ବାଧ୍ୟ ହୋଇ ବଜାରରୁ ଅଟା କିଣିବାକୁ ପଡୁଛି। ତେବେ ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ହିତାଧିକାରୀମାନଙ୍କୁ ପୁଣି ଗହମ ଦେବାକୁ ନିଷ୍ପତ୍ତି ନେଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ଚାଉଳ ସହ ୧ କି.ଗ୍ରା. ଗହମ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ସମ୍ପତ୍ତି ଲୋଭରୁ...

ସେମାନେ ପ୍ରଥମେ ଉଭୟଙ୍କୁ ଗାମୁଛାରେ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଉକ୍ତ ଘରେ ନିଆଁ ଲଗାଇ ଦେଇଥିଲେ ବୋଲି କହିଥିଲେ। ପ୍ରକାଶ ଯେ, ସ୍ନେହଲତାଙ୍କ ୪ ଝିଅ ଓ ଜଣେ ପୁଅ। ୨ ଝିଅଙ୍କ ପୂର୍ବରୁ ମୃତ୍ୟୁ ଘଟି ସାରିଛି। ତେବେ ଶିକ୍ଷୟିତ୍ରୀ ଭାବେ ଅବସର ଗ୍ରହଣ କରିଥିବା ଅବିବାହିତ ଝିଅ ସୈରେନ୍ଦ୍ରୀ ମା' ସ୍ନେହଲତାଙ୍କ ସହ ରହୁଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ସ୍ନେହଲତାଙ୍କ ସେ ସେବା ଶୁଶ୍ରୂଷା କରୁଥିଲେ। ଉକ୍ତ କୋଠାର ତଳ ମହଲାରେ ସ୍ନେହଲତାଙ୍କ ଏକମାତ୍ର ପୁତ୍ର ଜଗନ୍ନାଥ ପରିବାର ସହିତ ରହୁଥିଲେ। ହେଲେ ଜମିବାଡ଼ି ଆଦି ସ୍ଥାବର ସମ୍ପତ୍ତିକୁ ନେଇ ଜଗନ୍ନାଥଙ୍କ ସହ ସ୍ନେହଲତା ଓ ସୈରେନ୍ଦ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ତେଣୁ ମା' ଓ ଭଉଣୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଜଗନ୍ନାଥ ଏଭଳି କାଣ୍ଡ ଭିଆଇଛନ୍ତି ବୋଲି ସାନ ଭଉଣୀ ଇନ୍ଦ୍ରାଣୀ ଅଭିଯୋଗ କରିଥିଲେ।

## ନିଯୁକ୍ତି ପ୍ରକ୍ରିୟା ପରେ...

ଏଭଳି ସିଦ୍ଧାନ୍ତ ପ୍ରଯୁଜ୍ୟ ହେବା ଉଚିତ କି ବୋଲି ସେତେବେଳେ ୩ ବିଚାରପତିଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପ୍ରକାଶ ଯେ, ୨୦୨୨ ସେପ୍ଟେମ୍ବରରେ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଆରମ୍ଭ କରିଥିଲେ। ତେବେ ଜଷ୍ଟିସ୍ ବାନାର୍ଜୀ ଏବଂ ହେମନ୍ତ ଗୁପ୍ତା ଅବସର ନେବା ପରେ ଉକ୍ତ ଖଣ୍ଡପୀଠ ଭଙ୍ଗ ହୋଇଯାଇଥିଲା।

## କୁମ୍ଭୀର ସହ ଧସ୍ତାଧସ୍ତି ହୋଇ ଜୀବନ ବଞ୍ଚାଇଲେ ଯୁବକ



କୁମ୍ଭୀର ଆକ୍ରମଣରେ ଆହତ ଦୀପୁ ଅହାଡ଼ି।

**ମହାକାଳପଡ଼ା, ୭।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଜଣେ ଯୁବକ ନଦୀରେ ଗାଧୋଇବାକୁ ଯିବାବେଳେ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସେ କୁମ୍ଭୀର ସହ ଧସ୍ତାଧସ୍ତି ହୋଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ବ୍ଲକର ଜଙ୍ଗଲଘେରା ଶବରପଡ଼ାର ଦୀପୁ ଅହାଡ଼ି (୩୦)। ବୁଧବାର ଅପରାହ୍ନରେ ଦୀପୁ ଗାଧୋଇବାକୁ ଶବରପଡ଼ା ନଦୀକୁ ଯାଇଥିଲେ। ସେଠାରେ ସେ ଅଣ୍ଟାଏ ପାଣିରେ ପଶିଛନ୍ତି କି ନାହିଁ, ବୁଦାମୂଳେ ଛପି ରହିଥିବା କୁମ୍ଭୀର ତାଙ୍କ ବାମ ଗୋଡ଼ ଜଙ୍ଘକୁ କାମୁଡ଼ି ଧରି ୧୦ ହାତ ନଦୀ ଗଭୀରକୁ ଟାଣି ଟାଣି ନେଉଥିଲା। ଦୀପୁ କିଛି ଉପାୟ ନ ପାଇ କୁମ୍ଭୀର ସହ ଧସ୍ତାଧସ୍ତି ହେବାବେଳେ ତାଙ୍କ ଚିତ୍କାର ଶୁଣି ପାଖରେ ଥିବା କେତେଜଣ ଲୋକ ପହଞ୍ଚି ପାଟି କରିବାରୁ କୁମ୍ଭୀର ଛାଡ଼ିପଳାଇଥିଲା। ସ୍ଥାନୀୟ ଲୋକେ ଦୀପୁଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କୁମ୍ଭୀର ଆକ୍ରମଣର ଶିକାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ସ୍ନେହାଶିଷ ଦାସ, ପ୍ରଯୋଜକ



ପାର୍ଥସାରଥି ରାୟ, ଅଭିନେତା



ଅଂଶିକା ରାଉତରାୟ, ଆଥଲେଟ୍ (ଶଟ୍ ପୁଟ୍)



ଅନୁପମା ସ୍ୱାଇଁ, କରାଟେକା

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ନୟାଗଡ଼



ବାରିପଦା ମହାବିଦ୍ୟାଳୟ, ଭଞ୍ଜପୁର



ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଢେଙ୍କାନାଳ



ବିଜୁ ପଟ୍ଟନାୟକ କଲେଜ, ଭୁବନେଶ୍ୱର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ଶୁକ୍ରବାର, ୮ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଦେଇ ହେବ ହାଇସ୍ପିଡ୍ କରିଡର

ଭୁବନେଶ୍ୱର, ୭।୧୧ (ଅନିଲ ଦାସ)

ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲାଦେଇ ନିର୍ମାଣ ହେବ ହାଇସ୍ପିଡ୍ କରିଡର। ଏହାର ଦୈର୍ଘ୍ୟ ପ୍ରାୟ ୨୮୭ କିମି ରହିବ। ଏହି ପ୍ରଶସ୍ତ ମାର୍ଗରେ ଗାଡ଼ିଗୁଡ଼ିକ ସର୍ବାଧିକ ୧୨୦ କିଲୋମିଟର ବେଗରେ ଗତି କରିବ। ପୂର୍ବରୁ ବ୍ରହ୍ମପୁରରୁ ଜୟପୁରକୁ ଯାତ୍ରା କରିବାକୁ ୭ ଘଣ୍ଟା ଲାଗୁଥିବା ବେଳେ ଏହି ମାର୍ଗରେ ମାତ୍ର ୩ ଘଣ୍ଟାରେ ଉକ୍ତ ପଥକୁ ଅତିକ୍ରମ କରିହେବ। ପାହାଡ଼ିଆ ଘାଟି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ଏହି ମାର୍ଗର ଆବଶ୍ୟକ ୪ଟି ସ୍ଥାନରେ ଟନେଲ

### ଗ୍ରୀନ୍ ଫିଲ୍ଡ ପ୍ରକଳ୍ପ ସମୀକ୍ଷା

ନିର୍ମାଣ ନେଇ ପ୍ରସ୍ତାବ ରହିଛି । ହାଇସ୍ପିଡ୍ କରିଡର ଓ ଗ୍ରୀନ ଫିଲ୍ଡ ପ୍ରକଳ୍ପ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଲୋକସେବା ଭବନଠାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଜ୍ୟକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ନେବାରେ ଖଣି ଓ ଶିଳ୍ପର ପ୍ରମୁଖ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ହାଇସ୍ପିଡ୍ କରିଡର ସହିତ ପ୍ରମୁଖ ସହର, ଖଣି ଓ ଶିଳ୍ପାଞ୍ଚଳର ଯୋଗାଯୋଗ ଯେପରି ସୁଦୃଢ ହୋଇପାରିବ ସେନେଇ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପ୍ରସ୍ତାବିତ କରିଡର ଯୋଗୁ ଯେପରି କୌଣସି ପ୍ରକାରେ ଅଭୟାରଣ୍ୟ, କ୍ଷୁଦ୍ର ଜଙ୍ଗଲ କିମ୍ବା ଜୈବବିବିଧତା ଅଞ୍ଚଳକୁ କ୍ଷତି ନ ପହଞ୍ଚିବ ସେଥି ପ୍ରତି ଧ୍ୟାନଦେଇ ଏକ ସର୍ବୋତ୍ତମ ନକ୍ସା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦେଶ ତଥା ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ଏହି ପ୍ରସ୍ତାବିତ କରିଡର ଯେପରି ଅଧିକ ଗ୍ରହଣୀୟ ହୋଇପାରିବ ସେଥିପାଇଁ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ସମାଧାନ ଦିଗରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ

# ଦୃଶ୍ୟମାନ ଅଦୃଶ୍ୟ



ୱିଲିୟମ୍ କନାର୍ଡ ରନ୍ତଜେନ୍ ନଭେମ୍ବର ୮, ୧୮୯୫ ମସିହାରେ ଏକ ଯୁଗାନ୍ତକାରୀ ଆବିଷ୍କାର ଏକ ଆକସ୍ମିକ ଘଟଣାରୁ କରିପାରିଥିଲେ। ରନ୍ତଜେନ୍ ଜଣେ ଇଞ୍ଜିନିୟର ଓ ପଦାର୍ଥ ବିଜ୍ଞାନୀ ଥିଲେ। ଥରେ ସେ କ୍ୟାଥୋଡ୍ ରଶ୍ମିରେ କିଛି ପରୀକ୍ଷା କରୁଥିବା ବେଳେ ହଠାତ୍ ଏକ ଉଜ୍ଜ୍ୱଳ ପରଦା ଦେଖିବାକୁ ପାଇଲେ। ସେହି ରଶ୍ମି ପଥରେ ନିଜର ହାତ ରଖିବା ସମୟରେ ସେ ସେହି ତେଜଷ୍କ୍ରିୟ ରଶ୍ମି ଦ୍ୱାରା ନିଜ ହାଡ଼ସବୁ ପରିଷ୍କାର ଭାବରେ ଦେଖିପାରିଲେ। ଏହି ଆବିଷ୍କାର ଚିକିତ୍ସା ବିଜ୍ଞାନର ରୋଗ ନିରୂପଣ, ଶଲ୍ୟ ଚିକିତ୍ସା ଓ ରଶ୍ମି ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିଲା। ତାଙ୍କରି ସ୍ମୃତିରେ ୨୦୦୭ ମସିହାରୁ ପ୍ରତିବର୍ଷ ନଭେମ୍ବର ୮ ତାରିଖରେ 'ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ' ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ଚଳିତ ବର୍ଷର ଥିମ୍ ରହିଛି 'ରେଡିଓଗ୍ରାଫର ଅଦୃଶ୍ୟକୁ ଦେଖିପାରନ୍ତି'।

ଏକ୍ସ-ରେ'ର ଆବିଷ୍କାର ଦ୍ୱାରା ଆମେ ଅନେକ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରୁଛେ। ଏକ୍ସ-ରେ, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସ୍କାନ୍ ଇତ୍ୟାଦି ଦ୍ୱାରା ବିନା ଅସ୍ତ୍ରୋପଚାର ଓ କଟାକଟିରେ ରୋଗ ନିର୍ଣ୍ଣୟ କରାଯାଇପାରୁଛି। ଏହା ଶରୀରର କୌଣସି କ୍ଷତ ବା କଟାକଟି ବିନା କରାଯାଇପାରୁଛି। ଏହାଦ୍ୱାରା ଆଭ୍ୟନ୍ତରୀଣ ଅଙ୍ଗକୁ ବିନା ଅସ୍ତ୍ରୋପଚାରରେ ଦେଖାଯାଇପାରୁଛି। ବାୟୋପ୍‌ସି, ଟ୍ୟୁମର ଅପସାରଣ, କ୍ୟାଥେଟର ଓ ଷ୍ଟେଣ୍ଟ ଇତ୍ୟାଦି ରୋପଣ କରିବା ବେଳେ ଏହି ରଶ୍ମି ଦ୍ୱାରା ଠିକ୍ ପଥ ପ୍ରଦର୍ଶନ କରାଯାଇପାରୁଛି। ରୋଗର ଚିକିତ୍ସା ଦ୍ୱାରା କେତେ ଅଗ୍ରଗତି ହୋଇଛି ତାହା ମଧ୍ୟ ଜଣାପଡୁଛି। ତ୍ୱରିତ ଚିକିତ୍ସା ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି। ଗୁରୁତର ରୋଗ, ଯାହା ଅସ୍ତ୍ରୋପଚାରକୁ ଅତିକ୍ରମ କରିଯାଇଛି, ସେଗୁଡିକର ଉପଯୁକ୍ତ ଚିକିତ୍ସା କରାଯାଇପାରୁଛି। ରେଡିଓଲୋଜିକୁ ଏବେ ରେଡିଓଡାଇଗ୍ନୋସିସ୍ କୁହାଯାଉଛି। ଏମ୍‌ବିବିଏସ୍ ପରେ ଏଥିଲାଗି ତିନିବର୍ଷର ପିଜି ପାଠ୍ୟକ୍ରମ ରହିଛି। ସେହିପରି ରେଡିଓଥେରାପି (Radiotherapy) ମଧ୍ୟ ତିନିବର୍ଷର ପିଜି ପାଠ୍ୟକ୍ରମ, ଯହିଁରେ କ୍ୟାନ୍‌ସର ରଶ୍ମି ଚିକିତ୍ସା ଅନ୍ତର୍ଭୁକ୍ତ। ଏହା କ୍ୟାନ୍‌ସର ଚିକିତ୍ସା ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

ରେଡିଓଲୋଜିଷ୍ଟମାନେ ଡାକ୍ତର ହୋଇଥିବା ବେଳେ ରେଡିଓଗ୍ରାଫରମାନେ ତାଲିମ୍‌ପ୍ରାପ୍ତ ଟେକ୍ନିସିଆ ଅଟନ୍ତି। ଏମାନଙ୍କର ଭୂମିକା ଚିକିତ୍ସା ବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ। ମାତ୍ର ପରିତାପର ବିଷୟ ଅନେକ ସତର୍କତା ସତ୍ତ୍ୱେ ଏମାନଙ୍କୁ କାର୍ଯ୍ୟସ୍ଥଳରେ ତେଜଷ୍କ୍ରିୟତା ରଶ୍ମିର ସାମ୍ନା କରିବାକୁ ପଡ଼ିଥାଏ, ଯାହାକି ଶରୀର ଏବଂ ପ୍ରାଥମିକ ସ୍ତରରେ ଥିବା କୋଷ ପାଇଁ କ୍ଷତିକାରକ।

ଯଦି ଆମର ସେମିତି ଆବଶ୍ୟକତା ନାହିଁ, ତେବେ ଆମେ ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ଅନେକଥର କରିବା ଉଚିତ ନୁହେଁ। ଏହି ରଶ୍ମି ସବୁ ଆମର ମସ୍ତିଷ୍କ ତଥା ପ୍ରଜନନ ଅଙ୍ଗର କୋଷିକାଗୁଡିକର ଅନେକ କ୍ଷତି ସାଧନ କରିଥାଆନ୍ତି। ରେଡିଓଥେରାପି ପରେ ଲୋକଟି ଶେତା ପଡ଼ିଯାଏ, ମୁହଁ ଶୁଖିଯାଏ ଏବଂ ଦେହ କଳା ପଡ଼ିଯାଏ। ଆଣବିକ ଶକ୍ତିର ଦୁଇଟି ପାର୍ଶ୍ୱ ଯଥା-ହିତକାରୀ ଏବଂ ଅନିଷ୍ଟକାରୀ ରହିଛି। ଆମେ ପ୍ରଥମଟି କରିବା, ଦ୍ୱିତୀୟଟି ନୁହେଁ।

**-ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର

**ମୋ :୮୨୪୯୦୮୭୯୯୫**

# ବିଦ୍ୟାଳୟରେ ପାଳିକରି ଝାଡୁ ମାରୁଛନ୍ତି ଛାତ୍ରୀଛାତ୍ର

ଦାରିଙ୍ଗବାଡି, ୭।୧୧ (ଅରୁଣ ସାହୁ)



ବିଦ୍ୟାଳୟକୁ ସକାଳ ୮ଟାରେ ଆସି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିସର, ଶ୍ରେଣୀଗୃହ ସମେତ ପିଣ୍ଡା ଆଦିରେ ଝାଡୁମାରିବା ସହ ସଫେଇ କରିବାକୁ ନିର୍ଦ୍ଦେଶ ହୋଇଛି। ସଫେଇରୁ ବାହାରୁଥିବା ଅଳିଆ ବାହାରେ ନେଇ ଫିଙ୍ଗୁଛନ୍ତି। ଦିନେ କି ଦୁଇଦିନ ନୁହେଁ ପ୍ରତିଦିନ ଛାତ୍ରୀଛାତ୍ରଙ୍କୁ ଏପରି କାର୍ଯ୍ୟ କରିବାକୁ ନିୟମ କରି ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଡକରବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ବିଦ୍ୟାଳୟର ଜଣେ ଛାତ୍ର ଗୁରୁବାର ଝାଡୁ କରୁଥିଲେ। ତାଙ୍କୁ ପଚାରିବାରୁ ସେ ତାଙ୍କ ଶିକ୍ଷକ କମଳାକାନ୍ତ ମହାରଣା ଝାଡୁ କରିବାକୁ କହିଛନ୍ତି ବୋଲି କହି ଗୁରୁବାର ମୋର ପାଳି ଥିଲା ବୋଲି ପ୍ରକାଶ କରିଥିଲେ। ସେ କହିଛନ୍ତି, ବିଦ୍ୟାଳୟ ଛୁଟି ବ୍ୟତୀତ ସବୁଦିନ ଆମେ ପାଳିକରି ଝାଡୁ କରୁଛୁ। ଏନେଇ ସହକାରୀ ଶିକ୍ଷକ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ୨ ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ପାଇଛି। ଏହା ପୂର୍ବରୁ ମୋଠାରୁ ସିନିୟର ଥିବା ପ୍ରଧାନ ଶିକ୍ଷକଙ୍କ ସମେତ ତିନିଜଣ ଶିକ୍ଷକ ରହିଛନ୍ତି। ସେମାନେ ପିଲାଙ୍କୁ ପାଳିକରି ଏପରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥାଇପାରନ୍ତି। ପ୍ରତ୍ୟହ ବିଦ୍ୟାଳୟ ମନିଟରିଂ କରୁଥିବା ସିଆର୍‌ସିସି ବନ୍ଧୁରାଜ ଉଠାଣସିଂଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଜାଣି ନ ଥିଲେ, ଜାଣିଥିଲେ ଏଭଳି କରିବାକୁ ବାରଣ କରିଥାନ୍ତେ ବୋଲି କହିଛନ୍ତି। ଦାରିଙ୍ଗବାଡି ବିଇଓ ଦାୟିତ୍ୱରେ ଥିବା ରାଇକିଆ ବିଇଓ ହାଡ଼ିବନ୍ଧୁ ବେହେରାଙ୍କୁ ପଚାରିବାରୁ ସେ କହିଲେ, ପିଲାଙ୍କୁ ପାଳିକରି ବିଦ୍ୟାଳୟ ପରିସର ଝାଡୁ କରାଇବା ଘଟଣାର ତଦନ୍ତ କରାଯିବ। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ଶିକ୍ଷକ ଶିକ୍ଷାଦାନ ଲାଗି ରହିଛନ୍ତି।

# ୨୦୨୬ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓବାଦୀ ମୁକ୍ତ ଯୋଜନା: ଡିଜିପି

ମାଲକାନଗିରି, ୭।୧୧ (ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲା ଗସ୍ତରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ଗୁରୁବାର ଆସି ମାଓବାଦୀ ସମସ୍ୟା ଓ ବିଭିନ୍ନ ବିଷୟରେ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ହେଲିକପ୍ଟର ଯୋଗେ ଖୁରାନିଆ ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳ ଗୋରାସେତୁ ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରିଥିଲେ। ସେଠାରେ ଯବାନମାନଙ୍କ ସହ ମାଓବାଦୀ ଦମନକୁ ନେଇ ଆଲୋଚନାକରି ସେମାନଙ୍କ ମନୋବଳ ବଢ଼ାଇଥିଲେ। ଏହାସହ ବିଏସ୍‌ଏଫ୍ ଅଧିକାରୀଙ୍କ ସହ ମାଓବାଦୀ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ମାଲକାନଗିରି ଜିଲା ସଦରରେ ଥିବା ଏମ୍‌ଭି ୩ ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ପହଞ୍ଚି ବିଏସ୍‌ଏଫ୍ ଆଇଜି ସି.ଡି. ଅଗ୍ରୱାଲ, ଡିଆଇଜି ବିଜୟ ସିହ୍ନା ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଜିଲା ପୋଲିସ କାର୍ଯ୍ୟାଳୟରେ ବିଏସ୍‌ଏଫ୍ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ସହ ମାଓବାଦୀ ଦମନ ରଣନୀତି ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଯାହା ସମସ୍ୟା ଅଛି ତାକୁ ସମାଧାନ କରାଯିବା ସହ ଗୃହ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟକୁ କିପରି ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ କରାଯିବ ସେ ନେଇ ଆଗକୁ ରଣନୀତି ପ୍ରସ୍ତୁତକରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାଓବାଦୀଙ୍କ ପ୍ରୋତ୍ସାହନରେ ରାଜ୍ୟରେ ଗଞ୍ଜେଇ ଚାଷ ହେଉଥିଲା। ଏବେ ସେମାନଙ୍କ

### ମାଲକାନଗିରିରେ ମାଓବାଦୀ ସମସ୍ୟା ନେଇ ଡିଜିପିଙ୍କ ସମୀକ୍ଷା

ସଂଖ୍ୟା ହ୍ରାସ ପାଇଥିବାରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ମଧ୍ୟ କମିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଜିଲାରୁ ମାଓବାଦୀ ନିପାତ ସହ ବେଆଇନ ଗଞ୍ଜେଇ ଚାଷକୁ ରୋକାଯିବ ବୋଲି ସେ କହିଛନ୍ତି। ତେବେ ଜିଲାରୁ ବିଏସ୍‌ଏଫ୍ ଯବାନଙ୍କୁ ସ୍ଥାନାନ୍ତର ବିଷୟରେ ସେ କହିଛନ୍ତି, ସ୍ୱାଭିମାନ ଅଞ୍ଚଳରେ ଯେଉଁ ଶାନ୍ତି ଫେରି ଆସିଛି ତାହା ସବୁବେଳେ ରହିବା ପାଇଁ ଆମର ପ୍ରୟାସ ରହିବ। ଏହି ଅଞ୍ଚଳରେ ସୁରକ୍ଷା ବଳର ସ୍ୱତନ୍ତ୍ର କ୍ୟାମ୍ପ ରହିବ। ତେଣୁ ଏହାକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ ବୋଲି ଖୁରାନିଆ ଲୋକଙ୍କୁ ଅପିଲ କରିଥିଲେ। ତେବେ ଡିଜିପିଙ୍କ ଏହି ଗସ୍ତ ସମୟରେ ଡିଆଇଜି ଅପରେଶନ ଅଖିଳେଶ୍ୱର ସିଂ, ଡିଆଇଜି ଏସ୍‌ଆଇଡବ୍ଲ୍ୟୁ କେ.ଭି.ସିଂ, କୋରାପୁଟ ଏସ୍‌ପି ରୋହିତ ବର୍ମା, ମାଲକାନଗିରି ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥ ପ୍ରମୁଖଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

"ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ବା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ। -ଶ୍ରୀମା

-ଷୋଳଶାସନ ଅମୃତ ମଣୋହି ଭୋଗ



# ସୌରଶକ୍ତିର ଉଜ୍ଜ୍ୱଳ ଭବିଷ୍ୟତ



ଫାତିହ ବିରୋଲ
ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି



ଅଜୟ ମାଥୁର
ଡାଇରେକ୍ଟର ଜେନେରାଲ, ଇଣ୍ଟରନ୍ୟାଶନାଲ ସୋଲାର ଆଲିଆନ୍ସ

ଜୈବ ଇନ୍ଧନ ଶକ୍ତିରୁ ସ୍ୱଚ୍ଛ ବା ସବୁଜ ଶକ୍ତିକୁ ପରିବର୍ତ୍ତନର ଧାରାରେ ସୌରଶକ୍ତି ଆଗୁଆ ରହିଆସିଛି। ଜଳବାୟୁ, ଜୀବନ ଧାରଣ ଏବଂ ଶକ୍ତି ସୁରକ୍ଷା ପାଇଁ ଏହା ଅଧିକ ଲାଭଦାୟକ ହୋଇଆସିଛି। ଗତ ଦଶନ୍ଧିରେ ଏହାର ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ପ୍ରାୟ ୩୦ ପ୍ରତିଶତରୁ ଅଧିକ ରହିବା ସହ ସୌର ଶକ୍ତି ପାଇଁ ବଜାରରେ ଦ୍ରୁତ ପରିବର୍ତ୍ତନ ଘଟିଛି। ଉଭୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ ଏବଂ ଉପଭୋକ୍ତାଙ୍କ ପାଇଁ ସୌରଶକ୍ତି ସବୁଠୁ ଆକର୍ଷଣୀୟ ହୋଇପାରିଛି। ଏହା ସହ ୨୦୨୩ରେ ବିଶ୍ୱର ଅକ୍ଷୟ ଶକ୍ତି କ୍ଷମତା ୫୦ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ତାହାର ସିଂହଭାଗ ଥିଲା ସୋଲାର ବା ସୌର ପିଭି ( ଫଟୋଭୋଲାଟିକ୍ ସେଲ୍)। ଏହାକୁ ସହଯୋଗ କରୁଥିବା ନୀତିଗୁଡ଼ିକ ୧୩୦ରୁ ଅଧିକ ଦେଶରେ ରହିଛି। ଚଳିତ ଦଶନ୍ଧିର ବାକି ରହିଥିବା ବର୍ଷଗୁଡ଼ିକରେ ସୌରଶକ୍ତି ଅଗ୍ରଣୀ ଭୂମିକା ନେବ ବୋଲି ଜଣାପଡୁଛି। ପୂର୍ବ ୫ ବର୍ଷ ତୁଳନାରେ ୨୦୩୦ ମଧ୍ୟରେ ସୋଲାର ପିଭି ଲଗାଇବା ପ୍ରକ୍ରିୟା ଆମେରିକା, ଚାଇନା, ୟୁରୋପିଆନ ୟୁନିୟନ, ଭାରତ ଏବଂ ବ୍ରାଜିଲ ଭଳି ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ୨ ଗୁଣରୁ ଅଧିକ ହେବ ବୋଲି ଆଶା କରାଯାଉଛି।

ଏଭଳି ଅଭିବୃଦ୍ଧି ପଛରେ ଥିବା ପ୍ରମୁଖ କାରଣ ହେଉଛି ମୂଲ୍ୟ ହ୍ରାସ। ୨୦୨୩ରେ ସୋଲାର ପ୍ୟାନେଲ ମୂଲ୍ୟ ପ୍ରାୟ ୫୦% କମିଛି। କମ୍ ମୂଲ୍ୟ ସହ ଅଧିକ ଉତ୍ପାଦନ ଏବଂ ଅଧିକାଂଶ ମାର୍କେଟରେ ନୂଆ ଜୀବାଶ୍ମ ଇନ୍ଧନ ଶକ୍ତି କେନ୍ଦ୍ର ତୁଳନାରେ ସୋଲାର ପିଭିର ତ୍ୱରିତ ପ୍ରତିଷ୍ଠାପନ ଶସ୍ତା ହେଉଛି। ତେବେ ଯେତେବେଳେ ସୌରଶକ୍ତିକୁ ଗଚ୍ଛିତ କରିବା କିମ୍ବା ଶକ୍ତି ଯୋଗାଇଦେବା ପାଇଁ ଗ୍ରୀଡ୍ ମାଧ୍ୟମରେ ବୃହତ୍ ପରିବର୍ତ୍ତନଶୀଳ ବ୍ୟବସ୍ଥା କରାଯାଇପାରିଲେ ଅଧିକ ଲାଭ ମିଳିପାରିବ। ତଥାପି, ନିକଟ ବର୍ଷଗୁଡ଼ିକରେ ସୌର ଶକ୍ତିର ଅପ୍ରତ୍ୟାଶିତ ଭାବେ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷମତାକୁ ୩ ଗୁଣ ବୃଦ୍ଧି କରିବା ଆବଶ୍ୟକ। ଗତ ବର୍ଷ ଦୁବାଇରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍‌୨୮)ରେ ସମସ୍ତ ଦେଶ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଏକମତ ହୋଇଥିଲେ। ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ଲାଗି ଏହି ଲକ୍ଷ୍ୟ ଅତ୍ୟନ୍ତ ଜରୁରୀ ବୋଲି ସେମାନେ ନିଶ୍ଚିତ ହୋଇଥିଲେ। ତେବେ ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ନୀତି ନିର୍ଦ୍ଧାରକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ଘରୋଇ କ୍ଷେତ୍ରଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ନିୟାମକ ପ୍ରସ୍ତୁତ କରିବା, ସୌର ଓ ଅନ୍ୟ ଅକ୍ଷୟ ଶକ୍ତିରୁ ଉତ୍ପାଦିତ ବିଦ୍ୟୁତ୍‌କୁ ଗଚ୍ଛିତ ରଖିବା ତଥ ଗ୍ରୀଡ୍ ଭିତ୍ତିଭୂମିରେ ବ୍ୟାପକ ନିବେଶ ଉପରେ ସେମାନେ ଗୁରୁତ୍ୱ ଦେବା ଦରକାର। ଏହା ସହ କୌଣସି ଜଟିଳ ସ୍ଥିତି ସୃଷ୍ଟି କରୁଥିବା ସରକାରୀ ନିୟମ ଓ ପ୍ରଶାସନିକ ବାଧା ହଟାଇ କିଭଳି ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ପ୍ରୋଜେକ୍ଟ ପାଇଁ ଅଧିକ ପାଣ୍ଠି ଯୋଗାଇହେବ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ।



ସୌଭାଗ୍ୟବଶତଃ, ଉଚ୍ଚ ମୁଦ୍ରାସ୍ଫୀତି ଓ ଯୋଗାଣ ଶୃଙ୍ଖଳର ଜଟିଳତା ସୋଲାର ପିଭିର ନାଟକୀୟ ମୂଲ୍ୟ ହ୍ରାସକୁ ରୋକିପାରିନାହିଁ। କିନ୍ତୁ ସୋଲାର ପ୍ୟାନେଲ ଉତ୍ପାଦନରେ ଚାଇନାର ବ୍ୟାପକ ନିବେଶ ଯୋଗୁ ଏଭଳି ଧାରା ଜାରି ରହିବା ସହ ଅନ୍ତଃରାଷ୍ଟ୍ରୀୟ ସୌର ସପ୍ଲାଏ ଚେନ୍ ବା ଯୋଗାଣ ଶୃଙ୍ଖଳ ଅଧିକ ମଜଭୁତ ହୋଇଛି। ସୋଲାର ପିଭିର ଅଭିବୃଦ୍ଧି ଜାରି ରହିଥିବାରୁ ଏକ ଦୃଢ଼ ଯୋଗାଣ ଶୃଙ୍ଖଳ ନିଶ୍ଚିତ କରିବା ପାଇଁ ଏହାର ଉତ୍ପାଦନରେ ଅଧିକ ବିବିଧତା ଆଣିବାକୁ ହେବ। ଆମେରିକାର ଇନ୍‌ଫ୍ଲାଶନ ରିଡକ୍‌ସନ ଆକ୍ଟ, ଭାରତର ପ୍ରଡକ୍‌ସନ ଲିଙ୍କ୍‌ଡ ଇନିସିଏଟିଭ ଏବଂ ୟୁରୋପୀୟ ସଂଘର ନେଟ୍ ଜିରୋ ଇଣ୍ଡଷ୍ଟ୍ରି ଆକ୍ଟ ଭଳି ପଦକ୍ଷେପଗୁଡ଼ିକ ଘରେ ଉତ୍ପାଦିତ ହେଉଥିବା ସ୍ୱଚ୍ଛ ବା ସବୁଜ ଶକ୍ତି ଇଣ୍ଡଷ୍ଟ୍ରିଗୁଡ଼ିକର ନିର୍ମାଣ ଓ ପୁନରୁଦ୍ଧାର ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ।

ଦ୍ରୁତ ଅଭିବୃଦ୍ଧିଶୀଳ ଓ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଶକ୍ତି ଚାହିଦା ପୂରଣ କରିବା ପାଇଁ ସୌରଶକ୍ତିର ଅଧିକ ଆବଶ୍ୟକତା ରହିବ। କାରଣ ଏହିସବୁ ଦେଶରେ ନୀତି ନିର୍ଦ୍ଧାରକମାନେ ସବୁଜ ଗୃହ ବାଷ୍ପ( ଜିଏଚ୍‌ଜି) ନିର୍ଗମନ ହ୍ରାସ ଲାଗି ସ୍ୱତନ୍ତ୍ର ଯୋଜନା କରିବା ସମୟରେ ନାଗରିକମାନଙ୍କ ଆର୍ଥିକ ଦିଗକୁ ଅନୁଭବକରି ସେମାନଙ୍କୁ ସାହାଯ୍ୟ କରିବା ସକାଶେ ଚାହୁଁଛନ୍ତି। ଅନେକ ଦେଶରେ ସୌର ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ଶକ୍ତି ଆମଦାନୀ ଉପରେ ଥିବା ନିର୍ଭରଶୀଳତା ହ୍ରାସ କରିବ। ଏହାବ୍ୟତୀତ ବୈଶ୍ୱିକ ଯୋଗାଣ ଅବ୍ୟବସ୍ଥାଜନିତ ବିପଦ ହ୍ରାସ ସହ ଦୀର୍ଘମିଆଦୀ ଶକ୍ତି ସୁରକ୍ଷାକୁ ମଜଭୁତ କରିପାରିବ। କିନ୍ତୁ ଏସବୁ ପଛରେ ପ୍ରଯୁକ୍ତି ଓ ଉପଭୋକ୍ତାଙ୍କ କାର୍ଯ୍ୟ ଜଡ଼ିତ ରହୁଥିବାରୁ ଅତ୍ୟାଧୁନିକ ଶକ୍ତି ଭିତ୍ତିଭୂମିର ଆବଶ୍ୟକତା ଅଧିକ ଦରକାର ପଡ଼ିବ।

ସାମ୍ପ୍ରତିକ ସ୍ଥିତିରେ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିର ଅଭିବୃଦ୍ଧି ସହ ତାଳଦେଇ ଗ୍ରୀଡ୍ ଭିତ୍ତିଭୂମି ବିକାଶ ଓ ବିସ୍ତାର ଯେଉଁ ଗତିରେ ନିବେଶ ହେବା କଥା ତାହା ହେଉ ନାହିଁ। ଫଳରେ ସୌର ସହ ଅନ୍ୟ ନୂଆ ପ୍ରୋଜେକ୍ଟ ସବୁ ଆରମ୍ଭ କରିବାରେ ବିଳମ୍ବ ହେଉଛି। ବହୁ ସମୟରେ ନୂଆ ବିଦ୍ୟୁତ୍ ନେଟ୍‌ୱର୍କ ପାଇଁ ଯୋଜନାକରି ତାହାକୁ ଶେଷକରିବାକୁ ୫-୧୫ ବର୍ଷ ସମୟ ଲାଗିଯାଉଥିବାବେଳେ ନୂଆ ଅକ୍ଷୟ ଶକ୍ତି ପ୍ରୋଜେକ୍ଟ ପାଇଁ ୧-୫ ବର୍ଷ ଲାଗିଥାଏ। ୨୦୩୦ ସୁଦ୍ଧା ଗ୍ରୀଡ୍ ପାଇଁ ନିବେଶ ବାର୍ଷିକ ୬୦୦ ବିଲିୟନ ଡଲାରରୁ ଅଧିକ ଆବଶ୍ୟକ ହେବ। ହେଲେ ଯେଉଁ ଅଞ୍ଚଳରେ ନିବେଶ ଦରକାର ସେଠାରେ ତାହା କରାଯାଉନାହିଁ। ଅନେକ ଦ୍ରୁତ ଅଭିବୃଦ୍ଧିଶୀଳ ଓ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ବିଦ୍ୟୁତ୍ ଚାହିଦାରେ ଦୃଢ଼ ଅଭିବୃଦ୍ଧି ହାସଲ କରିବା ଏବଂ ଅଧିକ ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ଲାଗି ଗ୍ରୀଡ୍‌ରେ ଯେତିକି ନିବେଶ ହେବା କଥା ତାହାଠାରୁ କମ୍ ହେଉଛି। ଏହି ଅଭାବ ପୂରଣ କରିବାକୁ ଏକ ସୁଯୋଗ ଅଛି ଯାହାକୁ ହାତଛଡ଼ା କରିବା ଉଚିତ ନୁହେଁ। ଏବେ ବିଦ୍ୟୁତ୍‌ରୁ ବଞ୍ଚିତ ହେଉଥିବା ବିଶେଷକରି ଆଫ୍ରିକାର ଅଧିକାଂଶ ଦେଶର ଅନେକ ଲକ୍ଷ ଲୋକଙ୍କୁ ଏହା ଯୋଗାଇଦେବା ପାଇଁ ସୋଲାର ପିଭିର ଯଥେଷ୍ଟ କ୍ଷମତା ରହିଛି। କିନ୍ତୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ। ଅନେକ ବିକଶିତ ଓ ବିକାଶଶୀଳ ଦେଶ(ଚାଇନା ବ୍ୟତୀତ) ଏବକାର ସବୁଜ ଶକ୍ତି ନିବେଶ ସ୍ରୋତରେ ସାମିଲହେବାରେ ବିଫଳ ହେଉଛନ୍ତି । କାରଣ ନୂଆ ପ୍ରୋଜେକ୍ଟ ପାଇଁ ଅଧିକ ମୂଲ୍ୟର ପୁଞ୍ଜି ଦରକାର ହେଉଛି। କମ୍ ସ୍ତରରେ ଥିବା ମାର୍କେଟରେ ପ୍ରବେଶ କରିବା ପାଇଁ ନିବେଶକମାନେ ଦାବି କରୁଥିବା ରିସ୍କ ପ୍ରିମିୟମ ସିଧାସଳଖ ସୌର ଶକ୍ତି ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରକୁ କ୍ଷତି କରୁଛି।

ଏହି ବାଧା ଦୂରକରିବା ପାଇଁ ସରକାର, ବହୁ ରାଷ୍ଟ୍ରୀୟ ବିକାଶ ବ୍ୟାଙ୍କ ଏବଂ ଅନ୍ୟମାନେ ଏହି ମାର୍କେଟଗୁଡ଼ିକରେ ପୁଞ୍ଜିର ମୂଲ୍ୟ ହ୍ରାସ କରିବାକୁ ପଦକ୍ଷେପ ନେବା ଦରକାର। ଏହା ମଧ୍ୟ ଅତ୍ୟନ୍ତ ଜରୁରୀ। ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ପାଇଁ ଆଗାମୀ ଦଶନ୍ଧିରେ ବିକଶିତ ଓ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ବାର୍ଷିକ ସବୁଜ ଶକ୍ତି ନିବେଶକୁ ୩ଗୁଣରୁ ଅଧିକ କରିବା ଆବଶ୍ୟକ। ସୌର ଶକ୍ତିର ଅଭିବୃଦ୍ଧି ଦର୍ଶାଉଛି ଏସବୁ ସମ୍ଭବ। ଯଦି ନୀତି ନିର୍ଦ୍ଧାରକମାନେ ଏବେ ରହିଥିବା ପ୍ରଯୁକ୍ତିଗତ,ନିୟାମକ ଏବଂ ଆର୍ଥିକ ବାଧାଗୁଡ଼ିକୁ ଦୂରକରିପାରିବେ , ତେବେ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷମତା ୩ଗୁଣ କରିବାର କପ୍‌୨୮ ଲକ୍ଷ୍ୟ ହାସଲ ହୋଇପାରିବ ଏବଂ ଏ କ୍ଷେତ୍ରରେ ସୌରଶକ୍ତି ଅଗ୍ରଣୀ ଭୂମିକା ନେବ। ଯଦି ଏହି ବାଧାଗୁଡ଼ିକ ଦୂରକରା ନ ଯାଏ, ତେବେ ଜୈବ ଇନ୍ଧନ ଶକ୍ତିରୁ ସବୁଜ ଶକ୍ତିକୁ ପରିବର୍ତ୍ତନ କ୍ଷେତ୍ରରେ ଅନେକ ଦେଶ ପଛରେ ରହିଯିବେ ଏବଂ ବିଶ୍ୱ ଆବଶ୍ୟକ କରୁଥିବା ସବୁଜ ଶକ୍ତି ଅଧିକ ଅଭାବ ରହିବ।

# ପ୍ରଦୂଷଣ ଭୟାବହତା



ଯଶସ୍ୱିନୀ ପଟ୍ଟନାୟକ

ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ପ୍ରଦୂଷଣ ସାଂଘାତିକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଛି। ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ଭୟଙ୍କର ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିୟାଣାର ଲୋକେ ଏହାର ଶିକାର ହେଉଛନ୍ତି। ଜାତୀୟ ମାନବାଧିକାର କମିଶନ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି। ଉପରୋକ୍ତ ରାଜ୍ୟ ସରକାରଗୁଡ଼ିକ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନ ଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣ ଯୋଗାଇ ଦେବାର ଦାୟିତ୍ୱ ସମ୍ପର୍କରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚିତ କରିଛନ୍ତି। ସରକାର ଲୋକଙ୍କଠାରୁ ବଞ୍ଚିବାର ଅଧିକାର ଛଡ଼ାଇନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରଦୂଷଣ ରୋକିବା କେବଳ ସରକାର ବା କୋର୍ଟ କଚେରିର କାମ ନୁହେଁ, ଏହା ସବୁ ଲୋକଙ୍କର ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ନିକଟରେ ପ୍ରକାଶ ପାଇଛି ଲାନ୍‌ସେଟ୍ କମିଶନ ଅଫ୍ ହେଲ୍‌ଥ ଆଣ୍ଡ ପଲ୍ୟୁସନ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ, ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ ଏହି ବର୍ଗର ଦେଶଗୁଡ଼ିକରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁ ଏହା ଲୋକମାନଙ୍କର ବ୍ୟୟଭାରକୁ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲିଦିଏ। ଏହା ଯଦି ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତା'ହେଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଂଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବା ସମ୍ଭାବନା ବଢ଼ି ଯାଇଥାଏ।

ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପରଠାଉରିଆ ପଦକ୍ଷେପ ନେବା ଯଥେଷ୍ଟ ନୁହେଁ, ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟକରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସମ୍ପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହା ହେଲା ସନ୍ତ୍ରାସବାଦ ଓ ବିଶ୍ୱତାପନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ପରିବେଶର ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତା'ହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରାଯିବା ଦରକାର।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ୍ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

## ଏଇ ଭାରତରେ

ପଞ୍ଜାବର ଭଟିଣ୍ଡା ଜିଲାର ବାଲୋ ଗାଁର ବୟସ୍କମାନେ ସେମାନଙ୍କ ପରିଚୟ ନିଶ୍ଚିତ କରିବାକୁ ଆଉ ଟିପଚିହ୍ନ ଦେଉନାହାନ୍ତି। ସେମାନେ ସାକ୍ଷର ହୋଇ ପଞ୍ଜାବୀ କିମ୍ବା ଇଂଲିଶରେ ଦସ୍ତଖତ କରିପାରୁଛନ୍ତି। ବୟସ୍କମାନେ ପିଲାଙ୍କ ଭଳି ପ୍ରତିଦିନ ସ୍କୁଲକୁ ଯାଉଛନ୍ତି, ଯାହାର ନାମ ହେଉଛି ବେବେ ବାପୁ ସ୍କୁଲ। ସ୍କୁଲର ଶିକ୍ଷୟିତ୍ରୀ ହେଉଛନ୍ତି ୨୮ ବର୍ଷିଆ ରାଜ୍‌ବିନ୍ଦର କୌର ଓ ସେ ବୟସ୍କଙ୍କୁ ପଢ଼ାଉଛନ୍ତି। ଏହି ସ୍କୁଲରେ ୫୦ବର୍ଷ ବୟସରୁ କମ୍ କିମ୍ବା ଏହାଠୁ ଅଧିକ ବୟସର ଲୋକ ନାମ ଲେଖାଇଛନ୍ତି। ସ୍କୁଲଟି ସର୍ଦ୍ଦାର ଗୁରୁବଚନ ସିଂ ସେବା ସମିତି ଅଧୀନରେ ଚାଲୁଛି। ଏବେ ଅନେକ ବରିଷ୍ଠ ନାଗରିକ ପଞ୍ଜାବୀରେ ବହିଗୁଡ଼ିକ ପଢି ପାରୁଛନ୍ତି ଏବଂ ନାମ ଦସ୍ତଖତ କରୁଛନ୍ତି । ପିଲାଙ୍କ ଭଳି ସେମାନଙ୍କୁ ବିଭିନ୍ନ ଗଳ୍ପ କୁହାଯାଉଛି। ଏପରି କି ଏହି ସ୍କୁଲରୁ ପଢ଼ି ବହୁବ୍ୟକ୍ତି ସେମାନଙ୍କ ପିଲାମାନଙ୍କୁ ଘରେ ପଢ଼ାଉଛନ୍ତି। ବାଲୋ ଗାଁରେ ଜଣେ ହେଲେ ବି ନିରକ୍ଷର ରହିବେ ନାହିଁ ବୋଲି କୁହନ୍ତି ରାଜ୍‌ବିନ୍ଦର।

## ୫୦ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୭୫

- ସୁପ୍ରିମ୍‌କୋର୍ଟର ୫ ଜଣିଆ ବିଚାରକ ମଣ୍ଡଳୀ ମଧ୍ୟରୁ ପ୍ରଧାନ ବିଚାରପତି ଏ.ଏନ୍. ରାୟ, ଜଷ୍ଟିସ୍ ଏଚ୍.ଆର୍. ଖାନ୍ନା ଓ ଜଷ୍ଟିସ୍ କେ.କେ. ମାଥ୍ୟୁ ନିଜ ନିଜର ପୃଥକ ରାୟରେ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ସମ୍ପୂର୍ଣ୍ଣ ସିଦ୍ଧ କରିଛନ୍ତି।
- ଭାରତ ଓ ମିଳିତ ଆରବ ଏମିରେଟ୍ସ ମଧ୍ୟରେ ଅର୍ଥନୈତିକ ସହଯୋଗ ସଂକ୍ରାନ୍ତୀୟ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 9 | | | 7 | |
| 1 | | 7 | | | | | | |
| | | | 5 | | 6 | | | 2 |
| | | | 8 | 4 | 9 | | | |
| 8 | | | | | 2 | | 9 | |
| | 4 | 2 | | 5 | | | | 7 |
| | | | | | | | | 4 |
| 4 | | | | | | 3 | 2 | |
| 7 | 3 | | | | 4 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 8 | 3 | 6 | 1 | 2 | 4 | 5 |
| 5 | 6 | 4 | 7 | 9 | 2 | 3 | 1 | 8 |
| 2 | 1 | 3 | 4 | 8 | 5 | 6 | 9 | 7 |
| 6 | 4 | 9 | 1 | 5 | 8 | 7 | 3 | 2 |
| 1 | 7 | 5 | 2 | 3 | 6 | 4 | 8 | 9 |
| 3 | 8 | 2 | 9 | 7 | 4 | 1 | 5 | 6 |
| 4 | 2 | 7 | 8 | 1 | 9 | 5 | 6 | 3 |
| 9 | 5 | 1 | 6 | 2 | 3 | 8 | 7 | 4 |
| 8 | 3 | 6 | 5 | 4 | 7 | 9 | 2 | 1 |

ଗତକାଲିର ଉତ୍ତର

# ବିମୁଦ୍ରୀକରଣର ଆଠବର୍ଷ ପରେ



ଡ. ସନ୍ତୋଷ କୁମାର ମହାପାତ୍ର

ଆଜକୁ ଠିକ୍ ୮ ବର୍ଷ ତଳେ ସରକାର ବିମୁଦ୍ରୀକରଣ ପଦକ୍ଷେପ ନେଇ ୧୦୦୦ ଓ ୫୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଥିଲେ। ଏହା ଦୁର୍ନୀତି ଓ କଳାଟଙ୍କାର ବିଲୋପ ଘଟାଇବ, ଜାଲ୍ ନୋଟ୍ କାରବାର ରୋକିବ ବୋଲି କୁହାଯାଇଥିଲା। ପରେ ଏହା ନଗଦବିହୀନ ଅର୍ଥନୀତି ସୃଷ୍ଟି କରିବ ବୋଲି ଆଉ ଏକ ଲକ୍ଷ୍ୟ ଯୋଡ଼ାଯାଇଥିଲା। ଏହାପରେ ଲୋକେ ଅଚଳ ଟଙ୍କା ବଦଳାଇବା ପାଇଁ ବ୍ୟାଙ୍କରେ ଲମ୍ବାଧାଡ଼ି ଲଗାଇଥିଲେ। ଏହି ସମୟରେ ଅନେକ ଅସୁବିଧା ଲୋକେ ସାମ୍ନା କରିଥିଲେ। ନିତିଦିନିଆ ଜୀବନ ବିପର୍ଯ୍ୟସ୍ତ ହୋଇଥିଲା। ଆର୍ଥିକ ଅଭିବୃଦ୍ଧି ମଧ୍ୟ ମନ୍ଥର ହୋଇଯାଇଥିଲା। କିନ୍ତୁ ଆଜିସୁଦ୍ଧା ଗୋଟିଏ ବି ଲକ୍ଷ୍ୟ ପୂରଣ ହୋଇନି ବରଂ ଦୁର୍ନୀତି ଓ କଳାଟଙ୍କା ବୃଦ୍ଧି ପାଇଛି। ବିମୁଦ୍ରୀକରଣ ସମୟରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ମୂଲ୍ୟ ୧୫.୪୧ ଲକ୍ଷ କୋଟି ଥିଲା। ଏହା ମୋଟ ପ୍ରଚଳିତ ମୁଦ୍ରା ପରିମାଣର ୮୬% । ସରକାର ଭାବିଥିଲେ ୩ରୁ ୪ ଲକ୍ଷ କୋଟି ଟଙ୍କା ଫେରିବ ନାହିଁ। ଏଣୁ ସମପରିମାଣର ଅର୍ଥ ସରକାର ରିଜର୍ଭ ବ୍ୟାଙ୍କରୁ ପାଇବେ। କିନ୍ତୁ ଜୁନ୍ ୨୦୧୭ ସୁଦ୍ଧା ୧୫.୩୧ ଲକ୍ଷ କୋଟି ଟଙ୍କା ବା ମୋଟ୍ ଅଚଳ ଟଙ୍କାର ୯୯.୯% ଫେରିଥିଲା। କେବଳ ୧୦,୭୨୦ କୋଟି ଟଙ୍କା ଫେରି ନ ଥିଲା।

ବିମୁଦ୍ରୀକରଣ ମାଧ୍ୟମରେ ସରକାରଙ୍କ କଳାଟଙ୍କା କାରବାର ରୋକିବାର ସିଦ୍ଧାନ୍ତକୁ ଅନେକେ ପ୍ରଶ୍ନ କରୁଛନ୍ତି। ହାଇଦ୍ରାବାଦର ନାଲ୍‌ସାର ଆଇନ ବିଶ୍ୱବିଦ୍ୟାଳୟ ଦ୍ୱାରା ଏକ ଆୟୋଜିତ ସମ୍ମିଳନୀରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରଥନା (ମାର୍ଚ୍ଚ ୨୦୨୪) କହିଥିଲେ ଯେ, ବିମୁଦ୍ରୀକରଣ କଳାଟଙ୍କାକୁ ଧଳାଟଙ୍କାରେ ପରିଣତ କରିବାର ଏକ ମାଧ୍ୟମ ହୋଇଥିଲା। ଅବଶ୍ୟ ବିମୁଦ୍ରୀକରଣ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଏହି ପ୍ରକ୍ରିୟାକୁ ବିରୋଧ କରିଥିଲା। ଭାରତରେ କଳାଧନ ପରିମାଣ କେତେ, କେହି ଠିକ୍ ଭାବେ କହିପାରିବେ ନାହିଁ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଅନୁସାରେ ଭାରତରେ କଳାଧନ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୫୦%। କିନ୍ତୁ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ(ସିବିଆଇ) ଅନୁସାରେ ଏହା ୨୮ ଲକ୍ଷ କୋଟି ଟଙ୍କା ହୋଇଥିଲା ବେଳେ ବିଶ୍ୱବ୍ୟାଙ୍କ ଅନୁସାରେ ଏହା ମୋଟ୍ ଘରୋଇ ଉତ୍ପାଦର ୨୦%। ଅଧିକାଂଶ କଳାଟଙ୍କା ନଗଦ ଆକାରରେ ନୁହେଁ ବରଂ ସୁନା, ରୁପା ଏବଂ ଜମିବାଡ଼ି, ଘରଦ୍ୱାର(ରିୟଲ ଇଷ୍ଟେଟ) ତଥା ବିଦେଶର ଟିକସ ଭୂସ୍ୱର୍ଗରେ ରଖା ଯାଇଥାଏ। ଏଣୁ ବିମୁଦ୍ରାୟନର କୌଣସି ପ୍ରଭାବ ପଡ଼ି ନ ଥିଲା।

ବାସ୍ତବରେ ବିମୁଦ୍ରୀକରଣ ପରେ ଦୁର୍ନୀତି ବୃଦ୍ଧି ପାଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଦୁର୍ନୀତି ଧାରଣା ସୂଚକାଙ୍କ(ସିପିଆଇ) ୨୦୧୬ରେ ଭାରତର ସ୍ଥାନ ୭୯ ଥିଲା। ୨୦୨୩ ସୂଚକାଙ୍କରେ ୧୮୦ଟି ଦେଶ ମଧ୍ୟରେ ଭାରତ ୮୫ତମ ସ୍ଥାନରେ ଥିଲା। ୨୦୨୪ ସୂଚକାଙ୍କରେ ଏହା ୯୩ ସ୍ଥାନକୁ ଖସିଆସିଛି। ଏହାର ଅର୍ଥ ଦୁର୍ନୀତି ହଟାଇବାରେ ଭାରତ ୨୦୧୬ରେ ୭୮ଟି ଦେଶ ତଳେ ଥିଲାବେଳେ ୨୦୨୪ରେ ୯୨ଟି ଦେଶ ପଛରେ ଅଛି। ଅର୍ଥାତ୍ ବିମୁଦ୍ରୀକରଣ ପରେ ଦୁର୍ନୀତି ଦୂର କରିବାରେ ଭାରତର ସ୍ଥିତି ଆହୁରି ନିମ୍ନଗାମୀ। ଦୁର୍ନୀତି ସହ ବ୍ୟାଙ୍କ ଜାଲିଆତି ବୃଦ୍ଧି ପାଇଛି। ଧନୀ ଋଣ ନ ଶୁଝିବା ଯୋଗୁ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଖରାପ ଋଣ ବୃଦ୍ଧି ପାଇଛି। ୨୦୨୩-୨୪ ସୁଦ୍ଧା ଗତ ୫ ବର୍ଷରେ ବ୍ୟାଙ୍କଗୁଡ଼ିକ ୯.୯ ଲକ୍ଷ କୋଟି ଟଙ୍କା ଖରାପ ଋଣ 'ରାଇଟ୍ ଅଫ୍' କରିଛନ୍ତି, ସେଥିରୁ ମାତ୍ର ୧୮% ବା ୧.୮୪ ଲକ୍ଷ କୋଟି ଟଙ୍କା ଉଦ୍ଧାର ହୋଇଛି। ଏହାର ଅର୍ଥ ଅବଶିଷ୍ଟ ଲୁଟ୍ ହୋଇଛି।



ବିମୁଦ୍ରୀକରଣର ଲକ୍ଷ୍ୟ ନଗଦ କାରବାର ହ୍ରାସ କରିବା। କିନ୍ତୁ ନଗଦ କାରବାର ହ୍ରାସ ପରିବର୍ତ୍ତେ ବୃଦ୍ଧି ପାଉଛି । ୨୦୧୬ ନଭେମ୍ବର ୪ରେ ଭାରତରେ ଏହା ୧୭.୭୪ ଲକ୍ଷ କୋଟି ଟଙ୍କା ଥିଲା। କିନ୍ତୁ ଏହା ୨୦୨୩-୨୪ରେ ୩୫ ଲକ୍ଷ କୋଟିକୁ ବୃଦ୍ଧି ପାଇଲାବେଳେ ୨୫ ଅକ୍ଟୋବର ୨୦୨୪ ସୁଦ୍ଧା ୩୫.୩୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସଂଖ୍ୟାଦୃଷ୍ଟିରୁ ବୃଦ୍ଧିହେବା ସ୍ୱାଭାବିକ ପ୍ରକ୍ରିୟା, କିନ୍ତୁ ଜିଡିପି ଅନୁସାରେ ଏହା ମଧ୍ୟ ବୃଦ୍ଧି ପାଇଛି। ଜିଡିପି ଅନୁସାରେ ନଗଦ ମୁଦ୍ରା ୨୦୧୬-୧୭ରେ ୮.୭% ଥିଲା। କରୋନା ମହାମାରୀ ସମୟ(୨୦୨୦-୨୧)ରେ ୧୪.୫% ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୩-୨୪ରେ ମଧ୍ୟ ୧୧.୫% ରହିଛି। ଅବଶ୍ୟ ଦୁର୍ନୀତି ସହ ନଗଦ ଟଙ୍କା କାରବାରର ସେମିତି ସମ୍ପର୍କ ନାହିଁ। ଏହା ଶାସନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ନିର୍ଭର କରେ। ଜାପାନ ପରି କିଛି ଦେଶରେ ନଗଦ କାରବାର ଅଧିକ ହେଲେ ମଧ୍ୟ ଦୁର୍ନୀତି କମ୍। ନାଇଜେରିଆ ପରି ଦେଶରେ ଏହା ୨% ପାଖାପାଖି ଥିଲାବେଳେ, ଏହା ଅପେକ୍ଷାକୃତ ଭାବେ ବହୁତ ଦୁର୍ନୀତିଗ୍ରସ୍ତ। ଜିଡିପି ଅନୁସାରେ ନଗଦ କାରବାର ଜାପାନରେ ୧୮.୬୧%, ହଂକଂ ୧୪.୬୫%, ଥାଇଲାଣ୍ଡ ୧୧.୩୭%, ସ୍ୱିଜରଲାଣ୍ଡ, ୧୧.୧୪ %, ୟୁରୋଜୋନ୍ ୧୦.୦୯%, ତାଇୱାନ୍‌ରେ ୯.୩୭% ଥିଲା। ସେହିପରି ବିମୁଦ୍ରୀକରଣର ଏକ ଲକ୍ଷ୍ୟ ଥିଲା ଜାଲ୍ ନୋଟ କାରବାର ରୋକିବା। କିନ୍ତୁ ତାହା କ'ଣ ସମ୍ଭବ ହୋଇଛି? ୨୦୨୩-୨୪ର ସମସ୍ତ ନକଲି ନୋଟ୍ ପରିମାଣରୁ କେବଳ ୫୦%ରୁ ଅଧିକ ହେଉଛି ୨୦୧୬ ବିମୁଦ୍ରୀକରଣ ପରେ ପ୍ରଚଳିତ ହୋଇଥିବା ନୂତନ ସିରିଜ୍‌ର ୫୦୦ ଏବଂ ୨୦୦୦ ଟଙ୍କିଆର ନୋଟ୍। ଉଲ୍ଲେଖଯୋଗ୍ୟ, ୨୦୧୮-୧୯ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ ହୋଇଥିବା ନୂତନ ସିରିଜର ନକଲି ୫୦୦ ଟଙ୍କିଆ ନୋଟ୍ ସଂଖ୍ୟା ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି।

ସରକାର ସର୍ବଦା ଦୁର୍ନୀତି ବିରୁଦ୍ଧରେ ଲଢ଼େଇ କରୁଛନ୍ତି ବୋଲି କହୁଛନ୍ତି। ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପ୍ରତିବର୍ଷ ଡିସେମ୍ବର ୯ରେ ପାଳନ କରାଯାଉଛି। ୨୦୨୪ରେ ୨୮ ଅକ୍ଟୋବରରୁ ୩ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। "ଏ ବର୍ଷର ଥିମ୍ ହେଉଛି ସାଧୁତା ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧି। କିନ୍ତୁ ସାଧୁତା ଉପର ସ୍ତରରେ ଦେଖାଯାଉନି।" ଯେଉଁମାନେ ଆଇନକାନୁନ୍ ପ୍ରଣେତା ଏବଂ ରକ୍ଷା କରିବାର ଦାୟିତ୍ୱ ନେଉଛନ୍ତି, ସେମାନେ ଠିକ୍ ବିପରୀତ କରୁଛନ୍ତି। 'ଦୁର୍ନୀତି ପ୍ରକ୍ରିୟା ଆଜିର ନିର୍ବାଚନ ପ୍ରକ୍ରିୟାରୁ ସୃଷ୍ଟି ହେଉଛି।' ନିର୍ବାଚନ ବେଳେ ବିଭିନ୍ନ ରାଜନୈତିକ ଦଳ ଓ ନେତା ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି। 'ସେହି ଟଙ୍କା ବିଭିନ୍ନ ଅନୈତିକ ଉପାୟରେ ସଂଗ୍ରହ କରାଯାଉଥିବାରୁ ଦୁର୍ନୀତି ବୃଦ୍ଧି ପାଉଛି।' ସରକାରୀ ଯୋଜନା, ପ୍ରକଳ୍ପ କାର୍ଯ୍ୟକାରୀ ହେଲାବେଳେ ଏକ ମୁଖ୍ୟ ଭାଗ ଦୁର୍ନୀତି ଆକାରରେ ବିଭିନ୍ନ ସ୍ତରରେ ବିଭିନ୍ନ ଲୋକ ବିଶେଷକରି ପ୍ରଶାସକ ଓ ନେତାଙ୍କ ହାତକୁ ଯାଉଛି। ବିଭିନ୍ନ ନିବେଶକ, କମ୍ପାନୀ ପ୍ରଚୁର ଚାନ୍ଦା ବିଭିନ୍ନ ରାଜନୈତିକ ନେତା ଓ ଦଳ ବିଶେଷକରି ଶାସକ ଶ୍ରେଣୀଙ୍କୁ ଦେଉଛନ୍ତି। "ତାହାର ବଦଳରେ ସେମାନେ କୋଟି କୋଟି ଟଙ୍କା ଟିକସ ରିହାତି ପାଉଛନ୍ତି; ଋଣ ଛାଡ଼ ହେଉଛି; ଶାଗମାଛ ଦରରେ ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ପାଉଛନ୍ତି, ଯାହା ଦୁର୍ନୀତିର ମୂଳ କାରଣ ସାଜିଛି ।

ମୋ:୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ଦାଣ୍ଡ ଉଠା ଦୋକାନୀଙ୍କ ଧାରଣା

ମହାଶୟ,

ବିକାଶର ଧାରା ସବୁବେଳେ କେତେକଙ୍କ ପାଇଁ ବିନାଶର କାରଣ ହୁଏ, ଯାହାକି ସଂପ୍ରତି ପୁରୀ ବଡ଼ଦାଣ୍ଡ ଉଠା ଦୋକାନୀଙ୍କ କ୍ଷେତ୍ରରେ ଘଟିଛି। ଶ୍ରୀ ସେତୁ ତଳେ କିମ୍ବା ବଲ୍ଲଭରେ ବେପାର ନ କରି ବଡ଼ଦାଣ୍ଡରେ ପସରା ମେଲାଇବାକୁ ସ୍ଥାନୀୟ ପ୍ରଶାସନ ଉପରେ ଉଠାଦୋକାନୀଙ୍କ ଚାପର ଯଥେଷ୍ଟ କାରଣ ରହିଛି। ଉଚ୍ଛେଦ ହୋଇଥିବା ରସିଦ୍‌ଧାରୀଙ୍କୁ ପୂର୍ବ ସରକାର ମାସକୁ ୧୫,୦୦୦ଟଙ୍କା ଦେଲେ, କିନ୍ତୁ ଏସବୁ ସତ୍ତ୍ୱେ ବଡ଼ଦାଣ୍ଡରେ ମୁଷ୍ଟିମେୟ ବେପାରୀଙ୍କ ବେପାର କରିବା ଜିଦ୍ ହାସ୍ୟାସ୍ପଦ ନୁହେଁ କି ? ବଡ଼ଦାଣ୍ଡ କ'ଣ କେବଳ ଉଠାଦୋକାନୀଙ୍କ ସମ୍ପତ୍ତି ? ଏହା କ'ଣ ଭକ୍ତ ଓ ଭଗବାନଙ୍କର ନୁହେଁ ? ସ୍ୱାର୍ଥକୁ ଆହୁତି ଦେଇ ଅନ୍ୟତ୍ର ବେପାର କଲେ ବଡ଼ଦାଣ୍ଡ ଟ୍ରାଫିକ୍ ଜାମ୍‌ରୁ ମୁକ୍ତି ପାଇବ।

-ଡି.ପି. ତ୍ରିପାଠୀ, ପୁରୀ

## ଚିରନ୍ତନୀ

ଯୁଗେ ଯୁଗେ କେତେ କଥା
ଆସିଛି ସେ କହି
କେତେ ମୁଖେ ନବ ନବ
ରୂପ ରସ ବହି।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାଜପାର ୨ ଗୋଷ୍ଠୀ ମୁହାଁମୁହିଁ**

**ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କିଛିଦିନ ଧରି ଏଠାରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଦୂରତା ବୃଦ୍ଧି ପାଉଥିବା ବେଳେ ଏହି ବିବାଦ ଏବେ ତୀବ୍ର ରୂପ ନେଇଛି। ପ୍ରକାଶ ଯେ, ବତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ପ୍ରକଳ୍ପର ତାଲିକା ଜମାକୁ ନେଇ ବ୍ଲକ ଅଫିସ୍ ପରିସରରେ ଦୁଇଗୋଷ୍ଠୀ ମଧ୍ୟରେ ଠେଲାପେଲା ହୋଇଥିଲା। ଏପରିକି ପରସ୍ପରକୁ ଗାଳିଗୁଲଜ କରିବାକୁ ପଛାଇ ନ ଥିଲେ। ଖବରପାଇ ବାସୁଦେବପୁର ଥାନା ପୋଲିସ ପହଞ୍ଚି ଦୁଇ ପକ୍ଷର ଲୋକଙ୍କୁ ବୁଝାଶୁଝା କରିଥିଲା।

# ଆପଣଙ୍କ ବିଧାୟିକାଙ୍କୁ ଜାଣନ୍ତୁ

**ସୋଫିଆ ଫିର୍ଦ୍ଦୋସ୍-ବାରବାଟୀ-କଟକ(କଟକ)**



କଟକ ଜିଲା ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଚଳିତବର୍ଷ କଂଗ୍ରେସ ଟିକେଟରେ ଲଢ଼ି ସୋଫିଆ ଫିର୍ଦ୍ଦୋସ୍ ପ୍ରଥମଥର ପାଇଁ ବିଧାୟିକା ହୋଇଛନ୍ତି। ସେ ଭାଜପାର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ୮,୦୦୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସୋଫିଆ ୫୩,୩୩୯ ଖଣ୍ଡ ଭୋଟ ପାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ୪୫,୩୩୮ ଖଣ୍ଡ ଭୋଟ ପାଇଥିଲେ।

୧୯୯୧ ଅଗଷ୍ଟ ୨୩ରେ କଟକ ମେହେନ୍ଦିପୁରଠାରେ ସୋଫିଆ ଜନ୍ମଗ୍ରହଣ କରିଥିଲେ। ଫିର୍ଦ୍ଦୋସିଆ ବାନୋ ଓ ମହମ୍ମଦ ମୋକିମଙ୍କ ସେ ବଡ଼ଝିଅ। ସୋଫିଆ କଟକସ୍ଥିତ ସେଣ୍ଟ୍ ଯୋଶେଫ ବାଳିକା ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ୨୦୦୭ରେ ରେଭେନ୍ସା ଜୁନିୟର କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୦୯ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ରେ ନାମ ଲେଖାଇଥିଲେ। ୨୦୧୩ରେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ସିଭିଲ ଇଞ୍ଜିନିୟରିଂରେ ନାମ ଲେଖାଇ ବି.ଟେକ୍ କରିଥିଲେ। ପାଠପଢ଼ା ପରେ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ନିର୍ମାଣ ଓ ରିୟଲ ଇଷ୍ଟେଟ ବ୍ୟବସାୟ କରୁଥିବା ମେଟ୍ରୋ ଗ୍ରୁପରେ ସେ ଯୋଗଦେଇଥିଲେ। ଏବେ ମେଟ୍ରୋ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଭାବେ ସୋଫିଆ କାର୍ଯ୍ୟରତ ଅଛନ୍ତି। ଏଥିସହ ମୋକିମ ଫାଉଣ୍ଡେଶନର ଟ୍ରଷ୍ଟି ଭାବେ କାର୍ଯ୍ୟ କରୁଛନ୍ତି। ମହାମାରୀ ସମୟରେ ଏହି ଫାଉଣ୍ଡେଶନ ପକ୍ଷରୁ ଅସହାୟଙ୍କୁ ଖାଦ୍ୟ, ଔଷଧ, ମାସ୍କ ପ୍ରଦାନ ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା। ତେବେ ପିତା ରାଜନୀତି କରୁଥିବାରୁ ସୋଫିଆ ପିଲାବେଳୁ ଏଥିପ୍ରତି ପ୍ରଭାବିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଛାତ୍ର ରାଜନୀତିରୁ ମୋକିମ ସକ୍ରିୟ ରହି ୨୦୧୯ରେ କଂଗ୍ରେସରୁ ଟିକେଟ ପାଇ ବାରବାଟୀ-କଟକ ଆସନରୁ ବିଧାୟକ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ହାଇକୋର୍ଟ ତାଙ୍କ ବିଧାୟକ ପଦ ରଦ୍ଦ କରିଥିଲେ। ତେଣୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ତାଙ୍କ ଝିଅଙ୍କୁ ଟିକେଟ ଦେବା ପାଇଁ ପ୍ରସ୍ତାବ ଦେବା ପରେ ଦଳ ସୋଫିଆଙ୍କୁ ୨୦୨୪ ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଥିଲା।

**ବିଧାୟିକା କୁହନ୍ତି...**

ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ବାସିନ୍ଦା ସର୍ବଦା ନିଜ ମାଟିର ଲୋକଙ୍କ ହିତରେ ରହିଛନ୍ତି। ସେଥିପାଇଁ ଏଠାକାର ଜନସାଧାରଣ ୨୦୨୪ ନିର୍ବାଚନରେ ଭାଜପା ଓ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୂର୍ବରୁ ତାଙ୍କ ପିତାଙ୍କ ସମୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ସେଥିପାଇଁ ଲୋକମାନେ କଂଗ୍ରେସକୁ ଚୟନ କରିଛନ୍ତି। ଭାଜପା ରାଜ୍ୟରେ ସରକାର ଗଢ଼ିଛି, ହେଲେ ସରକାର ଚଳାଇବା ନୀତି ଦଳକୁ ଜଣାନାହିଁ। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବେରୋଜଗାରିଜନିତ ସମସ୍ୟା ରହିଛି। ସେ ବିଧାୟିକା ନିର୍ବାଚିତ ହେବା ଦିନରୁ ଏସବୁ ଦିଗରେ କିଭଳି ଉନ୍ନତି ଆସିପାରିବ ସେଥିପାଇଁ କାର୍ଯ୍ୟ କରୁଛନ୍ତି। ଏହାସହ ସବୁଜ କଟକ ଗଢ଼ିବାର ଯେଉଁ ସ୍ୱପ୍ନ ରହିଛି, ତାହା ମଧ୍ୟ ପୂରଣ କରାଯିବ। ସ୍ୱର ଉଠାଇ ଦାବି ଉପସ୍ଥାପନା କରି ଲୋକଙ୍କ ପାଇଁ କାମ କରିବା ସମ୍ପୂର୍ଣ୍ଣ ନିଆରା। ଲୋକଙ୍କ ସହ କଂଗ୍ରେସ ପୂର୍ବରୁ ରହିଛି ଏବଂ ଆଗାମୀ ଦିନରେ ରହିଥିବ ବୋଲି ସେ କହିଛନ୍ତି।

**ରିପୋର୍ଟ: ଶିଲ୍ପା ପ୍ରିୟଦର୍ଶିନୀ**

# ୨ ବ୍ଲକ୍ ଦଖଲ ଲକ୍ଷ୍ୟରେ ଭାଜପା

## ମିଶ୍ରଣ ପର୍ବରେ ନାକଟିଦେଉଳ, ଯୁଯୋମୁରାର ସରପଞ୍ଚ, ସମିତିସଭ୍ୟ

**ସମ୍ବଲପୁର, ୭।୧୧**
**(ଭବାନୀ ଶଙ୍କର ଭୋଇ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିବା ସରପଞ୍ଚ, ସମିତି ସଭ୍ୟ।

ରାଜ୍ୟରେ ସରକାର ବଦଳିବା ପରେ ଭାଜପା ତା'ର ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରୁଛି। ବିଜେଡି ଦଖଲରେ ଥିବା ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାକଟିଦେଉଳ ଏବଂ ଯୁଯୋମୁରା ପଞ୍ଚାୟତ ସମିତିରେ ଶକ୍ତି ବଢ଼ାଇବା ପାଇଁ ଦଳ ଅଣ୍ଟା ଭିଡ଼ିଛି। ଗୁରୁବାର ସମ୍ବଲପୁର କଚେରି ରୋଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଉଭୟ ବ୍ଲକର ବହୁ ସରପଞ୍ଚ ଏବଂ ସମିତି ସଭ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଉଭୟ ପଞ୍ଚାୟତ ସମିତିକୁ ନିଜ ଦଖଲକୁ ଆଣିବା ପାଇଁ ଭାଜପା ପ୍ରୟାସ ଆରମ୍ଭ କରିଦେଇଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ଅବସରରେ କଚେରି ରୋଡ଼ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମିଶାଇ ୧୬ଜଣ ଭାଜପାରେ ଯୋଗଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଭାଜପାକୁ ଅନ୍ୟ ଦଳଠାରୁ ଭିନ୍ନ ବୋଲି କହିଛନ୍ତି। ଭାଜପାରେ କ୍ଷମତାକୁ ଉପଭୋଗ କରିବା ନୁହେଁ, ଲୋକଙ୍କ ସେବାକୁ ପ୍ରାଥମିକତାରେ ରଖି କାମ କରିବାକୁ ସେ ଏହି ଅବସରରେ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରର ଜନପ୍ରତିନିଧିମାନଙ୍କ ଭାଜପାରେ ଯୋଗଦାନ ତୃଣମୂଳ ସ୍ତରରେ ଭାଜପା ସଙ୍ଗଠନକୁ ଅଧିକ ମଜଭୁତ କରିବ ବୋଲି ବିଧାୟକ ମିଶ୍ର କହିଛନ୍ତି। ଏହି ମିଶ୍ରଣ ପର୍ବରେ ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଦେବଗଡ଼ର ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମିଶ୍ରଣ ପର୍ବରେ ଭାଜପା ଜିଲା ସଭାପତି ଗିରୀଶ ପଟେଲଙ୍କ ଦେଖା ମିଳି ନ ଥିଲା, ଯାହାକୁ ନେଇ ଦଳୀୟ ମହଲରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଭାଜପା ଜିଲାରେ ଶକ୍ତି ବୃଦ୍ଧି ପାଇଁ ଉଦ୍ୟମ ଚଳାଇଥିବା ବେଳେ ବହୁ ବିଜେଡି ନେତା ଭାଜପା ନେତୃବୃନ୍ଦଙ୍କ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି।

# ତପସ୍ୟା କରିଥିଲେ ଓଡ଼ିଆ କହିପାରି ଥାଆନ୍ତେ: କୃଷ୍ଣ ପାତ୍ର

**ଭୁବନେଶ୍ୱର, ୭।୧୧(ଅନିଲ ଦାସ)**

କନ୍ଧମାଳ ଜିଲାରେ ଆମ୍ବ ଟାକୁଆ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟଣାରେ ନବୀନଙ୍କ ଅଭିଯୋଗର ଜବାବ ଦେଇ ଭାଜପା ବରିଷ୍ଠ ନେତା ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଏହା ବିଷାକ୍ତ ଖାଦ୍ୟଜନିତ ମୃତ୍ୟୁ ବୋଲି ଡାକ୍ତର କହି ସାରିଛନ୍ତି। ତେଣୁ ଏନେଇ ଅଯଥା ରାଜନୀତି କରା ନ ଯାଉ। ୨୪ ବର୍ଷର କଥା ଛାଡ଼, ବାର ବର୍ଷ ଧରି ଯଦି ଠିକ୍ ଭାବେ ତପସ୍ୟା କରିଥାଆନ୍ତେ, ତାହାହେଲେ ନବୀନ ଭଲଭାବରେ ଓଡ଼ିଆ କହିପାରି ଥାଆନ୍ତେ। ସିଏ ଆଦୌ ତପସ୍ୟା କରିନାହାନ୍ତି। ୨୪ ବର୍ଷ କାଳ ସେମାନଙ୍କ ବିଧାୟକ ଓ ମନ୍ତ୍ରୀମାନେ ରାଜ୍ୟକୁ ଲୁଟିଛନ୍ତି। କେତେ ଲୁଟିଛନ୍ତି, ତାହାର ହିସାବ ନାହିଁ। ତେଣୁ ତପସ୍ୟା ଶବ୍ଦଟା ତାଙ୍କ ମୁହଁରେ ଶୋଭାପାଉନି। ତାଙ୍କ ସମୟରେ ରାୟଗଡ଼ା ଜିଲା କାଶୀପୁରରେ ଆମ୍ବଟାକୁଆ ଖାଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କ'ଣ ଚାଉଳର ଅଭାବ ଥିଲା କି ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଅସୁସ୍ଥ ହୋଇଥିଲେ। ଅସୁସ୍ଥଙ୍କର ଏବେ ମଧ୍ୟ ଚିକିତ୍ସା ଚାଲିଛି। ଏହାକୁ ନେଇ ବିରୋଧୀ ଦଳ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ୧୨ ବର୍ଷର ତପସ୍ୟାକୁ ଭାଜପା ସରକାର ଶୁଖୁଆ ପୋଡ଼ାରେ ସାରିଦେଲା: ନବୀନ

**ଭୁବନେଶ୍ୱର, ୭।୧୧(ଅନିଲ ଦାସ)**

କନ୍ଧମାଳ ଜିଲା ଦାରିଙ୍ଗିବାଡ଼ିର ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଭୋଟବ୍ୟାଙ୍କ ସୃଷ୍ଟି କରିବା କେବେ ତାଙ୍କର ଲକ୍ଷ୍ୟ ନ ଥିଲା। ବିକାଶ ଓ କଲ୍ୟାଣ ହେଉଛି ତାଙ୍କ ଲକ୍ଷ୍ୟ। ବିଜେଡି ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣମୂଳକ ଯୋଜନା ଲୋକଙ୍କୁ ସ୍ୱାଭିମାନର ସହ ବଞ୍ଚିବାକୁ ଶକ୍ତି ଦେଇଥିଲା। ଏବେ ବିନା କାରଣରେ ଗରିବ ଆଦିବାସୀଙ୍କ ଚାଉଳକୁ ଭାଜପା ସରକାର ବନ୍ଦ କରିଦେଇଛନ୍ତି। ସେମାନଙ୍କୁ ଆମ୍ବଟାକୁଆ ଖାଇବାକୁ ପଡୁଛି। ବହୁତ ଦୁଃଖର କଥା ଏଥିପାଇଁ ୨ଜଣ ଆଦିବାସୀ ମହିଳାଙ୍କ ପ୍ରାଣ ଯାଇଛି। ଆମ '୧୨ ବର୍ଷର ତପସ୍ୟାକୁ ଏମାନେ ଶୁଖୁଆ ପୋଡ଼ାରେ ସାରିଦେଇଛନ୍ତି' ବୋଲି ନବୀନ କହିଛନ୍ତି। ବିଜେଡି ସରକାର ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ)ରୁ ବାଦ୍ ପଡ଼ିଥିବା ସବୁ ଗରିବ ଲୋକଙ୍କ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନର ସରକାର ଲୋକଙ୍କୁ ଅବହେଳା ନ କରି ଏହାକୁ ଚାଲୁ ରଖନ୍ତୁ। ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ସହ କୌଣସି ସାଲିସ କରାଯାଇପାରିବ ନାହିଁ। ପ୍ରତିଟି ଜୀବନ ମୂଲ୍ୟବାନ ବୋଲି ନବୀନ କହିଛନ୍ତି।

# ଛାତ୍ରମାନେ ଦଳର ଭବିଷ୍ୟତ: ବିଜେଡି

## ସ୍ୱତନ୍ତ୍ର ସଭ୍ୟ ସଂଗ୍ରହ ଅଭିଯାନ

**ଭୁବନେଶ୍ୱର, ୭।୧୧(ଅନିଲ ଦାସ)**

ଛାତ୍ରମାନଙ୍କ ପାଇଁ ବିଜୁ ଜନତା ଦଳ(ବିଜେଡି)ର ସ୍ୱତନ୍ତ୍ର ସଭ୍ୟ ସଂଗ୍ରହ ଅଭିଯାନର ଓରିଏଣ୍ଟେଶନ ପ୍ରୋଗ୍ରାମ ଏବଂ ଦୁଇଦିନିଆ ଡିଜିଟାଲ ଭଲ୍ୟୁଣ୍ଟିୟର କର୍ମଶାଳାକୁ ଗୁରୁବାର ଶଙ୍ଖଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଛାତ୍ରମାନେ ହେଉଛନ୍ତି ବିଜେଡିର ଭବିଷ୍ୟତ। ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ବିରୋଧୀଙ୍କ ଅପପ୍ରଚାରର କଡ଼ା ଜବାବ ଦେବାକୁ ସେ ଛାତ୍ର ସଙ୍ଗଠନକୁ ପରାମର୍ଶ ଦେଇଛନ୍ତି। ବିଜେଡି ସରକାର ଅମଳରେ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ ଉତ୍ତମ ଯୋଜନାକୁ ବନ୍ଦକରି ଦିଆଯାଇଥିବାରୁ ପିଲାମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ସଭ୍ୟ ସଂଗ୍ରହ ଅଭିଯାନ ଗୋଟେ ରାଜନୈତିକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ବିଜେଡି ଓଡ଼ିଶାର ଏକ ନମ୍ବର ଦଳ। ଗତ ନିର୍ବାଚନରେ ଆମେ ଅଧିକ ଭୋଟ ପାଇଛୁ। ଆମର ଭୋଟ ପ୍ରତିଶତ ମଧ୍ୟ ଅଧିକ। ବିଜେଡି ଓଡ଼ିଶାବାସୀଙ୍କ ହୃଦୟରେ ରହିଛି। ଓଡ଼ିଆ ସ୍ୱାଭିମାନର ସୁରକ୍ଷା ତଥା ଓଡ଼ିଆ ପରିଚୟକୁ ଉଜ୍ଜ୍ୱଳ କରିବା ପାଇଁ କାମ ଜାରି ରଖିବାକୁ ନବୀନ ପରାମର୍ଶ ଦେଇଛନ୍ତି।

ଦଳର ସମସ୍ତ ବରିଷ୍ଠ ନେତା ଯଥା ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ, କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ବିଧାୟକ ଅରୁଣ କୁମାର ସାହୁ, ବ୍ୟୋମକେଶ ରାୟ, ଧ୍ରୁବ ସାହୁ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଲେନିନ୍ ମହାନ୍ତି ଓ ପ୍ରିୟବ୍ରତ ମାଝୀ ଏବଂ ପୂର୍ବତନ ମନ୍ତ୍ରୀ ତଥା ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ ପ୍ରମୁଖ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲାରୁ ଛାତ୍ରମାନେ ଯୋଗଦେଇଥିଲେ।

# କଣ୍ଟାବାଞ୍ଜି ଏନ୍‌ଏସି: ଜିଲାପାଳ ଖୋଲିବା ପରେ ପୁଣି ତାଲା ପକାଇଲେ ଅଧ୍ୟକ୍ଷ

**ବଲାଙ୍ଗୀର/କଣ୍ଟାବାଞ୍ଜି, ୭।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

କଣ୍ଟାବାଞ୍ଜି ଏନ୍‌ଏସିରେ ବୁଧବାର ଜଳ ଉତ୍ସବ ପାଳନ ବେଳେ ଆରମ୍ଭ ହୋଇଥିବା ବିବାଦ ଜଟିଳ ହେବାରେ ଲାଗିଛି। ଫଳରେ ଜଳ ଉତ୍ସବ ପାଳନ ହୋଇପାରି ନାହିଁ। ଗୁରୁବାର ଏହି ବିବାଦ ଅଧିକ ଘନୀଭୂତ ହୋଇଛି।

କଣ୍ଟାବାଞ୍ଜି ଅଧୀନ ୱାର୍ଡ ନମ୍ବର ୧୧ରେ ଥିବା ଶିବ ବନ୍ଧରେ ବୁଧବାର ଜଳ ଉତ୍ସବ ପାଳନ କରାଯାଇଥିଲା। କାହାରିକୁ ସୂଚନା ନ ଦେଇ କିଭଳି ଜଳ ଉତ୍ସବ ପାଳନ କରାଯାଉଛି ବୋଲି ଏନ୍‌ଏସି ଅଧ୍ୟକ୍ଷ ବରିୟମ୍ ସିଂ ସାଲୁଜା ଓ ଅନ୍ୟ କାଉନ୍‌ସିଲର ପ୍ରଶ୍ନ କରି ଏହାକୁ ବନ୍ଦ କରିଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷ ଏବଂ କାଉନ୍‌ସିଲରଙ୍କୁ ଅସମ୍ମାନ କରାଯାଇଛି ବୋଲି ଅଭିଯୋଗ ଆଣି ସେମାନେ ଏନ୍‌ଏସି ଅଫିସ ମୁଖ୍ୟ ଫାଟକରେ ତାଲା ମାରି ଦେଇଥିଲେ। ଏହି ସମୟରେ ଅଧ୍ୟକ୍ଷ ସାଲୁଜା ଏବଂ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ କଥା କଟାକଟି ହୋଇଥିଲା। ନିର୍ବାହୀ ଅଧିକାରୀ ମଲ୍ଲିକ ପୋଲିସ ପ୍ରଶାସନ, ସ୍ଥାନୀୟ ତହସିଲଦାର ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଖୋଲି ଅଫିସ କାର୍ଯ୍ୟ କରିଥିଲେ। ସନ୍ଧ୍ୟାରେ ପୁଣି ଅଧ୍ୟକ୍ଷ ଓ କାଉନ୍‌ସିଲର ଏନ୍‌ଏସି ଅଫିସ ଫାଟକରେ ତାଲା ପକାଇ ଦେଇଥିଲେ। ଗୁରୁବାର ସକାଳେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଓ ପୋଲିସ ଉପସ୍ଥିତିରେ ପୁଣି ନିର୍ବାହୀ ଅଧିକାରୀ ମୁଖ୍ୟ ଫାଟକର ତାଲା ଖୋଲି ଅଫିସ କାର୍ଯ୍ୟ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅଫିସ ବନ୍ଦ କରାଯିବା ପରେ ଅଧ୍ୟକ୍ଷ ସାଲୁଜା ଓ କାଉନ୍‌ସିଲର ସୂର୍ଯ୍ୟପ୍ରତାପ ମିଶ୍ର, ଲଳିତ ଅଗ୍ରୱାଲ, ବିକାଶ ତରିଆ ଓ ମନିଶ ଅଗ୍ରୱାଲ ଓ ଅନ୍ୟମାନେ ପୁଣି ତାଲା ପକାଇ ସେଠାରେ ବସି ରହିଥିଲେ। ଗତ ଦୁଇଦିନ ଧରି ଏନ୍‌ଏସି ଅଧ୍ୟକ୍ଷ, କାଉନ୍‌ସିଲର ଏବଂ ନିର୍ବାହୀ ଅଧିକାରୀଙ୍କ ଏହି ତାଲା ମାରିବା ଏବଂ ତାଲା ଖୋଲିବା ଖେଳ ଚାଲିଥିବାରୁ ଏହା କଣ୍ଟାବାଞ୍ଜି ଏନ୍‌ଏସି ସମେତ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।


**बैंक ऑफ़ बड़ौदा Bank of Baroda**

**ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୧ମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା**

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସଂଯୋଜକ ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର **ଖୋର୍ଦ୍ଧା, ପୁରୀ, ନୟାଗଡ଼ ଏବଂ ଗଞ୍ଜାମ** ଆଦି ଜିଲ୍ଲା ନିମନ୍ତେ ବ୍ୟବସାୟିକ ପ୍ରତିନିଧି ସଂଯୋଜକ ପଦର ନିଯୁକ୍ତି ପାଇଁ ଚୁକ୍ତି ଭିତ୍ତିରେ ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।

- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Interent ଇତ୍ୟାଦି)ରେ ଜ୍ଞାନ ଥିବା ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc.(IT) / BE(IT) / MCA / MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

**ବିଜ୍ଞାପନର ବିବରଣୀ ପାଇଁ ଦୟାକରି ଆମ ବ୍ୟାଙ୍କର ୱେବସାଇଟ୍ ଦେଖନ୍ତୁ: https://www.bankofbaroda.in/career-detail.htm#tab-18**
**ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୦.୧୧.୨୦୨୪**

ତାରିଖ: ୦୮.୧୧.୨୦୨୪
କ୍ଷେତ୍ର: ଭୁବନେଶ୍ୱର

ଉପ ମହାପ୍ରବନ୍ଧକ (ଆର୍‌ଏମ୍), ଭୁବନେଶ୍ୱର



**THE HIGH COURT OF ORISSA, CUTTACK**

**SHORT TENDER NOTICE**

**No. 17373** **Date: 07.11.2024**

The High Court of Orissa invites tender in sealed covers from interested bidders for running Cafeteria inside the premises of High Court of Orissa, Cuttack for the Staffs, Counsel and Litigants etc.

1. Last date for submission of Bid - 29.11.2024 before 4.00 P.M.
2. Opening of Technical Bids - 30.11.2024 at 11.30 A.M.
3. Opening of Financial Bids - 30.11.2024 at 3.00 P.M.

For detailed terms and conditions of the tender Notice No. 17371 on Dtd.07.11.2024 bidders may visit the High Court of Orissa website **https://www.orissahighcourt.nic.in/tender-notice/**.

**Sd./- Assistant Registrar (Admin.)**
**High Court of Orissa, Cuttack**



**ଓଡ଼ିଶା ସରକାର**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

**ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪**

**ଇ-ମେଲ୍: directorateofculture@gmail.com**

No. RR-33: ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ - ୨୦୨୪ **(ଆସନ୍ତା ତା୦୬।୧୨।୨୦୨୪ରିଖରୁ ତା୧୭।୧୨।୨୦୨୪ରିଖ)**ର ଆୟୋଜନ ନିମନ୍ତେ ଇଚ୍ଛୁକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଆବେଦନ କରିପାରିବେ।

ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ - ୨୦୨୪ର ସଫଳ ଆୟୋଜନ ନିମନ୍ତେ ଇଚ୍ଛୁକ ଥିବା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥାମାନେ ବିଜ୍ଞାପନ ପ୍ରକାଶ ପାଇବାର ସାତ ଦିନ ମଧ୍ୟରେ ବିଭାଗର ୱେବ୍‌ସାଇଟ୍ **(https://culture.odisha.gov.in)**ରେ ସମ୍ପୂର୍ଣ୍ଣ ବିବରଣୀ ପରିଦର୍ଶନ କରି ଆବେଦନ କରିବେ।

**ସ୍ୱା./- ଉପ-ନିର୍ଦ୍ଦେଶକ, ଓ.ଭା.ସା.ସଂ.**

**OIPR-03029/11/0011/2425**



**ODISHA POWER GENERATION CORPORATION LIMITED**
**(A Government Company of the State of Odisha)**
**Regd. Office : Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, INDIA, www.opgc.co.in,**
**Ph.: +91-674-2303765/66, email : contracts.corp.epc3@opgc.co.in**

OPGC Power for Progress

**NOTICE INVITING TENDER**

**NIT NO. OPGC/STAGE-III/EPC, DATE: 8th NOVEMBER 2024**

**REQUEST FOR PROPOSAL (RFP) FOR**
**EPC PACKAGE OF 2x660MW, STAGE-III (U#5&6) AT IBTPS, OPGC**

(Through Domestic Competitive Bidding)

**Bidding Document No.: 3500004005**

OPGC invites on-line bids at Government e-procurement portal at website : https://tendersodisha.gov.in on single-stage two-envelope domestic competitive bidding basis for "EPC Package of 2x660MW, Stage-III (U#5&6) coal based thermal power plant at IB Thermal Power Station, Banharpali, Jharsuguda, Odisha".

The Invitation for Bids (IFB) providing the brief scope of work, qualification requirement and bidding schedule is available for download from the following websites : www.opgc.co.in and https://tendersodisha.gov.in. Interested parties may download the IFB from any of the aforesaid websites available from 12th November 2024. Bidders can collect the soft copy of the bidding documents from OPGC's registered office at: Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha - 751023, India, by providing requisite information and on payment of requisite tender fee (Non-refundable) of INR 5,90,000/- latest by 7th December 2024. For further information, please contact GM- Contracts at contracts.corp.epc3@opgc.co.in

-Sd-
**General Manager - Contracts**



**छत्तीसगढ़ शासन**

**वन विभाग सामान्य वनमंडल, महासमुन्द (छत्तीसगढ़)**

**नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथौरा काष्ठागार एवं बलोदाबाजार वनमंडल के विभिन्न डिपो में एकत्रित वनोपज/ईमारती काष्ठ का निवर्तन घोष विक्रय द्वारा दिनांक 14.11.2024 को किया गया जावेगा। इच्छुक बोलीदारों से अनुरोध है कि वे नीलाम में भाग लेवें। नीलाम शर्तों एवं अन्य जानकारी कार्यालयीन दिवस व समय पर वनमंडल कार्यालय से प्राप्त की जा सकती है। प्रस्तावित मात्रा में कमी या अधिकता हो सकती है। बोली लगाने के पूर्व कृपया वनोपज का निरीक्षण करने के बाद ही बोली लगावें।

*नीलाम स्थल का नाम - पिथौरा*
*नीलाम दिनांक - 14.11.2024*
*नीलाम समय - 9.00 बजे प्रातः से*

**नीलाम दिनांक 14.11.2024 को रखे जाने वाले वनोपज का अनुमानित मात्रा काष्ठागार पिथौरा**

| क्र. | प्रजाति | नया वनोपज | | | अस्लोल्ड (पुराना) वनोपज | | | कुल वनोपज | | |
|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | घ.मी. | बल्ली | डेंगरी |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | सागोन | 785.027 | 3096 | 3804 | 906.824 | 4344 | 52405 | 1691.851 | 7440 | 56209 |
| 2 | साल | 36.818 | 0 | 0 | 8.710 | 63 | 0 | 45.528 | 63 | 0 |
| 3 | शीशम | 4.783 | 0 | 0 | 0.053 | 0 | 0 | 4.836 | 0 | 0 |
| 4 | तिन्सा | 0.000 | 0 | 0 | 0.806 | 0 | 0 | 0.806 | 0 | 0 |
| 5 | बीजा | 31.685 | 0 | 0 | 4.571 | 0 | 0 | 36.256 | 0 | 0 |
| 6 | साजा | 26.152 | 339 | 0 | 1.386 | 0 | 0 | 27.538 | 339 | 0 |
| 7 | हल्दू मुड़ी | 66.935 | 20 | 0 | 18.714 | 0 | 0 | 85.649 | 20 | 0 |
| 8 | धावड़ा | 8.765 | 0 | 0 | 0.621 | 0 | 0 | 9.386 | 0 | 0 |
| 9 | सलिहा मोदे | 23.059 | 0 | 0 | 0.000 | 0 | 0 | 23.059 | 0 | 0 |
| 10 | पापड़ा | 0.000 | 0 | 0 | 3.109 | 0 | 0 | 3.109 | 0 | 0 |
| 11 | अन्य | 135.741 | 1640 | 0 | 43.643 | 0 | 0 | 179.384 | 1640 | 0 |
| | **योग:** | **1118.965** | **5095** | **3804** | **988.437** | **4407** | **52405** | **2107.402** | **9502** | **56209** |

**वन परिक्षेत्र बागबाहरा, डिपो बागबाहरा - 2249 नग व्यापारिक बांस**

**बलौदाबाजार वनमण्डल अंतर्गत निस्तार/उपभोक्ता/अस्थाई पड़ाव डिपो मे संग्रहित बांस की मात्रा**

| | |
|---|---|
| बरपाली डिपो - 4649 नग पुराना व्यापारिक बांस | निस्तार डिपो महराजी - 330 नग पुराना व्यापारिक बांस |
| थरगांव डिपो - 1040 नग पुराना व्यापारिक बांस | अस्थाई पड़ाव नवागांव - 421.716 नो.ट. पुराना औद्योगिक बांस |

टीप:
1. किसी भी व्यक्ति को नीलाम में किसी लाट के लिये बोली लगाने की अनुमति तब तक नहीं दी जावेगी जब तक कि उसने शर्तों का पालन करने के प्रतीक स्वरूप विक्रय सूचना पर हस्ताक्षर न कर दिये हों।
2. प्रत्येक क्रेता को नीलाम में बोली लगाने पूर्व प्रत्येक लाट् के संबंध में जिस सीमा तक वह बोली लगाना चाहता है उसके 10 प्रतिशत के बराबर राशि या 1000/- इसमें जो भी अधिक हो जमा करना अनिवार्य है।
3. नियमानुसार समस्त क्रेताओं को नीलाम में विक्रय मूल्य के विरुद्ध 25 प्रतिशत ई.एम.डी. की राशि जमा करना अनिवार्य है। यदि किसी क्रेता द्वारा किसी कारणवश विक्रयमूल्य की 10 प्रतिशत राशि ई.एम.डी. के रूप में जमा की जाती है तो उसे 07 दिवस के भीतर शेष 15 प्रतिशत राशि जमा करने हेतु आवेदन पत्र प्रस्तुत कर वनमंडलाधिकारी, स्वीकृति प्राप्त किया जाना अनिवार्य है। आवेदन पत्र प्रस्तुत नही करने पर जमा 10 प्रतिशत ई.एम.डी. की राशि शासन के पक्ष में राजसात कर लाट् निरस्त कर दी जावेगी, जिसकी सम्पूर्ण जिम्मेदारी संबंधित क्रेता की होगी।
4. ई.एम.डी. हेतु महासमुंद में स्थित समस्त बैंको के मल्टीसिटी चैक स्वीकार किया जावेगा।
5. विर्निमाता/उपभोक्ता/व्यापारी लायसेंस 2024 का एवं आयकर पेन नं./सेलटैक्स टीन नम्बर/आधार कार्ड की छायाप्रति अनिवार्य रूप से जमा करने पर ही कार्य आदेश जारी किया जावेगा।
6. नीलाम में क्रय किये गये लाटों का विक्रय मूल्य सहित विवरण ई.एम.डी. जमा पर्ची के पीछे अनिवार्य रूप से दर्ज करना होगा।

दूरभाष क्रमांक: 07723-222084 (कार्यालय)

**स्वा./- वनमण्डलाधिकारी**
**सामान्य वनमण्डल महासमुंद (छ.ग.)**

G-242503639/3

**ସଂକ୍ଷେପରେ**

## ବାଘ ଛୁଆ ଚର୍ଚ୍ଚା ବନ ବିଭାଗ ସ୍ପଷ୍ଟ କଲା ଫିଶିଂ କ୍ୟାଟ୍

କାକଟପୁର/ଅସ୍ତରଙ୍ଗ,୭।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବନାଞ୍ଚଳ ଅନ୍ତର୍ଗତ କାକଟପୁର ବାଉରିଆକଣ ଗାଁରେ ବାଘ ଛୁଆ ବୁଲୁଥିବା ନେଇ ଚର୍ଚ୍ଚା ହୋଇଥିଲା। ଏନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ବୁଧବାର ବିଳମ୍ବିତ ରାତିରେ ବାଉରିଆକଣ ଗାଁ ରାସ୍ତାରେ ଏହି ଜନ୍ତୁଟି ଯାଉଥିବା ବେଳର ଦୃଶ୍ୟ ମୋବାଇଲ୍ କ୍ୟାମେରାରେ କଏଦ ହୋଇଥିଲା। ଏହି ଭିଡିଓଟି ଭାଇରାଲ୍ ହେବା ପରେ ଗ୍ରାମବାସୀ ବାଘ ଛୁଆ ଭାବି ଆତଙ୍କିତ ହୋଇଥିଲେ। ଖବରଦାତାଙ୍କ ଠାରୁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ଭିଡିଓଟି ପାଇବା ପରେ ବାଘ ଛୁଆ ନୁହେଁ, ଏହା ହେଉଛି ଫିଶିଂ କ୍ୟାଟ୍ ବୋଲି ସ୍ପଷ୍ଟ କରିଥିଲେ। ଯାହାକି ଲୋକଙ୍କୁ ସଚେତନ କରିବା ପାଇଁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗୁରୁବାର ବାଉରିଆକଣ ଗାଁରେ ପହଞ୍ଚି ଲୋକଙ୍କୁ ଭୟଭୀତ ନ ହେବା ପାଇଁ ସଚେତନ କରିଥିଲେ।

## ଜାନୁଆରୀ ୩ରୁ ୧୨ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ପୁସ୍ତକମେଳା

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜାନୁୟାରୀ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଶରଧାବାଲିରେ ୨୯ତମ ଶ୍ରୀକ୍ଷେତ୍ର ପୁସ୍ତକମେଳା ଆୟୋଜନ ହେବ। ଏ ନେଇ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସାଲବେଗ ପୀଠରେ ଶିକ୍ଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତାରିଖ ସ୍ଥିରହେବା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ହରିହର ମିଶ୍ର, ଗବେଷକ ତଥା ମେଳା କୋଷାଧ୍ୟକ୍ଷ ସୁନୀଲ ରଥ ଓ କାର୍ଯ୍ୟାଳୟ ସମ୍ପାଦକ ଭବାନୀ ବଳିୟାରସିଂହଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଚକ୍ରଧର ମହାପାତ୍ର, ମେଳା କମିଟି ଉପଦେଷ୍ଟା ବଦ୍ରି ମିଶ୍ର, ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ଅଧିବକ୍ତା ପୁଷ୍କର ମହାପାତ୍ର, ରାଜକିଶୋର ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଅନାମ ସାହୁ, ଭାସ୍କର ମିଶ୍ର, ରଘୁନାଥ ମିଶ୍ର, ବିପିନ୍ ଦଳାଇ, ନାରାୟଣ ନନ୍ଦ, ସ୍ୱାଧୀନ ପଣ୍ଡା, ସୁକାନ୍ତ ପଣ୍ଡା,ନାରାୟଣ ନନ୍ଦ, ଶ୍ରୀକାନ୍ତ ମହାନ୍ତି, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଜ୍ୟୋତି ବ୍ରହ୍ମ ଆଡ୍‌ଭାନ୍ସିଂ କ୍ଳବ ପକ୍ଷରୁ ଗ୍ରାମ ସଫେଇ

ଅସ୍ତରଙ୍ଗ,୭।୧୧(ମମତା ଜେନା)

ପାଟସୁନ୍ଦରପୁର ଗ୍ରାମର ଯୁବକଙ୍କ ମିଳିତ ସହଯୋଗରେ ଜ୍ୟୋତିବ୍ରହ୍ମ ଆଡଭାନ୍ସିଂ କ୍ଳବ ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଗ୍ରାମର ଶିବମନ୍ଦିରଠାରୁ ବାଟମଙ୍ଗଳା ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ସଫେଇ କରାଯାଇଥିଲା। ଏହାଦ୍ୱାରା ଗାଁର ପରିବେଶ ସ୍ୱଚ୍ଛ ରହିବ। ଏହି ଅବସରରେ ସଙ୍ଗଠନର ସଂଯୋଜକ ପ୍ରଦୀପ୍ତ କୁମାର ସ୍ୱାଇଁ, ସଭାପତି ସନ୍ତୋଷ କୁମାର ମହାନ୍ତି, ସମ୍ପାଦକ ଶିଶିର କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସଦସ୍ୟମାନଙ୍କୁ ନେଇ ଆଗାମୀ ଦିନରେ ସଫେଇ କାର୍ଯ୍ୟ ସହିତ ରକ୍ତ ଦାନ କ୍ୟାମ୍ପ, ଶୀତ ବସ୍ତ୍ର ବଣ୍ଟନ, ଗଛ ଲଗାଇବା ଭଳି ଜନମଙ୍ଗଳ କାର୍ଯ୍ୟ କରିବା ପାଇଁ ଶପଥ ନେଇଛନ୍ତି।

# ‘ପିଲାଙ୍କୁ ପ୍ରେରଣା, ଦିଗ୍‌ଦର୍ଶନ ଦିଆଯିବା ଉଚିତ’

**ଜିଲାସ୍ତରୀୟ ସୁରଭି ଉଦ୍‌ଯାପିତ**

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ‘ସୁରଭି’ ଗୁରୁବାର ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ, କନିଷ୍ଠ ତଥା ଶାରୀରିକ ଭିନ୍ନକ୍ଷମ ୩ଟି ବିଭାଗରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ, କ୍ଲଷ୍ଟର ଓ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ତନ୍ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିଲେ। ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ସୁରଭିରେ ଭାଗନେବା ପାଇଁ ମନୋନୀତ କରାଯାଇଛି। ପ୍ରତିଯୋଗିତାଗୁଡ଼ିକୁ ୩୦ ଜଣ ବିଚାରକ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇ




ଜିଲାସ୍ତରୀୟ ସୁରଭି ଉତ୍ସବରେ ମଞ୍ଚାସୀନ ଅତିଥି ।

ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କହିଥିଲେ, ପୁଷ୍ପରେ ସୁରଭି ବା ସୁଗନ୍ଧ ଅଦୃଶ୍ୟ ଭାବେ ରହିଥିବା ପରି କୁନି କୁନି ପିଲାଙ୍କଠାରେ ସୁରଭି ସଦୃଶ ଗୁଣ ଅପ୍ରକାଶ୍ୟ ରୂପେ ରହିଥାଏ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ତାହା ପରିପ୍ରକାଶ ହୋଇ ଭବିଷ୍ୟତରେ ସେମାନଙ୍କୁ ମହନୀୟ କରିଥାଏ। ପିଲାଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ବାଲ୍ୟାବସ୍ଥାରୁ ପିଲାଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦିଆଗଲେ ସେମାନେ ଭଲ ମଣିଷ ହୋଇଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଓ ଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଓ ୧୧ଟି ମଣ୍ଡଳର ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ସଭାପତି ତଥା ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ଶିକ୍ଷକ ମହେନ୍ଦ୍ର କୁମାର ଦାଶ, ଶିକ୍ଷୟିତ୍ରୀ ଅଳକାନନ୍ଦା ଓ କଳ୍ପନା ମିଶ୍ର ସହଯୋଗ କରିଥିଲେ।

## ୧୫ରେ ନାହାମଙ୍ଗପାଟଣା ବୋଇତ ବନ୍ଦାଣ ଉତ୍ସବ

**ଯୋଗଦେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**

ବଳଙ୍ଗା,୭।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ନାହାମଙ୍ଗପାଟଣା ଗ୍ରାମରେ ଭାର୍ଗବୀ ୟୁଥ୍ କ୍ଲବ୍ ପକ୍ଷରୁ ୧୦ମ ବୋଇତ ବନ୍ଦାଣ ଉତ୍ସବ ୧୫ରୁ ୨ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ଦିନରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହିବେ। ଉତ୍ସବକୁ ଆକର୍ଷଣ କରିବା ପାଇଁ ଓଲିଉଡ୍ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ପ୍ରଦୀପ ପଲେଇ, ଶହୀଦ ପାଇକ ଆଖଡ଼ା, ସମ୍ବଲପୁରୀ, ଓଡ଼ିଶୀ, ଛଉ, ସୁରତରଙ୍ଗ କଳାକାରମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବେ ବୋଲି ଭାର୍ଗବୀ ୟୁଥ୍ କ୍ଲବର ସଭାପତି ଧନେଶ୍ୱର ବେହେରା ସୂଚନା ଦେଇଛନ୍ତି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କ୍ଲବର ସମ୍ପାଦକ ସନ୍ତୋଷ ବେହେରା ସୂଚନା ଦେଇଛନ୍ତି।

## ୨ ବାଇକ୍ ଧକ୍କା, ୪ ଗୁରୁତର

ସାକ୍ଷୀଗୋପାଳ,୭।୧୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ ସାନ କାଞ୍ଜିଆ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍‌ରେ ଥିବା ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସାନ କାଞ୍ଜିଆ ଗ୍ରାମର ମାନସ ବେହେରା(୨୦) ଓ ଅନ୍ତରପଣ୍ଡା ଗ୍ରାମର ପ୍ରଶାନ୍ତ ସ୍ୱାଇଁ(୨୬), ଅନ୍ୟ ୨ ଜଣ ବଳଙ୍ଗା ଥାନା ଅଧୀନ ଦୁବାଇପୁର ଗ୍ରାମର ଚୈତନ୍ୟ ପ୍ରଧାନ(୨୮) ଓ ଚନ୍ଦନପୁର ଥାନା ଅଧୀନ ଅପିଲା ଗ୍ରାମର ଗୁନିଆ ବେହେରା (୨୬)। ସ୍ଥାନୀୟ ଲୋକେ ସେମାନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏକ ବାଇକ୍ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଅନ୍ୟ ଏକ ବାଇକ୍ ଭୁବନେଶ୍ୱରରୁ ପୁରୀ ଯାଉଥିଲା। ସତ୍ୟବାଦୀ ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟ୍ ପୂଜା କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ବିଦ୍ୟୁତ୍ ସଂଯୋଗ ତଦାରଖ ବେଳେ ଆକ୍ରମଣର ଶିକାର, ୨ ଆହତ

ନିମାପଡ଼ା,୭।୧୧(ବିଚିତ୍ରାନନ୍ଦ ସାହୁ)

ହୁକ ପକାଇ ବେଆଇନ ଭାବେ ନିଆଯାଇଥିବା ବିଦ୍ୟୁତ୍ ସଂଯୋଗକୁ ଗୁରୁବାର ବିଦ୍ୟୁତ୍ ବିଭାଗ କର୍ମଚାରୀ ଖୋଲିବାକୁ ଉଦ୍ୟମ କରିବାବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଏଥିରେ ବିଦ୍ୟୁତ୍ ବିଭାଗ ଅଧିକାରୀ ସଞ୍ଜୀବ ବେହେରା ଓ ଲାଇନମ୍ୟାନ ମନୋଜ ଦାସ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶୀବବ୍ରତ ନାୟକ ଆକ୍ରମଣକାରୀ ନିରଞ୍ଜନ ଖୁଣ୍ଟିଆ ଓ ତାଙ୍କ ୩/୪ ଜଣ ସମ୍ପର୍କୀୟଙ୍କ ବିରୋଧରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ପୁଅ ସଂଗ୍ରାମ ଖୁଣ୍ଟିଆଙ୍କ ଘରେ କେହି ପୁରୁଷ ଲୋକ ନ ଥିବାବେଳେ ସଞ୍ଜୀବ, ଦୀପକ, ମନୋଜ ନାମକ ବ୍ୟକ୍ତିଙ୍କ ସହ ଅନ୍ୟ କେତେଜଣ ଘରେ ପଶି ମହିଳାଙ୍କୁ ବିଦ୍ୟୁତ୍ ବିଲ୍ ମାଗିଥିଲେ। ଏହି ସମୟରେ ମହିଳାମାନେ ସେମାନଙ୍କ ପରିଚୟ ପଚାରିବାରୁ ସେମାନେ ମହିଳାଙ୍କୁ ଦୁର୍ବ୍ୟବହାର ସହ ଗାଳିଗୁଲଜ କରିଥିଲେ। ସଂଗ୍ରାମ ଘରେ ପହଞ୍ଚି ଏହାର ପ୍ରତିବାଦ କରିବାରୁ କର୍ମଚାରୀମାନେ ତାଙ୍କୁ ମାଡ଼ ମାରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ୪/୫ ଜଣ କର୍ମଚାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷ ଅଭିଯୋଗକୁ ଭିତ୍ତି କରି ପୃଥକ୍ ପୃଥକ୍ ୨ଟି ମାମଲା (ନଂ. ୩୫୧/୨୪ ଓ ୨୫୨/୨୪) ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ନିମାପଡ଼ା ଏନ୍‌ଏସି ଅଧୀନ ନୁଆରକିରି ଗ୍ରାମରେ ନିମାପଡ଼ା ବିଦ୍ୟୁତ୍ ସେକ୍ସନ(୧)ର କେତେଜଣ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀ ବେଆଇନ ବିଦ୍ୟୁତ୍ ସଂଯୋଗ ତଦାରଖ କରୁଥିବାବେଳେ ନିରଞ୍ଜନ ଏଲ୍‌ଟି ଲାଇନ୍‌ରୁ ୨ଟି ହୁକ ପକାଇ ଘରକୁ ବିଦ୍ୟୁତ୍ ସଂଯୋଗ ନେଇଥିବା ଜାଣି ସେଠାରେ ପହଞ୍ଚିଥିଲେ। କର୍ତ୍ତବ୍ୟରତ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ଆକ୍ରମଣ କରାଯିବା ଘଟଣାକୁ ବିଭିନ୍ନ ମହଲରୁ ନାପସନ୍ଦ କରାଯାଇଛି।

## ଆଜି ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟଜୟନ୍ତୀ




ଖବରଦାତା ସମ୍ମିଳନୀରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ସୂଚନା ଦିଆଯାଉଛି ।

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀସ୍ଥିତ ଭୋଳାନାଥ ବିଦ୍ୟାପୀଠରେ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ସମାରୋହ ଏବଂ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ଧରି ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେବେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସ୍ମରଣିକା ଆଡ଼ପ ମଣ୍ଡପ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେବ। ସନ୍ଧ୍ୟାରେ ବିଦ୍ୟାପୀଠର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓ ପୁରାତନ ଛାତ୍ର ବିକ୍ରମ ସାହୁଙ୍କ ନିର୍ଦ୍ଦେଶିତ ନାଟକ ‘ପେଟେଣ୍ଟ ମେଡିସିନ୍’ ମଞ୍ଚସ୍ଥ ହେବ। ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ୯ତାରିଖରେ ଭୋଳନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏନେଇ ଗୁରୁବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂସଦର ସଭାପତି ଡାକ୍ତର ତ୍ରିଲୋଚନ ବରାଳ, ସାଧାରଣ ସମ୍ପାଦକ ସୂର୍ଯ୍ୟମଣି ନାୟକ, ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ଉପଦେଷ୍ଟା ସୁରେନ୍ଦ୍ର ନାଥ ଦାଶ, ସ୍ମରଣିକା କମିଟି ଅଧ୍ୟକ୍ଷ ବୁଦ୍ଧଦେବ ମହାପାତ୍ର, ଉପସଭାପତି ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଗୋଚ୍ଛିକାର, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଦାଶ, ବିକ୍ରମ କୁମାର ସାହୁ, ଜୟକୃଷ୍ଣ ମହାପାତ୍ର, ପ୍ରମୋଦ କୁମାର ଜେନା, ଦିଲୀପ କୁମାର ବଳ, ହରିହର ପାଢ଼ୀ, ଯୁଗଳ କିଶୋର ସିହ୍ନା, ସରୋଜ କୁମାର ମହାନ୍ତି, ଅକ୍ଷୟ କୁମାର ମିଶ୍ର, ସତ୍ୟନାରାୟଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ଶିକ୍ଷକ ବଦଳିକୁ ବିରୋଧ**

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଗୁରୁବାର ଗ୍ରାମବାସୀ ସ୍କୁଲରେ ତାଲା ପକାଇଥିଲେ। ଫଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସମେତ ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ ବାହାରେ ବସିଥିଲେ। ବଦଳି ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ବିଦ୍ୟାଳୟର ବିକାଶ ପାଇଁ ଆସିଥିବା ଟଙ୍କାର ହିସାବ ରଖିଛନ୍ତି। ତେବେ ତାଙ୍କର ବଦଳି ଫଳରେ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟରେ ଦୀର୍ଘବର୍ଷ ହେବ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ ରହିଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଏହି ସ୍କୁଲରେ ୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅବସ୍ଥାରେ ପ୍ରତି ୨/୩ ମାସକୁ ଥରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଅନେକ ସମସ୍ୟା ଉପୁଜୁଛି। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ବନ୍ଦ କରାଯିବାକୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଦ୍ୟାଳୟର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏଠାରେ ୮ଟି ଶ୍ରେଣୀ ଥିବାବେଳେ ୩ ଜଣ ଶିକ୍ଷକ ରହିଥିଲେ। ୧୫ ଦିନ ତଳେ ଆଉ ୨ ଜଣ ଶିକ୍ଷକ ଆସିଛନ୍ତି। ତେବେ ପୁଣି ୨ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଉଛି। ସେହିଭଳି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲକୁ ପଠାଯାଇଛି। ମାତ୍ର ଏଠାରେ କାହାକୁ ଦାୟିତ୍ୱ ଦିଆଯାଇନାହିଁ। ଏନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଶୁଣୁନାହାନ୍ତି। ତେଣୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ। ସେହିପରି କାଶୀହରିପୁର ସରପଞ୍ଚ ମୁକ୍ତିକାନ୍ତ ପଣ୍ଡା କହିଛନ୍ତି, ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗିରହିଛି। ତେଣୁ ପିଲାଙ୍କ ପାଠପଢା ବ୍ୟାହତ ହେଉଛି। ଏନେଇ ଡିଇଓଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିବା ପରେ ସେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପଣ୍ଡା ପ୍ରକାଶ କରିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି, ତାଲା ପଡ଼ିବା ଘଟଣାର ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁପାତରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ନାହାନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବଦଳି କରାଯାଇନାହିଁ। ପୂର୍ବରୁ ବିଦ୍ୟାଳୟରେ ଶିକ୍ଷକ କମ୍ ଥିବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯାଇଥିଲା। ହେଲେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ହେବା ପରେ ତାଙ୍କୁ ତାଙ୍କର ଡେପୁଟେଶନକୁ ରଦ୍ଦ କରାଯାଇ ପୁରୁଣା ସ୍କୁଲକୁ ଫେରାଇ ନିଆଯାଇଛି। ତେବେ ଯାହା ଅଭିଯୋଗ ହେଉଛି, ତା'ର ନିୟମ ଅନୁଯାୟୀ ଅନୁଧ୍ୟାନ ସହ ପଦକ୍ଷେପ ଗ୍ରହଣ କରାଯିବ।

## ଶିକ୍ଷାନୁଷ୍ଠାନ ନିକଟରେ ମାଦକଦ୍ରବ୍ୟ ବିକ୍ରି ବନ୍ଦ କରାଯାଉ

**ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ସହ ଜିଲାପାଳଙ୍କୁ ଦାବିପତ୍ର**

ପୁରୀ, ୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ଶିକ୍ଷାନୁଷ୍ଠାନ ସଜାଡ଼ିବା ସହ କଲେଜ ଓ ସ୍କୁଲ କ୍ୟାମ୍ପସକୁ ସୁରକ୍ଷିତ ରଖିବା ପାଇଁ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସର କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ସ୍ଥାନୀୟ ଏକ ରିସୋର୍ଟଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିବା ପରେ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ସରକାରୀ ନିୟମ ଓ ଆଇନ ଅନୁଯାୟୀ ଶିକ୍ଷାନୁଷ୍ଠାନ ପାଖରେ କୌଣସି ମାଦକଦ୍ରବ୍ୟ ବିକ୍ରିହେବା କଥା ନୁହେଁ। ହେଲେ ଏହାର ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ମାଦକଦ୍ରବ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଭିଆଇପି ରୋଡ୍‌ରେ ଏକ ମଦ ଦୋକାନ ନିକଟରେ ଶିକ୍ଷାନୁଷ୍ଠାନ ରହିଛି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ତୁରନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଆଖପାଖରେ ମାଦକଦ୍ରବ୍ୟ ବିକ୍ରି ଓ ମଦ ଦୋକାନ ବନ୍ଦ କରାଯାଉ। ଆଗାମୀ ୯ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ସହ ଜିଲ୍ଲାପାଳଙ୍କୁ ଘେରାଉ କରାଯିବ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ନାରାୟଣ ପ୍ରଧାନ, ରାଜ୍ୟ ପ୍ରଭାରୀ ଚିନୁ ସିଂ, ପୁରୀ ଜିଲା ଛାତ୍ର କଂଗ୍ରେସ ନେତା ସାହିଲ ମହାନ୍ତି, ଜଗଦୀଶ ରାଉତ, ହେମନ୍ତ ପ୍ରଧାନ, ସମ୍ମିତ ପ୍ରଧାନ, ଆଦିତ୍ୟ କୁମାର, ନମିତା ସାହୁ, ସୁମିତ ପାଲ, ବାପି ମହାପାତ୍ର, ନୃସିଂହ ଦ୍ୱିବେଦୀ, ଶୁଭମ ବେହେରା, ବିଶ୍ୱରଞ୍ଜନ ପଟ୍ଟନାୟକ, ଅଭିଜିତ ସାମଲ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ସ୍କାଉଟ୍ସ, ଗାଇଡ୍ସ ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା

ପୁରୀ,୭।୧୧(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ୭୫ ବର୍ଷ ତଥା ହୀରକ ଜୟନ୍ତୀ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରାଜ୍ୟର ସର୍ବପୁରାତନ ଓପନ ୟୁନିଟ୍ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ୟୁନିଟ୍ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଆଣ୍ଡ ରେଞ୍ଜର ୟୁନିଟ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଷ୍ଠା ଦିବସକୁ ପାଳନ କରାଯାଇଛି। ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ୟୁନିଟ୍ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଆଣ୍ଡ ରେଞ୍ଜର ୟୁନିଟ୍ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଦୀପଦାନ ସହ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ୟୁନିଟ୍ ରୋଭର ରେଞ୍ଜରମାନେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ କୁମାର ଅଗ୍ରୱାଲ, ବିଭିନ୍ନ ଥାନାର ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରବନ୍ଧକ, ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ନିକଟକୁ ଯାଇ ପ୍ରତିଷ୍ଠା ଦିବସର ପ୍ରତୀକ ପତାକା ଲଗାଇ ସଂଗଠନର ବାର୍ତ୍ତା ପ୍ରଚାର କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ଓପନ୍ ୟୁନିଟ୍‌ର ରୋଭର ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଲିଡର ଅଧ୍ୟାପକ ଅନିରୁଦ୍ଧ ଜେନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ରୋଭର କୈଳାସ ଜେନା, ସଦାଶିବ ନାୟକ, ଜଗମୋହନ ପଟ୍ଟନାୟକ, ମନୋଜ ସାମନ୍ତ, ଗୋପାଳ ଘଡ଼େଇ, ପ୍ରୟାସ ମହାପାତ୍ର, ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ଶୁଭାସିନ ପରିଡା, ବିଜୟଲକ୍ଷ୍ମୀ ସ୍ୱାଇଁ, ଆରତି ମହାନ୍ତି, ରାଜଲକ୍ଷ୍ମୀ ବରାଳ, ମୋନାଲିସା ସେଠୀ, ସ୍ନେହାଶ୍ରୀ ପ୍ରଧାନ, ପୁଷ୍ପଲତା ମୁଦୁଲି ଏବଂ ପ୍ରିୟଙ୍କା ମୁଦୁଲିଙ୍କ ସମେତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସମସ୍ତ ରୋଭର ରେଞ୍ଜର ଉପସ୍ଥିତ ଥିଲେ। ପୁରୀ ଜିଲା ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ଓଡ଼ିଶା ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସମସ୍ତ ବ୍ଲକରେ ୧ ହଜାରରୁ ଊର୍ଦ୍ଧ୍ୱ କବ୍, ବୁଲ୍‌ବୁଲ, ସ୍କାଉଟ ଗାଇଡ୍, ରୋଭର ଏବଂ ରେଞ୍ଜର ଶୋଭାଯାତ୍ରାରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପୁରୀ ସହରାଞ୍ଚଳର ସମସ୍ତ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ସ୍କାଉଟ ଆଣ୍ଡ ଗାଇଡ୍‌ଙ୍କ ଦ୍ୱାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ସଚିବ ମହେନ୍ଦ୍ର କୁମାର ବିଶ୍ୱାଳ ଓ ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅମ୍ରିତା ସାହୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରୁ ବାହାରି ଶ୍ରୀମନ୍ଦିର ପାର୍ଶ୍ୱ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଜିଲା ସାଙ୍ଗଠନିକ କମିଶନର ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ସ୍କାଉଟ ମାଷ୍ଟର ରାଜକିଶୋର ସେନାପତିଙ୍କ ତତ୍ତ୍ୱାବଧାନରେ କୋଣାର୍କ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ୱାକାଥନ ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ସିଟି ଫରେଷ୍ଟରୁ ନନ୍ଦନକାନନ ଆସିଲା ୪ ପେଚା



ବାରଙ୍ଗ/ତ୍ରିଶୂଳିଆ,୭।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନକୁ ଗୁରୁବାର ସନ୍ଧ୍ୟାରେ ସିଟି ଫରେଷ୍ଟରୁ ଉଦ୍ଧାର ହୋଇଥିବା ୪ ସାଧାରଣ ପେଚା ଆସିଛି। ପେଚାମାନଙ୍କ ବୟସ ୩ ମାସ ହେବ ବୋଲି ଜଣାପଡ଼ିଛି। ଏହି ଉଦ୍ଧାର ପେଚାଙ୍କୁ କର୍ତ୍ତୃପକ୍ଷ ବନ୍ୟପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନରେ ଛଡ଼ାଯାଇଛି। ଭୁବନେଶ୍ୱର ଶ୍ରୀୟାଛକ ନିକଟରେ ଥିବା ଡ୍ରାଇରେକ୍ଟର ଅଫ୍ ଇମ୍ପ୍ଲୋୟମେଣ୍ଟ କାର୍ଯ୍ୟାଳୟର ଛାତ ଉପରେ ଏହି ୪ ପେଚା ଛୁଆ ଥିବାର କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ସିଟି ଫରେଷ୍ଟର କର୍ମଚାରୀ ୪ ପେଚା ଛୁଆଙ୍କୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଛନ୍ତି। ଛୁଆ ପେଚା ଆସିବା ପରେ ନନ୍ଦନକାନନର ଡାକ୍ତରଖାନାରେ ରଖାଯାଇଛି।

### ୩୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଲିଅନ୍ତା,୭।୧୧(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଭୁବନପୁର କେନାଲ ବନ୍ଧ ନିକଟରେ କାର୍‌ରେ ଗଞ୍ଜେଇ ଚାଲାଣବେଳେ ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱରରେ ରହୁଥିବା କନ୍ଧମାଳ ଜିଲାର କାହ୍ନୁଚରଣ ନାୟକ (୩୬)। ପୋଲିସ ତାଙ୍କ ପାଖରୁ ୩୦ କେଜି ଗଞ୍ଜେଇ, ଏକ କାର୍ ଓ ଏକ ମୋବାଇଲ ଫୋନ ଜବତ କରିଛି। ଏନେଇ ବାଲିଅନ୍ତା ପୋଲିସ ୫୩୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାହ୍ନୁଚରଣ ଏହି ଗଞ୍ଜେଇ କନ୍ଧମାଳରୁ ଆଣିଥିବା ଜଣାପଡିଛି।

### ମୋ ବସ୍ ବେଗ ନେଇ ସତ୍ୟପାଠ ଦାଖଲକଲା କ୍ରୁଟ୍

କଟକ,୭।୧୧ (କାର୍ତ୍ତିକ ସାହୁ)

ମୋ ବସ୍ ଡ୍ରାଇଭରଙ୍କ ବେପରୁଆ ଚାଳନା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ କଟକ ସହର ସମସ୍ୟା ମାମଲାର ଶୁଣାଣିବେଳେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏନେଇ ମୋ ବସ୍ ପରିଚାଳନା କରୁଥିବା କ୍ରୁଟ୍ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ମୋ ବସ୍ ବେଗ ୫୦ କି.ମି.ରୁ ୪୦ କି.ମି.କୁ କମାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଦର୍ଶାଯାଇଛି। ସେହିପରି ମୋ ବସ୍ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଥିବା ମଧ୍ୟ କୁହାଯାଇଛି। କ୍ରୁଟ୍ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ସତ୍ୟପାଠ ଦାଖଲ କରିଥିଲେ।

# ସଚେତନତା ପାଇଁ ଚଳଚ୍ଚିତ୍ର ଦେଖିଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ



ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଏବଂ କୁସଂସ୍କାରକୁ ସମାଜରୁ ଦୂର କରିବା ପାଇଁ ଜଣେ ରୋଗୀକୁ ସ୍ନେହ, ଶ୍ରଦ୍ଧା, ଯତ୍ନ ଓ ସହଯୋଗର ଆବଶ୍ୟକତା ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୁରୁବାର କୃଷି ଭବନ ଅଡିଟୋରିୟମରେ ଦୁଇଟି ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'କାସଭ' ଓ 'ନିଆଲ' ପ୍ରଦର୍ଶିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଚଳଚ୍ଚିତ୍ର ପ୍ରଦର୍ଶନୀକୁ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ତଥା ଅଭିନେତା ପଦ୍ମଶ୍ରୀ ଡ. ମୋହନ ଆଗସେ ଉଦ୍‌ଘାଟନ କରିଥିଲେ। ସେ କହିଲେ, ମଣିଷ ଶରୀରକୁ ବାଦ୍ୟଯନ୍ତ୍ର ଏବଂ ମନକୁ ବାଦ୍ୟଯନ୍ତ୍ରରୁ ନିସୃତ ସଙ୍ଗୀତ ଭାବେ ଅଭିହିତ କରିଆସିଛନ୍ତି। ବାସ୍ତବରେ ମନୁଷ୍ୟ ଶରୀର ଏକ ଚିତ୍ରକରର କ୍ୟାନ୍‌ଭାସ ଭଳି, କାରଣ ଏହା ମାଧ୍ୟମରେ ଅନ୍ତରର ଭାବନା ପ୍ରକାଶିତ ହୋଇଥାଏ। ଶବ୍ଦ ଅଥବା ପୁସ୍ତକ ମାଧ୍ୟମରେ ଯେଉଁ ଜଟିଳ ଭାବନାକୁ ପ୍ରକାଶ କରାଯାଇ ପାରେନାହିଁ, ସେହି ସମାନ ଭାବନାକୁ ଚଳଚ୍ଚିତ୍ର ମାଧ୍ୟମରେ ବେଶ୍ ସହଜରେ ପ୍ରକାଶ କରାଯାଇପାରେ ବୋଲି ସେ ମତ ଦେଇଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନସଚିବ ଅଶ୍ୱତୀ ଏସ୍. କହିଲେ, ଉଭୟ ଚଳଚ୍ଚିତ୍ରର ମାନବିକ ବାର୍ତ୍ତାଗୁଡ଼ିକ ମର୍ମସ୍ପର୍ଶୀ। ଏଗୁଡ଼ିକ ଏକ ବୃହତ୍ତର ସମାଜ ପାଖରେ ନିଶ୍ଚିତରୂପେ ପହଞ୍ଚିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ବୃନ୍ଦା ଡି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ସଂଯୁକ୍ତା ସାହୁ, ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ, କ୍ଲିନିକାଲ ସାଇକୋଲୋଜିଷ୍ଟ ଅନୁଶ୍ରୀ ଥାକର, ଅତିରିକ୍ତ ନିର୍ଦ୍ଦେଶିକା ଜନସ୍ୱାସ୍ଥ୍ୟ ଡା. ପ୍ରମିଳା ବରାଳ ପ୍ରମୁଖ ଉପସ୍ଥିତ ରହି ଚଳଚ୍ଚିତ୍ର ଦେଖିଥିଲେ।

## ବାର୍ତ୍ତା ଦେଲା 'କାସଭ', 'ନିଆଲ'

'କାସଭ' (କଇଁଛ) ପ୍ରକୃତିର ଏକ ଅଭିନ୍ନ ଅଙ୍ଗ। ତେଣୁ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ସେମାନଙ୍କ ସଂରକ୍ଷଣର ଆବଶ୍ୟକତା ରହିଛି। ସେମାନଙ୍କ ସୁରକ୍ଷା ଓ ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କୁ ଆତ୍ମିକ ସହଯୋଗ ଏହି ଚଳଚ୍ଚିତ୍ରର ପ୍ରମୁଖ ବିଷୟବସ୍ତୁ। ଆଧୁନିକ ସମାଜରେ ମାନସିକ ଅବସାଦ ଏକ ବଡ଼ ସମସ୍ୟା ରୂପେ ଦେଖାଦେଇଛି। ପ୍ରଗତିଶୀଳ ଦୁନିଆ ସହ ତାଳଦେଇ ଚାଲିବାରେ ଅସମର୍ଥତା ଏବଂ ପରିବାର ଓ ସାମାଜିକ ବନ୍ଧନରେ ଅବକ୍ଷୟ ଯୋଗୁ ଲୋକଙ୍କ ମଧ୍ୟରେ ନିଃସଙ୍ଗତା ବୃଦ୍ଧି ପାଉଛି। ପ୍ରକୃତିକୁ ନିଖୁଣ ଭାବରେ ଅନୁଧ୍ୟାନ କଲେ ନିଃସଙ୍ଗତା ବା ଅବସାଦରୁ ମୁକ୍ତି ମିଳିପାରିବ, ଯାହାକୁ କଇଁଛର ଜୀବନଚକ୍ର ମାଧ୍ୟମରେ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ କରାଯାଇଛି। ସେହିପରି ଅନ୍ୟଏକ ଚଳଚ୍ଚିତ୍ର



'ନିଆଲ'ରେ ଲିଉକୋଡର୍ମା ନାମକ ଅଣ-ସଂକ୍ରାମକ ଚର୍ମରୋଗ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ରୋଗରେ ପୀଡ଼ିତ ଲୋକେ ସମାଜର ଅଜ୍ଞାନ ଯୋଗୁ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ରୋଗ ବିଷୟରେ ସମାଜରେ ଥିବା ଭୁଲ୍ ଧାରଣାକୁ ଏହି ଚଳଚ୍ଚିତ୍ରରେ ଦେଖାଯାଇଛି। ଏଥିରେ ମଧ୍ୟ ରୋଗୀମାନଙ୍କୁ ଏକ ଶାନ୍ତିପୂର୍ଣ୍ଣ ଓ ସୁଖଦ ଜୀବନ ଦେବା ପାଇଁ ପରିବାର ତଥା ସମାଜର ଅକୁଣ୍ଠ ସ୍ନେହ, ଯତ୍ନ ଏବଂ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଠକି ନେଉଥିଲେ, ୨ ଗିରଫ

ଭୁବନେଶ୍ୱର,୭।୧୧(ସୂର୍ଯ୍ୟକାନ୍ତ ବେହେରା)

ଚତୁରାତର ସହ ଏଟିଏମ୍ କାର୍ଡ ବଦଳାଇ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ନେଇଯାଉଥିବା ୨ ପେସାଦାର ଠକଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଯାଜପୁର କୃଷ୍ଣପୁର ଶାସନ ଅଞ୍ଚଳର ସମ୍ଭବ ଆଚାର୍ଯ୍ୟ ଓ ବିହାରର ଜିତେନ ବୋସକ। ଉଭୟଙ୍କଠାରୁ ଗୋଟିଏ ବାଇକ, ୨ଟି ମୋବାଇଲ, ୪୦ ହଜାର ଟଙ୍କା ଜବତ ହୋଇଛି। ଭିକାରୀ ମହାକୁଡ ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣଙ୍କ ଏଭଳି ତରିକାରେ ଓଡିଶାର ବିଭିନ୍ନ ଜିଲାରୁ ଠକିବା ସହ ୨୦୧୦ରୁ ୨୦୨୪ ମଧ୍ୟରେ ୨୬ଟି ଏଟିଏମ୍ ବଦଳାଇ ଠକିଥିବାବେଳେ ଚୋରି ଆଦି ୨୬ଟି ଆପରାଧିକ ମାମଲାରେ ଜଡିତ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। କେହି ବୟସ୍କ ଲୋକ ଟଙ୍କା ଉଠାଇବା ବେଳେ ଅଭିଯୁକ୍ତମାନେ ପଛ ପାର୍ଶ୍ୱରେ ରହି ପିନ ନମ୍ବର ଜାଣିଯାଉଥିଲେ। ପରେ ତାଙ୍କ କାର୍ଡକୁ ବଦଳାଇ ସେଥିରୁ ଟଙ୍କା

# ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ପ୍ରତିଷ୍ଠା ଦିବସ ରାଜ୍ୟ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ କବ୍, ବୁଲ୍‌ବୁଲ୍, ସ୍କାଉଟ୍ସ ଗାଇଡ୍ସ, ରୋଭର ଏବଂ ରେଞ୍ଜରମାନେ ଯୋଗଦେଇ ସଚେତନତା ରାଲି କରିବା ସହିତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ଲୋଗୋକୁ ସମସ୍ତଙ୍କୁ ପ୍ରଦାନ କରିଥିଲେ। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ୪୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ, ଗାଇଡ୍ସ, ରୋଭର ଓ ରେଞ୍ଜରମାନେ ସଚେତନତା ରାଲି



କରିଥିଲେ। ଏଥିସହ ଲୋକସେବା ଭବନକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଭେଟି ଦିବସର ପ୍ରତୀକ ପତାକା ଲଗାଇ ସଂଗଠନର ବାର୍ତ୍ତା ପ୍ରଚାର କରିଥିଲେ। ଅପରାହ୍ନରେ ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ପିଲାଙ୍କ ମଧ୍ୟରେ ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଫଳକ ପ୍ରଦାନ କରାଯାଇଥିଲା।

## କୁଞ୍ଜବିହାରୀ ମହାବିଦ୍ୟାଳୟରେ ସେମିନାର ସପ୍ତାହ

ବାରଙ୍ଗ/ତ୍ରିଶୂଳିଆ,୭।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ସ୍ଥାନୀୟ କୁଞ୍ଜବିହାରୀ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ବିଭିନ୍ନ ବିଭାଗୀୟ ସେମିନାର ଜାରି ରହିଛି। ଏହି କ୍ରମରେ ଗୁରୁବାର ଅର୍ଥନୀତି ବିଭାଗର 'ଭାରତରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ପ୍ରଭାବଶୀଳତା' ବିଷୟରେ ଆଲୋଚନା କରାଯାଇଛି। ଆଲୋଚନାରେ ଅଧକ୍ଷା ଡ. ଲିପିପୁଷ୍ପା ନାୟକ ସଭାପତିତ୍ୱ କରିଥିଲେ। ଅର୍ଥନୀତି ବିଭାଗର ପୂର୍ବତନ ପ୍ରାଧ୍ୟାପକ କମଳ କୁମାର ପାଣି ଏହି ସନ୍ଦର୍ଭରେ ବିଭିନ୍ନ ଦିଗ ବାବଦରେ ଆଲୋଚନା କରିଥିଲେ। ଡ. ମାନସରଞ୍ଜନ ଦାଶମିଶ୍ର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରାଣୟିନୀ ମିଶ୍ର, ଅଧ୍ୟାପକ କିଶୋର ଚନ୍ଦ୍ର ସାହୁ ଆଲୋଚନାରେ ଭାଗନେଇଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଟୟୋଟାର ୨ ଦିନିଆ ବୁଟ୍ କ୍ୟାମ୍ପ ଉଦ୍‌ଯାପିତ



ଭୁବନେଶ୍ୱର,୭।୧୧(ଅଭୟ ଦାଶ)

ଟୟୋଟା କିର୍ଲୋସ୍କାର ମୋଟର୍ସ (ଟିକେଏମ୍) ବା ଟୟୋଟାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ବୁଟ୍‌କ୍ୟାମ୍ପ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏପରିକି ଏହି ୨ ଦିନିଆ ବୁଟ୍ କ୍ୟାମ୍ପ ଜରିଆରେ ବ୍ରାଣ୍ଡର ପ୍ରମୁଖ ମଡେଲ ଟୟୋଟା ହାଇଲକ୍ସ'ର ଦୁଃସାହସିକ ଡ୍ରାଇଭିଂ କଳା ପ୍ରଦର୍ଶନୀ ଭୁବନେଶ୍ୱରର ଡମଣା ପଡ଼ିଆଠାରେ ଆୟୋଜିତ ହୋଇଥିଲାବେଳେ ଏହି ୨ଦିନିଆ ସ୍ୱତନ୍ତ୍ର ଡ୍ରାଇଭିଂ କଳା ପ୍ରଦର୍ଶନୀ ଅଭିଜ୍ଞ ଓ ଦକ୍ଷ ଗାଡି ଚାଳକଙ୍କ ଦ୍ୱାରା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର କ୍ୟାପିଟାଲ ଟୟୋଟା ମଞ୍ଚେଶ୍ୱର ଭୁବନେଶ୍ୱର ପକ୍ଷରୁ ବୁଧବାର ଭୁବନେଶ୍ୱରର ଡମଣା ପଡ଼ିଆଠାରେ ଏହି କ୍ୟାମ୍ପର ଆୟୋଜନ କରାଯାଇଥିଲାବେଳେ ଏହି ୨ ଦିନରେ ପ୍ରାୟ ୧୦୦ରୁ ଅଧିକ ଅଭିଜ୍ଞ ଗାଡି ଚାଳକ ଓ ମାଲିକ ଅଂଶ ଗ୍ରହଣ କରିଥିଲେ।

ଏହି ଅବସରରେ କ୍ୟାପିଟାଲ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ଗର୍ଗ, ଜିଏମ୍ ଚମ୍ପକ କୁମାର ଦାଶ, ସେଲ୍‌ସ ମ୍ୟାନେଜର ସୁଶାନ୍ତ କୁମାର ସାହୁ, ମାର୍କେଟିଂ ମ୍ୟାନେଜର ଶିବାନୀଙ୍କ ସମେତ ସେଲ୍‌ସ ଟିମ୍‌ର ସଦସ୍ୟ ସନ୍ଦୀପ, ସରିତା, ଜ୍ୟୋତି, ଆନନ୍ଦ, ଚନ୍ଦନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କ୍ୟାପିଟାଲ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ଗର୍ଗ କହିଥିଲେ, ଟୟୋଟାର ଏହି ୨ଦିନିଆ କ୍ୟାମ୍ପ ଜରିଆରେ ଗ୍ରାହକମାନେ ହାଇଲକ୍ସର ଦୁଃସାହସିକ ଡ୍ରାଇଭିଂ ମଜା ସହିତ ଏହା ଉଭୟ ଗାଡ଼ି ଚାଳକ ଓ ଗାଡ଼ି ଭିତରର ଯାତ୍ରୀଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥିଲା। ଏପରିକି ଲଙ୍ଗ ଓ ଆଡଭେଞ୍ଚରିଂ ଡ୍ରାଇଭିଂ ସହିତ ଟୟୋଟା ମଡେଲର ବିଶେଷତ୍ୱତା ମଧ୍ୟ ଗ୍ରାହକମାନେ ହାସଲ କରିପାରିଥିଲେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

## ଆର୍‌ଆଇ, ଅମିନ୍ ପରୀକ୍ଷା ଅନିୟମିତତା
## ଅଭିଯୋଗ ଦାଖଲ ପାଇଁ ପୋର୍ଟାଲ ଖୋଲିଲା

ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସଏସଏସସି) ପରିଚାଳିତ ଆରଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଅନ୍ୟପଟେ ଓଏସଏସଏସସି ଏକ ଅଭିଯୋଗ ପୋର୍ଟାଲ ଖୋଲି ପରୀକ୍ଷାରେ ପରୀକ୍ଷାର୍ଥୀ ସମ୍ମୁଖୀନ କରିଥିବା ଅସୁବିଧାକୁ ଅଭିଯୋଗ ଆକାରରେ ଦେବା ପାଇଁ ଆହ୍ୱାନ କରିଛି। ଅନ୍ୟପଟେ ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନ ସଂଗଠନରଆବାହକ ବିଭୁତି ଭୂଷଣ ମହାପାତ୍ର ଏହାକୁ ବିକଳାଙ୍ଗ ପଦକ୍ଷେପ ବୋଲି ଦର୍ଶାଇଛନ୍ତି। ସରକାର ଓ ଓଏସଏସଏସସି ମୂଳ ପ୍ରସଙ୍ଗକୁ ଛାଡି ଦେଇଥିବା ସେ କହିଛନ୍ତି। ପୂର୍ବରୁ କଳା ତାଲିକା ଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ , ସବୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ସାରିବା ପରେ ସମାନ ପ୍ରଶ୍ନପତ୍ରରେ ଆଉ ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା , ଜାଣି ଶୁଣି ନୂଆ ଓ ନିମ୍ନ ମାନର ପରୀକ୍ଷାକେନ୍ଦ୍ର ଚୟନ , ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ଆଦି ଅଭିଯୋଗରେ ସରକାରଙ୍କ ଓ ଓଏସଏସଏସସି ମତ କଣ ବୋଲି ପ୍ରଶ୍ନ କରିଛନ୍ତି ବିଭୁତି ପ୍ରଶ୍ନ କରିଛନ୍ତି।

## ୱାକାଥନ୍ ମାଧ୍ୟମରେ କ୍ୟାନ୍‌ସର ସଚେତନତା

### ଆପୋଲୋ କ୍ୟାନ୍‌ସର ସେଣ୍ଟର

ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

ଆପୋଲୋ କ୍ୟାନ୍‌ସର ସେଣ୍ଟର ପକ୍ଷରୁ ଜାତୀୟ କର୍କଟ ଦିବସ ଅବସରରେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ସର୍ଭିସେସ୍ ନିର୍ଦ୍ଦେଶକ ଡା. ଆଲୋକ ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୱାକାଥନ୍ ମାଧ୍ୟମରେ କ୍ୟାନ୍‌ସର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ରୋଗର




କାରଣ, ନିରାକରଣ ତଥା ଚିକିତ୍ସା ସମ୍ପର୍କରେ ହସ୍ପିଟାଲର ଅଙ୍କୋଲୋଜି, ରେଡିଏଶନ୍ ଅଙ୍କୋଲୋଜି, ମେଡିକାଲ ଅଙ୍କୋଲୋଜି ବିଭାଗର ବିଶେଷଜ୍ଞ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ, ଡା. ସୁନୀଲ ଜୈସ୍ୱାଲ, ଡା. ସ୍ମିତି ଦାଶ, ଡା. ସମରେନ୍ଦ୍ର ଦାଶ, ଡା. ଗଣେଶ ସୁବୁଦ୍ଧି, ଡା. ପ୍ରଶାନ୍ତ ପରିଡ଼ା ପ୍ରମୁଖ କ୍ୟାନ୍‌ସରକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ।

# ବିଶ୍ୱାସ ପାଳିଲା ଛଟ୍ ପୂଜା



ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

ବିହାର ସୋସିଆଲ ୱେଲ୍‌ଫେୟାର ଆସିଷ୍ଟାନ୍ସ ସୋସାଇଟି(ବିଶ୍ୱାସ) ପକ୍ଷରୁ ୨୩ବର୍ଷ ଧରି ରାଜଧାନୀ ଭୁବନେଶ୍ୱରରେ ସୂର୍ଯ୍ୟଙ୍କ ଆରାଧନାର ପର୍ବ 'ଛଟ୍' ପର୍ବ ପାଳନ କରାଯାଉଛି। କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଗୁରୁବାର ଅପରାହ୍ନରୁ ଜରିପାଟଣା ନୂଆ ବାଲିଯାତ୍ରା ପଡ଼ିଆ ସନ୍ନିକଟ କୁଆଖାଇ ନଦୀ ତଟରେ ଏହି ପୂଜା ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଭୋର୍‌ରେ ପୂଜା ସମାପନ ହୋଇଛି। ବ୍ରତଧାରୀମାନେ କୁଆଖାଇଠାରେ ଅସ୍ତ ହେଉଥିବା ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଥିଲେ। ଉଭୟ ମହିଳା ଓ ପୁରୁଷ ନିର୍ଜଳା ଉପବାସ ରଖି ପରିବାରର ମଙ୍ଗଳ କାମନା କରିଥିଲେ।

### ସାମିଲ ହେଲେ ବିଧାୟକ, ମେୟର

କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଶ୍ୱାସ ସଭାପତି ରାଜକୁମାର ସିଂହ, ଉପସଭାପତି ଅଜୟ ବାହାଦୁର ସିଂହ, ସଦସ୍ୟ ଚନ୍ଦ୍ରଭୂଷଣ ସିଂହ ଏବଂ ଅଭିଷେକ ମିଶ୍ର ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ। ଚର୍ମରୋଗ, ଚକ୍ଷୁରୋଗ, ସ୍ୱାମୀଙ୍କ ଦୀର୍ଘାୟୁ କାମନା, ସନ୍ତାନ ପ୍ରାପ୍ତି ସହ ପରିବାର ମଙ୍ଗଳ ପାଇଁ ଏହି ପର୍ବ ପାଳନ କରାଯାଉଥିବାବେଳେ ପାରାଦୀପରୁ ଓଡ଼ିଶାରେ ଏହି ପର୍ବ ପାଳନ ଆରମ୍ଭ ହୋଇଥିବା କୁହାଯାଏ। ପରେ ରାଉରକେଲା ସହ ଅନ୍ୟାନ୍ୟ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପାଳନ କରାଯାଉଛି। ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ ଓ ଉତ୍ତରାଞ୍ଚଳ ଆଦିରୁ ଓଡ଼ିଶାରେ ବସବାସ କରୁଥିବା ଲୋକଙ୍କ ସମେତ ଓଡ଼ିଶାର ବହୁଲୋକ ଏଥିରେ ସାମିଲ ହେଉଛନ୍ତି। ସାତ୍ତ୍ୱିକ ଭୋଜନ ଗ୍ରହଣ ସହ ନିଷ୍ଠାର ସହ ଏହି ପୂଜା କଲେ ଛଠି ମାତା ମନସ୍କାମନା ପୂରଣ କରନ୍ତି ବୋଲି ବିଶ୍ୱାସ ରହିଛି।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଆରାଧନାକଲେ ବ୍ରତଧାରୀ

### କୁଆଖାଇ ନଦୀକୂଳରେ ଛଟ୍ ପୂଜା

ବାଲିଅନ୍ତା, ୭।୧୧ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ କୁଆଖାଇ ନଦୀକୂଳରେ ଗୁରୁବାର ପବିତ୍ର କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ସୂର୍ଯ୍ୟ ଷଷ୍ଠୀ ବ୍ରତ ଛଟ୍ ପୂଜା ପାଳନ କରାଯାଇଛି। ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଆରାଧନା ସହ ଅର୍ଘ୍ୟ ଅର୍ପଣ କରି ବିଧି ଅନୁସାରେ ପୂଜା ଆରମ୍ଭ କରିଛନ୍ତି। ଏଥିରେ ଭୁବନେଶ୍ୱର ଓ ଏହାର ଆଖପାଖରେ ବସବାସ କରୁଥିବା ବିହାର ଓ ଅନ୍ୟ ହିନ୍ଦୀ ଭାଷାଭାଷୀ ରାଜ୍ୟର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଉଭୟ ମହିଳା ଓ ପୁରୁଷ ବ୍ରତଧାରୀ ନିର୍ଜଳା ଉପବାସ ରହି ପରିବାରର ମଙ୍ଗଳ କାମନା କରିଥିଲେ। ନଦୀକୂଳରେ ଏହି ପୂଜା କରିବାର ବିଧି ଥିବାରୁ ହିନ୍ଦୀ ବିକାଶ ମଞ୍ଚ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଗୁରୁବାର ଅପରାହ୍ନ ୨ଟାରୁ ନଦୀକୂଳରେ ବ୍ରତଧାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଭିଡ଼ ଲାଗିଥିଲା। ମହିଳା ବ୍ରତଧାରୀ ନଦୀକୂଳ ବାଲିରେ ଷଷ୍ଠୀ ମାତାଙ୍କ ସ୍ୱରୂପ ଆଖୁ



ଗଛ ପୋତି ଓ କଳସ ସ୍ଥାପନ କରି, ଦୀପ ଜାଳି ନାନା ଫଳମୂଳ ଓ ମିଠା ରଖି ପୂଜାର୍ଚ୍ଚନା କରିଥିଲେ। ସେଠାରେ ବସି ଷଷ୍ଠୀ ମାତାଙ୍କ ଗୀତ ଗାଇଥିଲେ। ପରେ ମହିଳା, ପୁରୁଷ ବ୍ରତଧାରୀ ନଦୀରେ ପଶି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥିଲେ। ସୂର୍ଯ୍ୟାସ୍ତ ପରେ ସମସ୍ତ ବ୍ରତଧାରୀ ନୂଆ କୁଲା ଓ ଥାଳିରେ ଆଣିଥିବା ଭୋଗ ସାମଗ୍ରୀକୁ ଧରି ଘରବାହୁଡ଼ା କରିଥିଲେ। ପୁଣି ସେହି ପୂଜା ସାମଗ୍ରୀକୁ ଧରି ସପରିବାର ଶୁକ୍ରବାର ଭୋରରୁ ନଦୀ କୂଳକୁ ଆସି ଉଦୟ ସୂର୍ଯ୍ୟଙ୍କୁ ଆରାଧନା ସହ ଅର୍ଘ୍ୟ ଅର୍ପଣ କରି ପୂଜା ଶେଷ କରିବାର ବିଧି ରହିଛି। ଏହି ପୂଜା ପ୍ରକୃତିର ପୂଜା ଅଟେ। ପ୍ରତ୍ୟକ୍ଷ ଦେବତା ସୂର୍ଯ୍ୟଙ୍କୁ ଷଷ୍ଠୀତିଥିରେ ସୂର୍ଯ୍ୟ ଆରାଧନା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ଶ୍ରୀକାନ୍ତ ପାଣ୍ଡେ କହିଛନ୍ତି। ନୀତି ନିୟମ ଅନୁସାରେ ନିର୍ଜଳା ଉପବାସ ରହି ଷଷ୍ଠୀ ମାତା ଓ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା ଏବଂ ଆରାଧନା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବ୍ରତଧାରୀ ରେଖା ପାଣ୍ଡେ କହିଥିଲେ। ଛଟ୍ ପୂଜା ପାଇଁ ନଦୀକୂଳରେ ମେଳା ପଡ଼ିଥିବା ଭଳି ଦେଖିବାକୁ ମିଳିଥିଲା। ସେହିପରି ପାଣ୍ଡରା ଗ୍ରାମ ନିକଟ ହାଇଟେକ୍ ଇଞ୍ଜିନିୟରିଂ କଲେଜ ସମ୍ମୁଖ କୁଆଖାଇ ନଦୀକୂଳରେ ରାଷ୍ଟ୍ର ବିହାର ଛଟ୍ ପୂଜା ସମିତି ଭୁବନେଶ୍ୱର ପକ୍ଷରୁ ମଧ୍ୟ ଏହି ଛଟ୍ ପୂଜା ଆୟୋଜନ କରାଯାଇଥିଲା।

**୬ ବାଇକ୍ ଜବତ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ବାଇକ୍ ଚୋରି ଅଭିଯୋଗରେ ଗୁରୁଡ଼ିଝାଟିଆ ପୋଲିସ ଜଣେ ଯୁବକଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦଶପଲ୍ଲା ମଧଖଣ୍ଡ ଗ୍ରାମର ରିତେଶ ପ୍ରଧାନ। ଗୁରୁଡ଼ିଝାଟିଆ ଥାନା ଲିଙ୍ଗାପଦା ଗ୍ରାମର ନିରାକାର ସାହୁଙ୍କ ଘର ବାରଣ୍ଡାରୁ ଗତ ୧ ତାରିଖ ରାତିରେ ରିତେଶ ବାଇକ୍ ଚୋରିକରି ନେଇଥିଲେ। ଏନେଇ ନିରାକାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି କରିଥିଲା। ପରେ ରିତେଶ କାମ କରୁଥିବା ବିଡ଼ାନାସୀ ଅଞ୍ଚଳର ଏକ ଗ୍ୟାରେଜ୍‌ରେ ଚଢ଼ାଉକରି ଚୋରି ବାଇକ୍ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହା ପରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ବୁଧବାର ବିଳମ୍ବିତ ରାତିରେ ରିତେଶ ରହୁଥିବା ବସାଘରେ ଚଢ଼ାଉ କରି ଆଉ ୬ଟି ବାଇକ୍ ଜବତ କରିଥିଲା।

# ଉପର ପଡ଼ିଆରେ ହେବ ବାଲିଯାତ୍ରା

କଟକ,୭।୧୧(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା**

- ରାସ୍ତାରେ ବସିପାରିବେନି ବୁଲା ବିକାଳି
- ଜରୁରୀ ସେବାକୁ ପ୍ରାଧାନ୍ୟ
- ଭିଡ଼ ନିୟନ୍ତ୍ରଣ ପାଇଁ ହେବ ଯୋଜନା

କଟକ ଉପର ବାଲିଯାତ୍ରା ପଡ଼ିଆରୁ ମେଳା ତଳପଡ଼ିଆକୁ ସ୍ଥାନାନ୍ତର ନେଇ ହୋଇଥିବା ଆଶଙ୍କାର ଅବସାନ ଘଟିଛି। ହାଇକୋର୍ଟ ଦେଇଥିବା ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନକରି ଉପର ପଡ଼ିଆରେ ବାଲିଯାତ୍ରା କରିବା ନିମନ୍ତେ ଗୁରୁବାର ଅନୁମତି ଦେଇଛନ୍ତି। ମାତ୍ର ପ୍ରଶାସନ ବ୍ୟତୀତ ଅନ୍ୟ କେହି ଉପର ବାଲିଯାତ୍ରା ପଡ଼ିଆରେ ଲାଉଡ୍ ସ୍ପିକର ବ୍ୟବହାର କରିପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିପରି ବାଲିଯାତ୍ରାର ପ୍ରମୁଖ ଅଂଶ ଭାବେ ପରିଗଣିତ ଫୁଟ୍‌ପାଥରେ ବସୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ସ୍ୱଳ୍ପ ଦେୟରେ ସ୍ୱତନ୍ତ୍ର ଭାବେ ଜାଗା ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି। ଫୁଟ୍‌ପାଥ୍ ବ୍ୟବସାୟୀ ରିଂବନ୍ଧ ସମେତ କୌଣସି ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରିପାରିବେ ନାହିଁ। ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଜିଲା ପ୍ରଶାସନ ସେମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେବେ ବୋଲି ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ ଓ ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଆବେଦନର ଶୁଣାଣିକରି ଆଦେଶ ଦେଇଛନ୍ତି। ଡିସେମ୍ବର ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାନୁସାରେ, ଚଳିତ ବାଲିଯାତ୍ରା ସମୟରେ ଆମ୍ବୁଲାନ୍ସ, ଦମକଳ, ଜଳ ଓ ବିଦ୍ୟୁତ୍ ଯୋଗାଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡ଼ିଗୁଡ଼ିକ ବିନା ବାଧାରେ ବାଲିଯାତ୍ରା ପଡ଼ିଆ ସମେତ ସଂଲଗ୍ନ ରାସ୍ତାରେ ଚଳପ୍ରଚଳ କରିବା ପାଇଁ ଜିଲା ପ୍ରଶାସନ ନିଶ୍ଚିତ କରିବେ। ଏଥିପାଇଁ କ୍ଷେତ୍ର ପର୍ଯ୍ୟବେକ୍ଷଣ କରି ପ୍ରମୁଖ ରାସ୍ତାଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବ ପ୍ରଶାସନ। ଏହାଦ୍ୱାରା ବାଲିଯାତ୍ରା ପଡ଼ିଆକୁ ଲୋକମାନଙ୍କ ପ୍ରବେଶ ଓ ପ୍ରସ୍ଥାନ ସହଜ ହେବ। ହାଓଡା ମୋଟର ଛକରୁ ବିଜୁ ପଟ୍ଟନାୟକ ଛକ ଯାଏ ଉପର ବାଲିଯାତ୍ରା ପଡ଼ିଆର ଉଭୟ ପାର୍ଶ୍ୱ ଏବଂ ରିଂବନ୍ଧରେ କୌଣସି ବୁଲା ବିକାଳି ରହିବେ ନାହିଁ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ



ସିନ୍ଦେ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝି, କଟକ ଡିସିପି ଜଗମୋହନ ମୀନା ଭର୍ଚୁଆଲରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଏଥିସହ ଗତ ୩୦ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୱାଟ୍‌କୋ, ଅଗ୍ନିଶମ, ଜିଲାପାଳ, ଡିସିପି ବାଲିଯାତ୍ରା ପ୍ରସ୍ତୁତି ନେଇ ସତ୍ୟପାଠ ଦାଖଲ କରିଥିଲେ। ସେହିପରି କାଳୀପୂଜା ଭସାଣି ସୁରୁଖୁରୁରେ ସମାପନ ହୋଇଥିବା ନେଇ ଜିଲାପାଳ ଓ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଏଥିସହ ନେତାଜୀ ବସ୍ ଟର୍ମିନାଲଠାରୁ ଖାନ୍‌ନଗର ଚିଲ୍ଡ୍ରେନ୍ ପାର୍କ ଯାଏ ରାସ୍ତାରେ ଆଲୋକୀକରଣ ପାଇଁ ସିଏମ୍‌ସି କମିଶନରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ମୋ ବସ୍ ବେଗ ନେଇ ସତ୍ୟପାଠ ଦାଖଲ କଲା କ୍ରୁଟ୍

କଟକ ସହର ସମସ୍ୟା ମାମଲା ଶୁଣାଣିରେ ଅନ୍ୟ ଏକ ପ୍ରମୁଖ ଅଂଶ ଭାବେ ମୋ ବସ୍ ସମସ୍ୟାଜନିତ ଆବେଦନ ସ୍ଥାନ ପାଇଛି। ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇ ମୋ ବସ୍ ବେଗ ୫୦ କି.ମି.ରୁ ୪୦ କି.ମି.କୁ କମାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଦର୍ଶାଯାଇଛି। ସେହିପରି ମୋ ବସ୍ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଥିବା ମଧ୍ୟ କୁହାଯାଇଛି। ମୋ ବସ୍ ଡ୍ରାଇଭରମାନେ ବେପରୁଆ ଚାଳନା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଏନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। କ୍ରୁଟ୍ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ସତ୍ୟପାଠ ଦାଖଲକରି ଯାତ୍ରୀଙ୍କ ନିରାପତ୍ତା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଡ୍ରାଇଭରମାନେ ଦୁର୍ଘଟଣା ଘଟାଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଶୂନ୍ୟ ଦୁର୍ଘଟଣାରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭରଙ୍କୁ ପୁରସ୍କାର ମାଧ୍ୟମରେ ଉତ୍ସାହିତ କରାଯାଉଥିବା ସତ୍ୟପାଠରେ ଦର୍ଶାଯାଇଛି।

## ବିଜ୍ଞାନମେଳାରେ ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନ ପ୍ରଦର୍ଶନୀକୁ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ବୁଲି ଦେଖୁଛନ୍ତି।

କଟକ,୭।୧୧ (କାର୍ତ୍ତିକ ସାହୁ)

କଟକ ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ମେଳାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମିତ୍ତ ମେଳା ଏକ ମାଧ୍ୟମ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଅଜୟ କୁମାର ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ତ୍ରିପାଠୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ମାନସିକ ଶକ୍ତିର ବିକାଶ ପାଇଁ ବିଜ୍ଞାନ ପ୍ରଦର୍ଶନୀର ଆବଶ୍ୟକତା ରହିଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ଲୁପ୍ତ କଳା, ସଂସ୍କୃତିର ପୁନରୁଦ୍ଧାର ନିମିତ୍ତ ଡ. ଅଜୟ କୁମାର ମିଶ୍ରଙ୍କ ଦ୍ୱାରା ଆୟୋଜିତ ମିଶ୍ର ଶାଳରେ ପୂର୍ବକାଳର ଉପକରଣ ହସ୍ତନିର୍ମିତ ଢିଙ୍କି, ସବାରୀ, ସିନ୍ଦୁକ, ପାଲିଙ୍କି, ହଳଦୀ କାଠୁଆ, ଚକି ଆଦିର ପ୍ରଦର୍ଶନ କରାଯାଇଥିଲା।

## ବିପୁଳ କଫ ସିରପ୍ ଜବତ, ୨ ଗିରଫ

କଟକ,୭।୧୧(କାର୍ତ୍ତିକ ସାହୁ)

ବେଆଇନ କଫ ସିରପ୍ ବିକ୍ରି ରୋକିବାକୁ ଅବକାରୀ ବିଭାଗ ଓ ଡ୍ରଗ୍ସ କଣ୍ଟ୍ରୋଲ ମିଳିତ ଭାବେ କଟକ ସଦର ଥାନା ଅଞ୍ଚଳରେ ବୁଧବାର ରାତିଅଧିଆ ଚଢ଼ାଉ କରିଛି। ଶଙ୍ଖତ୍ରାସସ୍ଥିତ କ୍ରିଷ୍ଣା ମେଡିସିନ ଷ୍ଟୋରରେ ଏହି ବେଆଇନ କାରବାର ଚାଲିଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ଶଙ୍ଖତ୍ରାସସ୍ଥିତ କ୍ରିଷ୍ଣା ମେଡିସିନ ଷ୍ଟୋରର ମାଲିକ ଜୟରାମ ସାହୁ(୪୨) ଓ ସହଯୋଗୀ ଅରଡ଼ ଗ୍ରାମର ପ୍ରଫୁଲ୍ଲ କୁମାର ଜେନା(୪୯)। ଚଢ଼ାଉ ସମୟରେ ୩୨ ପ୍ରକାର ବେଆଇନ ଔଷଧ ସମେତ ବିପୁଳ ପରିମାଣର କଫ ସିରପ୍ ଉକ୍ତ ମେଡିସିନ ଷ୍ଟୋର ଓ ପ୍ରଫୁଲ୍ଲଙ୍କ ଘରୁ ଜବତ କରାଯାଇଛି। ଜବତ ସାମଗ୍ରୀଗୁଡ଼ିକର ଆନୁମାନିକ ମୂଲ୍ୟ ୭୬, ୮୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ କଟକ ଗ୍ରାମାଞ୍ଚଳ ରେଞ୍ଜରେ କେସ୍ ନଂ. (୫୩/୨୦୨୪) ରୁଜୁ କରାଯାଇଛି। ଏହି ବେଆଇନ କାରବାର ସମ୍ପର୍କରେ ବିଶେଷସୂତ୍ରରୁ ଖବର ପାଇବା ପରେ ଅବକାରୀ ବିଭାଗ ମିଳିତ ଚଢ଼ାଉ ପାଇଁ ଯୋଜନା କରିଥିଲା। ଅବକାରୀ ଏସ୍‌ପି କରୁଣାକର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ମାନସୀ ନାୟକ, ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ଧର୍ମଦେବ ପୁହାଣ, ତୁଷାର ପାଣିଗ୍ରାହୀ, ଡ୍ରଗ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ

ମାଣିଆବନ୍ଧ/ବଡ଼ମ୍ବା, ୭।୧୧
(ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକ ଧରିତ୍ରୀ ପ୍ରତିନିଧି ମାୟାଧର ମଲ୍ଲିକଙ୍କ ମା' ବସୁମତୀ ମଲ୍ଲିକଙ୍କ ମଙ୍ଗଳବାର ପରଲୋକ



ଘଟିଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ତାଙ୍କ ଘର ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମରେ। ବାର୍ଦ୍ଧକ୍ୟ ଯୋଗୁ ବଡ଼ପୁଅଙ୍କ ପାଖରେ ଭୁବନେଶ୍ୱରରେ ରହୁଥିଲେ। ପରିବାର ଓ ବନ୍ଧୁ ପରିଜନଙ୍କ ଗହଣରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବିଶ୍ୱନାଥ ମଲ୍ଲିକ ମୁଖାଗ୍ନି ଦେଇଥିଲେ। ନିକଟରେ ପୁତ୍ରବଧୂ ସୁନିତା, ନିରୁପମା, ସାନପୁଅ ମାୟାଧର, ନାତି ପିଣ୍ଟୁ, ମିଳନ ଓ କନ୍ୟା ନିରୁପମାଙ୍କ ସମେତ ସମସ୍ତ ପରିବାର ବର୍ଗ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ବସୁମତୀ ଜଣେ ଧର୍ମପରାୟଣା, ପରୋପକାରୀ, ମେଳାପି ଓ ସ୍ନେହୀ ମହିଳା ଥିବା ବେଳେ ତାଙ୍କ ସ୍ୱାମୀ ସ୍ୱର୍ଗତ ଆର୍ତ୍ତବନ୍ଧୁ ମଲ୍ଲିକ ଜଣେ ସାମାଜିକ କର୍ମୀ ଥିଲେ।



କଟକ ଦେବୀଗଡ଼ା କାଠଯୋଡି ନଦୀ ତଟଠାରେ କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ ସଭାରେ ଉପସ୍ଥିତ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନ୍ୟ ଅତିଥିବୃନ୍ଦ।

## ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦକଲେ ଡିଇଓ

କଟକ ସଦର,୬।୧୧(ସୁଶାନ୍ତ କୁମାର ଜେନା)

**ଜିଲାପାଳଙ୍କ ଗସ୍ତ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ସନ୍ତୋଷ କୁମାର ରାଉତ। ଅକ୍ଟୋବର ୭ରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଚାନକ ଉକ୍ତ ବିଦ୍ୟାଳୟକୁ ଯାଇଥିବାବେଳେ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ବିନା ଅନୁମତିରେ ଅନୁପସ୍ଥିତ ଥିବା ଦେଖିଥିଲେ। ତୁରନ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଇଓ ରାଉତଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦରମା ବନ୍ଦ ହୋଇଥିବା ଶିକ୍ଷୟିତ୍ରୀ ଜଣଙ୍କ ହେଲେ ସଞ୍ଜିଦା ଖାନମ। ଏହାଛଡ଼ା ଉର୍ଦ୍ଦୁ ଶିକ୍ଷକ ଖେଜର ହୋସେନ୍‌ଙ୍କର ମଧ ଦିନକର ଦରମା ବନ୍ଦ କରାଯାଇଥିଲା। ହେଲେ ସମ୍ପୃକ୍ତ ଶିକ୍ଷକ ଏନ୍‌ସିସି ଅଫିସର ଦାୟିତ୍ୱରେ ଥିବାରୁ ଉକ୍ତ ଦିନ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ସରକାରୀ କାର୍ଯ୍ୟରେ ଯାଇଥିବା ପ୍ରମାଣ ମିଳିବା ପରେ ତାଙ୍କର ଦରମା ମଞ୍ଜୁର କରାଯାଇଥିବା ଜଣାପଡ଼ିଛି।

ଅକ୍ଟୋବର ୭ରେ କିଶନ ନଗର ତହସିଲସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲାପାଳ ଆସିଥିବାବେଳେ ଅଚାନକ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନ ଭୋଜନ ଛୁଟି ହୋଇଥିବାରୁ ପିଲାମାନେ ଏଣେତେଣେ ବୁଲୁଥିବାର ଦେଖି ବିରକ୍ତ ହୋଇଥିଲେ। ସେହି ସମୟରେ କେତେଜଣ ଶିକ୍ଷୟିତ୍ରୀ/ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଦେଖି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଇଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଥିବାରୁ ବିଦ୍ୟାର୍ଥୀମାନେ ନିର୍ଦ୍ଦିଷ୍ଟ ଶ୍ରେଣୀଗୃହରେ ବସିଥିଲେ ବୋଲି ଅଭିଭାବକମାନେ ଜିଲାପାଳଙ୍କୁ ଜଣାଇଥିଲେ। କିଶୋର ନଗର ଭଳି ଦୂର ଅଞ୍ଚଳକୁ ଶିକ୍ଷକ ଆସୁ ନ ଥିବାରୁ ପାଠପଢ଼ା ଚାଲୁ ରଖିବା ପାଇଁ କୁହାବୋଲା କରି ଶିକ୍ଷକ ଏଠାକୁ ଆଣିବାକୁ ପଡୁଛି ବୋଲି କେତେଜଣ ଅଭିଭାବକ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଦରମା ବନ୍ଦ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ସମୀର ଦେଙ୍କ ଆଶୁ ଆରୋଗ୍ୟ ପାଇଁ ସମୂହ ଦୀପଦାନ

କଟକ, ୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ମନ୍ତ୍ରୀ, ବରିଷ୍ଠ ଭାଜପା ନେତା ତଥା କଟକ ମହାନଗର ଶାନ୍ତି କମିଟିର ଉପଦେଷ୍ଟା ସମୀର ଦେ ଅସୁସ୍ଥ ହୋଇ କଟକର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ମହାନଗର ଶାନ୍ତି କମିଟି ପକ୍ଷରୁ ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ନୃସିଂହ ଚରଣ ଚୌଧୁରୀ, କିଶୋର ବେହେରା, ମନୋରଞ୍ଜନ ସାହୁ, ଶିବେନ୍ଦ୍ର ହାତୀ, ନରେଶ ଚନ୍ଦ୍ର ସାହୁ, ବିଜୟ ନାୟକ, ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାକଲେ ବିହାରୀ ମହିଳା



କଟକ ଯୋବ୍ରା ତଡ୍ଡବଟ ନିକଟସ୍ଥ ମହାନଦୀ ତଟରେ ବିହାରୀ ମହିଳା ଛଟ୍ ପୂଜା କରୁଛନ୍ତି।

କଟକ, ୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଛଟ୍‌ପୂଜା ସମିତି ପକ୍ଷରୁ ଗୁରୁବାର ଅପରାହ୍ନରେ କାଠଯୋଡ଼ି ନଦୀ ଦେବୀଗଡ଼ାଠାରେ ଛଟ୍‌ପୂଜା ଅନୁଷ୍ଠିତ ହୋଇଯାଇଛି। କଟକରେ ବାସକରୁଥିବା ବିହାରୀ ମହିଳାମାନେ ପରିବାରର ସୁଖଶାନ୍ତି, ସମୃଦ୍ଧି ସହ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି କାଠଯୋଡ଼ି ଓ ମହାନଦୀ କୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଫୁଲ,ଫଳ, ଧୂପ, ଦୀପ ଦେଇ ଅର୍ଘ୍ୟ ଅର୍ପଣ କରିଥିଲେ। ଏଥିପାଇଁ ଉଭୟ ନଦୀକୂଳ ଲୋକାରଣ୍ୟ ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ୯ରୁ ଓଡ଼ିଶା ପେଡିକନ୍ ସମ୍ମିଳନୀ

କଟକ,୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**ଯୋଗଦେବେ ରାଜ୍ୟ ଓ ବାହାରର ୫୦୦ରୁ ଊର୍ଦ୍ଧ୍ୱ ଶିଶୁରୋଗ ଚିକିତ୍ସକ**

ଏସ୍‌ସିବି ମେଡିକାଲ ନ୍ୟୁ ଅଡିଟୋରିୟମରେ ଆସନ୍ତା ୯ ଓ ୧୦ ତାରିଖରେ ଇଣ୍ଡିଆନ ଏକାଡେମିକ୍ ଅଫ୍ ପେଡିଆଟ୍ରିକ୍ସ (ଆଇଏପି)ର ୪୪ତମ ପ୍ରାଦେଶିକ ସମ୍ମିଳନୀ 'ଓଡ଼ିଶା ପେଡିକନ-୨୦୨୪' ଅନୁଷ୍ଠିତ ହେବ। ଏକାଡେମୀ ଅଫ୍ ପେଡିଆଟ୍ରିକ୍ କଟକ ଜିଲା ଶାଖା, ଶିଶୁଭବନ ଓ ଏସ୍‌ସିବି ମେଡିକାଲ ଶିଶୁରୋଗ ବିଭାଗର ମିଳିତ ସହଯୋଗରେ ଏହି ସମ୍ମିଳନୀ ହେବ ବୋଲି ଗୁରୁବାର ଏସ୍‌ସିବି ମେଡିକାଲ ଶିଶୁରୋଗ ବିଭାଗରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଶୁଭବନ ଅଧୀକ୍ଷକ ଦାୟିତ୍ୱରେ ଥିବା ତଥା ଆୟୋଜକ କମିଟି ମୁଖ୍ୟ ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ୫୦୦ରୁ ଅଧିକ ଡାକ୍ତର ଯୋଗଦେବେ। ଶିଶୁରୋଗୀଙ୍କ ଚିକିତ୍ସା ସମ୍ପର୍କରେ ସେଠାରେ ଆଲୋଚନା କରାଯିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡା. ମାନସ ରଞ୍ଜନ ସାହୁ, ଡିଏମ୍‌ଇଟି ଡା. ସନ୍ତୋଷ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସମ୍ପାଦିକା ତଥା ଏସ୍‌ସିବି ଶିଶୁରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଗୀତାଞ୍ଜଳି ସେଠୀ, କେନ୍ଦ୍ରୀୟ ଆଇଏପିର ଇଲେକ୍ଟୋରାଲ ବଡି ମେମ୍ବର ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲ, ଏଓପି କଟକ ଶାଖାର ସମ୍ପାଦିକା ପ୍ରଫେସର ଡା. ସ୍ୱରୂପା ପଣ୍ଡା, କୋଷାଧ୍ୟକ୍ଷ ସହକାରୀ ପ୍ରଫେସର ଡା. ଜ୍ୟୋତିରଞ୍ଜନ ଶତପଥୀ ଉପସ୍ଥିତ ଥିଲେ। ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।



ବାଲିଯାତ୍ରା ପାଇଁ ତଳପଡ଼ିଆରେ ଅକ୍ଷୟ ମହାନ୍ତି ସାଂସ୍କୃତିକ ମଞ୍ଚ ପ୍ରସ୍ତୁତ କରାଯାଉଛି।

## 'ଦୃଢ଼ ଆତ୍ମବିଶ୍ୱାସ ରହିଲେ ଶୀର୍ଷରେ ପହଞ୍ଚିହେବ'

କଟକ,୭।୧୧(କାର୍ତ୍ତିକ ସାହୁ)

କଟକ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ରେଭେନ୍‌ଶା କଲିଜିଏଟ୍ ସ୍କୁଲସ୍ଥିତ ନେତାଜୀ ଅଡିଟୋରିୟମରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ରେଭେନ୍‌ଶା କଲିଜିଏଟ ସ୍କୁଲକୁ ନେଇ କଟକ ଗର୍ବ ଅନୁଭବ କରିଥାଏ। ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ବହୁ ପ୍ରତିଷ୍ଠିତ ବିଚାରପତି ଏଠାରୁ ସୃଷ୍ଟି ହୋଇଛନ୍ତି। ନିଷ୍ଠାର ସହ ସମସ୍ତ କାର୍ଯ୍ୟ କରିପାରିଲେ ଆମେ ସବୁ କ୍ଷେତ୍ରରେ ଗୌରବାନ୍ୱିତ ହୋଇପାରିବା। ସେହିପରି ମୁଖ୍ୟ ଅତିଥି କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ଇଚ୍ଛାଶକ୍ତି, ଦୃଢ଼ ମନୋବଳ ଏବଂ ଆତ୍ମବିଶ୍ୱାସ ରହିଲେ ଜୀବନର ଶୀର୍ଷ ସ୍ଥାନରେ ପହଞ୍ଚି ହେବ। ମୁଖ୍ୟବକ୍ତା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଶିକ୍ଷା ଏବଂ କ୍ରୀଡ଼ା କ୍ଷେତ୍ରରେ କଟକର ବହୁ ପରିଚିତି ରହିଛି। ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସରକାରଙ୍କ ଯୋଜନାଗୁଡ଼ିକୁ ସଦୁପଯୋଗ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ଆଣିବା ପାଇଁ ଛାତ୍ରୀଛାତ୍ର ଉଦ୍ୟମ କରିବାକୁ ଜିଲାପାଳ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ଡ. ସନ୍ତୋଷ କୁମାର ରାଉତ ଅଧ୍ୟକ୍ଷତା କରି ମହୋତ୍ସବ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନିରଞ୍ଜନ ସାହୁ, ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରାମରାଜ ସିଂ, ଜିଲା ବିଜ୍ଞାନ ପରିଦର୍ଶକ ଦେବ ତ୍ରିପାଠୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ସୋନାମିକା ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରେଭେନ୍‌ଶା କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଗତି ପଣ୍ଡା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ, ଜିଲା ଜନଜାତି ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସମଗ୍ର ଶିକ୍ଷା ଓ ଜିଲା ଶିକ୍ଷା କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ରେଭେନ୍‌ଶା କଲିଜିଏଟ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସିଆରସିସିମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଉଦ୍‌ବୋଧନ ଦେଉଛନ୍ତି।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ**

# ‘ଆତ୍ମବିଶ୍ୱାସ ଅଭାବରୁ ବଢୁଛି ଆତ୍ମହତ୍ୟା’

**ଛାତ୍ରୀଛାତ୍ର ଏବଂ ପୋଲିସ ଭାବବିନିମୟ କାର୍ଯ୍ୟକ୍ରମ**

- ଛାତ୍ରୀଛାତ୍ରଙ୍କୁ ମିଳିବ ଥାନା ଇନ୍‌ଚାର୍ଜ ସୁଯୋଗ
- ହେଲ୍‌ମେଟ ପିନ୍ଧିବା ପାଇଁ ଶପଥପାଠ କରାଇଲେ

**ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)**

ଜନତା ଏବଂ ପୋଲିସ ମଧ୍ୟରେ ଦୂରତା କମାଇବା ଲକ୍ଷ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ‘ସମ୍ପର୍କ’ ଅଭିଯାନ। ଏହି ଅଭିଯାନ ଅନ୍ତର୍ଗତ ଗୁରୁବାର ଖୋର୍ଦ୍ଧା ପୋଲିସ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ଛାତ୍ରୀଛାତ୍ର ଏବଂ ପୋଲିସ ମଧ୍ୟରେ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଶ୍ରୀନିବାସ ମହାନ୍ତି, କଲେଜ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉପାଧ୍ୟକ୍ଷ ଡ. ପ୍ରଣବ କିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏସ୍‌ପି ସାଗରିକା ନାଥ ପିଲାମାନଙ୍କ ସହ ଭାବବିନିମୟ କରିଥିଲେ। ସୋସିଆଲ ମିଡିଆ ବ୍ୟବହାର, ଟ୍ରାଫିକ୍ ନିୟମ, କ୍ୟାରିୟର କାଉନ୍‌ସେଲିଂ ସହ ମହିଳା ସଶକ୍ତୀକରଣ ଉପରେ ପିଲାଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶୃଙ୍ଖଳିତ ସମାଜ ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ରାସ୍ତାରେ ବାଇକ୍ ଚଲାଇବା ବେଳେ ଟ୍ରାଫିକ୍ ନିୟମ ମାନିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ବାଇକ୍ ନ ଚଲାଇବା, ହେଲ୍‌ମେଟ ପିନ୍ଧିବା, ଦ୍ରୁତଗତିରେ ଗାଡ଼ି ନ ଚଲାଇବା ପାଇଁ ପରାମର୍ଶ ଦେଇଥିଲେ। ନିଜେ ସଚେତନ ହେବା ସହ ସହପାଠୀ, ପରିବାର ସଦସ୍ୟଙ୍କୁ ସଚେତନ କରିବାକୁ ପରାମର୍ଶ ଦେବା ସହ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ସୋସିଆଲ ମିଡିଆରେ କିଛି ପୋଷ୍ଟ କରିବା ପୂର୍ବରୁ ଆଗପଛ ବିଚାର କରିବାକୁ ପରାମର୍ଶ ଦେଇଥିଲେ। ଡ୍ରିଲ୍ସ ନିଶାରେ ବାସ୍ତବତାଠାରୁ ଦୂରେଇ ନ ଯାଇ ବିବେକାନୁଯାୟୀ କାର୍ଯ୍ୟ କର। ଆଇନଶୃଙ୍ଖଳା ଏବଂ ଥାନାରେ କିପରି କାର୍ଯ୍ୟ ଚାଲେ, ସେ ସମ୍ପର୍କରେ ଅବଗତ ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଥାନା ପରିଦର୍ଶନ ଏବଂ ଦିନକ ପାଇଁ ଥାନାଧିକାରୀ ଭାବେ ଦାୟିତ୍ୱ ତୁଲାଇବାକୁ ସୁଯୋଗ ଦିଆଯିବ ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି। ଏହି ଅବସରରେ ଦୁଇ ଜଣ ଯୁବତୀ କିପରି ନିଜର କଠିନ ଅଧ୍ୟବସାୟ ବଳରେ ରାଜ୍ୟ ଏବଂ ଜାତୀୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ସୁନାମ ଆଣିଛନ୍ତି, ମଞ୍ଚ ଉପରକୁ ଡାକି ପିଲାଙ୍କୁ ସେମାନଙ୍କ ଅନୁଭୂତି କହିଥିଲେ। ନିଜ ଉପରେ ବିଶ୍ୱାସ ରଖିବା ସହ ଆତ୍ମଶୋଧନ କରି ଆଗକୁ ବଢ଼ିଲେ ସଫଳତା ମିଳିବ ବୋଲି କହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆତ୍ମବିଶ୍ୱାସ। ଆତ୍ମବିଶ୍ୱାସ ଅଭାବରୁ ଆତ୍ମହତ୍ୟା ବଢୁଛି। କୌଣସି ସମସ୍ୟାରେ ଭାଙ୍ଗିନପଡ଼ି ତାର ସମ୍ମୁଖୀନ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଡିଆଇବି ଡିଏସ୍‌ପି ପ୍ରଶାନ୍ତ କୁମାର ମାଝି କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷା ମିଶ୍ର ସ୍ୱାଗତ ଭାଷଣରେ ଏହି ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ର ଦେଶର ଏକ ପ୍ରମୁଖ ସମ୍ବଳ। ଯୁବପିଢ଼ି ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ମହାନ୍ତି କହିଥିଲେ, ପ୍ରାଣନାଥ କଲେଜର ଏକ ଐତିହାସିକ ପୃଷ୍ଠଭୂମି ରହିଛି। ବିଭିନ୍ନ କ୍ଷେତ୍ରରେ ଏହାର ଛାତ୍ରୀଛାତ୍ର ମହାବିଦ୍ୟାଳୟର ଗୌରବ ଅକ୍ଷୁଣ୍ଣ ରଖିଛନ୍ତି। ଯୁବପିଢ଼ି ନିଜେ ଦ୍ରଷ୍ଟା ଏବଂ ସ୍ରଷ୍ଟା। ଯୁବସମାଜ ନିକଟରେ ଉର୍ଜା, ଶକ୍ତି ସାମର୍ଥ୍ୟ ରହିଛି। ଯୁବପିଢ଼ି ଭବିଷ୍ୟତ ଭାରତର ଆଧାର। କଲେଜ ଉପାଧ୍ୟକ୍ଷ ମହାନ୍ତି ଧନ୍ୟବାଦ ଦେଇଥିଲେ। କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସଦର ଏସ୍‌ଡିପିଓ ଅନିଲ ମହାନ୍ତି, ବରିଷ୍ଠ ଥାନାଧିକାରୀ ତାରିକ ଅହମ୍ମଦ ଉପସ୍ଥିତ ଥିଲେ। ଶିକ୍ଷାଞ୍ଚଳ ଥାନାଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ବାସୁଦେବ ଜୟସିଂ, ଏଏସ୍‌ଆଇ ବି.କେ. ମହାରଣା ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ରାତିକରେ ୩ ଘରୁ ଚୋରି ଅଭିଯୋଗ

**ବେଗୁନିଆ,୭।୧୧(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଥାନା ଅଧୀନ ବାଦବାରବାଟି ଗ୍ରାମର ୩ଜଣଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୁରୁବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଏକ ମାମଲା (ନଂ.୩୧୪/୨୪) ରୁଜୁ କରିଛି। ସୂଚନା ମୁତାବକ, ବାଦବାରବାଟି ଗାଁର ପ୍ରସନ୍ନ ସୁନ୍ଦରାୟ, ଲକ୍ଷ୍ମଣ ବିଶ୍ୱାଳ, ବଂଶୀଧର ସେଠୀଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ବିଭିନ୍ନ ଅଳଙ୍କାର, ଆସବାବପତ୍ର ସହିତ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ବଂଶୀଧରଙ୍କ ଘରୁ ସର୍ବାଧିକ ୫ ଲକ୍ଷରୁ ଅଧିକ ମୂଲ୍ୟର ସମ୍ପତ୍ତି ଲୁଟ ହୋଇଥିବା ଆକଳନରୁ ସ୍ପଷ୍ଟ ହୋଇଛି। ପ୍ରକାଶଥାଉ କି, ବେଗୁନିଆ ଥାନା ଅଞ୍ଚଳରେ ଚୋରି ବଢ଼ିଚାଲିଛି। ଦୈନିକ ଛୋଟବଡ଼ ଚୋରି ଏବଂ ଲୁଟ ଅଭିଯୋଗ ନେଇ ଲୋକେ ଥାନାରେ ଦାରସ୍ଥ ହେଉଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ଥାନାରେ ୪୨ରୁ ଊର୍ଦ୍ଧ୍ୱ ଚୋରି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ପୋଷାକ ବିତରଣ ଉତ୍ସବ

**ନିରାକାରପୁର,୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଚିତ୍ରକୂଟ ବିହାରରେ ୬୦ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ କୁମାର ପ୍ରଧାନ, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ପଟ୍ଟନାୟକ, ଶିକ୍ଷକ ପଞ୍ଚାନନ ପାଇକରାୟ, ସାମାଜିକକର୍ମୀ ଶୁଭମ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୋଷକ ବିତରଣ କରିଥିଲେ।

### ଜାତୀୟ ଶିକ୍ଷା ଦିବସ ପାଳନ ପାଇଁ ପ୍ରସ୍ତୁତି

**ବେଗୁନିଆ,୭।୧୧(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଏବଂ ଶିକ୍ଷକ ନବକିଶୋର ସାହୁ ସ୍ମୃତି ସଂସଦ ସହଭାଗିତାରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ୧୩୬ତମ ଜନ୍ମତିଥି ଅବସରରେ ଆସନ୍ତା ୧୧ତାରିଖରେ ଜାତୀୟ ଶିକ୍ଷା ଦିବସ ପାଳିତ ହେବ। ମଙ୍ଗଳବାର ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଘରୋଇ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ସମାରୋହ ପାଳନ ହେବ ବୋଲି ସ୍ଥିର ହୋଇଛି। ‘ଶିକ୍ଷା ହିଁ ରାଷ୍ଟ୍ରର ହୃତ୍‌ପିଣ୍ଡ’ ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. ସତ୍ୟକାମ ମିଶ୍ର ମୁଖ୍ୟ ଅତିଥି ଏବଂ ସୁସାହିତ୍ୟିକ ତଥା ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂସଦର ସଭାପତି ଡ. ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କାର୍ଯ୍ୟକ୍ରମ ଆବାହିକା ଶିକ୍ଷୟିତ୍ରୀ ଶୈଳବାଳା ସାହୁ, ପ୍ରତିମା ପ୍ରଧାନ, ଆଦର୍ଶ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ଗାୟକ ବସନ୍ତ କୁମାର ଦାସ, ପ୍ରଦୀପ କିଶୋର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା, ମାନସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ ଜହ୍ନିକୁଦା ବୋଇତ ବନ୍ଦାଣ ଉତ୍ସବ

**କୃଷ୍ଣପ୍ରସାଦ,୭।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା ଗ୍ରାମ୍ୟ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୧୫ ତାରିଖରେ ଜହ୍ନିକୁଦା ଘାଟପେଣ୍ଠଠାରେ ଅନୁଷ୍ଠିତ ହେବ ବୋଲି ଗୁରୁବାର ମୁଖ୍ୟ ପିଠାଧୀଶ ମୋହନ ଗୋସ୍ୱାମୀଙ୍କ ପୀଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଟି ସଭାପତି ଗଣେଶ ତରେଇ ସୂଚନା ଦେଇଛନ୍ତି। ଏହି ବୋଇତ ବନ୍ଦାଣ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି କାର୍ଯ୍ୟକ୍ରମରେ ବହୁ କଳାକାର, କଣ୍ଠଶିଳ୍ପୀ ଯୋଗଦେବେ। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ନେତୃମଣ୍ଡଳୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ଲକ ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗ୍ରାମ୍ୟ କମିଟି ସମ୍ପାଦକ ସୀମାଞ୍ଚଳ ପଲେଇ, ରଘୁନାଥ ବଡୁ, ରବୀନ୍ଦ୍ର ନାଥ ତରେଇ, ରାଜ କିଶୋର ପଲେଇ, ଦୀପକ କୁମାର ପରିଡ଼ା, ଶ୍ୟାମ ସୁନ୍ଦର ତରେଇ, ଗୋବର୍ଦ୍ଧନ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।


ଛଟ୍ ପୂଜା ଅବସରରେ ଗୁରୁବାର ଜଟଣୀରେ ବିହାରୀ ଏବଂ ମାରୱାଡ଼ି ସମ୍ପ୍ରଦାୟର ବ୍ରତଧାରୀ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଜଟଣୀରେ ଛଟ୍ ପର୍ବ

**ଜଟଣୀ, ୭।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହରରେ ବସବାସ କରୁଥିବା ବିହାରୀ ଏବଂ ମାରୱାଡ଼ି ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଛି ଛଟ୍ ପର୍ବ। ଗୁରୁବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ପୋଖରୀ କୂଳରେ ବ୍ରତଧାରୀ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଧୂପ ଦୀପ ଫୁଲ ଫଳ ନୈବେଦ୍ୟ ସହିତ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ ମନାସିଛନ୍ତି। ଛଟବ୍ରତର ପ୍ରଥମ ଦିବସକୁ ନାହାଖା ଖାନା କୁହାଯାଉଥିବା ବେଳେ ପୂଜାରେ ବ୍ରତଧାରୀମାନେ ସ୍ନାନକରି ଫଳ ଗ୍ରହଣ କରିଥାନ୍ତି। ଦ୍ୱିତୀୟ ଦିବସରେ ଖରଣା ପୂଜା ଅବସରରେ ବ୍ରତଧାରୀ ଘରେ ଖିରୀ, ପୁରୀ ଭୋଗ ଲଗାଇ ଗ୍ରହଣ କରିଥାନ୍ତି। ତୃତୀୟ ଦିବସର ବ୍ରତଧାରୀ ମହିଳା ଏବଂ ପୁରୁଷ ବିଭିନ୍ନ ନଦୀ ଏବଂ ପୋଖରୀ କୂଳରେ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ ମନାସିଥାନ୍ତି। ଶେଷ ଦିବସରେ ଶୁକ୍ରବାର ପ୍ରାତଃରେ ପୋଖରୀ ଏବଂ ନଦୀ କୂଳରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନକରି ପ୍ରସାଦ ସେବନ କରିବା ପରେ ବ୍ରତ ସମାପ୍ତ କରିଥାନ୍ତି। ନିଷ୍ଠାର ସହିତ ବ୍ରତଧାରଣ କରି ଛଟ ମା’ଙ୍କ ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହେବା ବିଶ୍ୱାସ ରହିଛି ବୋଲି ବ୍ରତଧାରୀ ମନୀଷା ପାଣ୍ଡେ କହିଛନ୍ତି।

## ବିଜେଡି ସଦସ୍ୟତା ଅଭିଯାନ ପ୍ରସ୍ତୁତି


ବିଧାୟକ ପ୍ରଦୀପ ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ବୋଲଗଡ/ବେଗୁନିଆ,୭।୧୧ (ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ରାଜସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଗୁରୁବାର ସଦସ୍ୟ ସଂଗ୍ରହ ଅଭିଯାନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ବହୁ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟାସଭ୍ୟ, ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ବିଜେଡିରେ ସାମିଲ ହୋଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଅଂଶୀଦାର ହେବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ କହିବା ସହ ବୋଲଗଡ଼-ବେଗୁନିଆ ବ୍ଲକ ଅଞ୍ଚଳରେ ୧ଲକ୍ଷ ସଦସ୍ୟ ଯୋଡିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ବାନାମ୍ବର ମାଝି, ଜିଲା ଉପସଭାପତି ତଥା ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ପବିତ୍ର ମୋହନ ମାଝୀ, ଯୁବନେତା ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ସଦର ମହକୁମା ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଜେଡି ପକ୍ଷରୁ ସଦସ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟାସଭ୍ୟ ଏବଂ ବିଜେଡି ନେତୃବନ୍ଦ ଉପସ୍ଥିତ ଥିଲେ।

## ଦୁର୍ଗା ଚରଣ ଚିଲିକା ଡିଗ୍ରୀ କଲେଜ

# ୩୦ ବର୍ଷ ପରେ ବି ଅନୁଦାନଭୁକ୍ତ ହୋଇପାରିନି

**ଟାଙ୍ଗୀ,୭।୧୧(ରଘୁନାଥ ସାହୁ)**

ଟାଙ୍ଗୀ ସଦର ମହକୁମାରେ ଅଞ୍ଚଳର ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ଲକ୍ଷ୍ୟରେ ଟାଙ୍ଗୀ, ବଡ଼ପାରୀ, କାଲୁପଡ଼ା ଘାଟ ଅଞ୍ଚଳର ଶିକ୍ଷାପ୍ରେମୀମାନଙ୍କ ସହଯୋଗରେ ୧୯୭୮ ମସିହାରେ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସେତେବେଳେ କେବଳ ଇଣ୍ଟରମିଡିଏଟ କଳାରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିଥିଲେ। ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ୧୯୯୪ ମସିହାରେ ଏଠାରେ ଯୁକ୍ତ ୩ କଳା ଶ୍ରେଣୀ ଖୋଲାଯାଇଥିଲା। ସରକାରୀ ବ୍ୟବସ୍ଥା ଅନୁଯାୟୀ, ୨୦୧୪ ମସିହାରେ ଏଠାରେ ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀ ପୃଥକ କରାଗଲା। ଏହା ମଧ୍ୟରେ ଯୁକ୍ତ ୩ (ଡିଗ୍ରୀ) ହେବାର ୩୦ବର୍ଷ ପରେ ମଧ ଡିଗ୍ରୀ କଲେଜରେ କାର୍ଯ୍ୟରତ ଥିବା ଅଧ୍ୟାପକ, କର୍ମଚାରୀମାନେ ସରକାରୀ ଅନୁଦାନଭୁକ୍ତ ହୋଇପାରି ନାହାନ୍ତି। କାର୍ଯ୍ୟରତ ଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଆର୍ଥିକ ସଙ୍କଟ ମଧ୍ୟରେ ଜୀବନ ବିତାଉଛନ୍ତି। ଗୋଟିଏ କ୍ୟାମ୍ପସ ମଧ୍ୟରେ ଯୁକ୍ତ ୨ ଏବଂ ଯୁକ୍ତ ୩ କଲେଜ ଚାଲିଛି। ଏହା ମଧ୍ୟରେ ଯୁକ୍ତ୨ ବିଜ୍ଞାନ ଶ୍ରେଣୀ ଖୋଲାଯାଇ ୨୦୦୩ ମସିହାରେ ସରକାରୀ ଅନୁଦାନଭୁକ୍ତ ହୋଇସାରିଛି। ଏପଟେ ଅଧ୍ୟୟନ ପାଇଁ ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ ରହିଛି। ଯୁକ୍ତ ୨ ପରୀକ୍ଷା ଚାଲିଲା ବେଳେ ଯୁକ୍ତ ୩ ଶ୍ରେଣୀ ବନ୍ଦ ରହୁଛି। ସେହିପରି ଯୁକ୍ତ ୩ ପରୀକ୍ଷା ସମୟରେ ଯୁକ୍ତ ୨ ଶ୍ରେଣୀ ମଧ ବନ୍ଦ ରହୁଛି। ୨୦୧୬ ମସିହାରୁ ଡିଗ୍ରୀ କଲେଜରେ ପରିଚାଳନା କମିଟି ନାହିଁ। ବିନା ପରିଚାଳନା କମିଟିରେ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ସରକାରୀ ବ୍ୟବସ୍ଥା ଅନୁଯାୟୀ ସ୍ପେଶିଆଲ ଅଫିସର ଥିବା ଉପଜିଲାପାଳଙ୍କୁ ନେଇ କଲେଜ ଚଳାଉଥିବା ଦେଖାଯାଉଛି। ଡିଗ୍ରୀ କଲେଜ ଖୋଲିବା ସମୟରେ କୁହୁଡ଼ିରେ ଡିଗ୍ରୀ କଲେଜ ଖୋଲିଥିଲା। କୁହୁଡ଼ି ଡିଗ୍ରୀ କଲେଜ ଅନୁଦାନଭୁକ୍ତ ହୋଇସାରିଥିବା ବେଳେ ବ୍ଲକ ସଦରମହକୁମାରେ ଥିବା ଡିଗ୍ରୀ କଲେଜ ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମ୍ପୃକ୍ତି ରହୁ ନ ଥିବାରୁ କଲେଜର ଦୁରବସ୍ଥା ଦେଖାଦେଇଛି। ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ, ଶିକ୍ଷାବିତ୍, ବୁଦ୍ଧିଜୀବୀମାନେ କଲେଜର ସମସ୍ୟା ସମ୍ପର୍କରେ ଆଲୋଚନା ପୂର୍ବକ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୧୧ରେ ଆନ୍ତଃ ଜିଲା କବାଡ଼ି ପାଇଁ ଖୋର୍ଦ୍ଧା ଦଳ ମନୋନୟନ

**ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)**

ଆନ୍ତଃଜିଲା କବାଡ଼ି ପ୍ରତିଯୋଗିତା ପାଇଁ ଖୋର୍ଦ୍ଧା ଜିଲା ଆଥ୍‌ଲେଟିକ ଆସୋସିଏଶନର ପୁରୁଷ ଓ ମହିଳା ଦଳ ମନୋନୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଆସନ୍ତା ୧୧ ତାରିଖ ସକାଳ ୯ଟାରେ ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ। ଏଥିରେ କେବଳ ଖୋର୍ଦ୍ଧା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀ ଆଧାର ପ୍ରମାଣପତ୍ର ସହ ଷ୍ଟାଡିୟମ୍ ଠାରେ ଉପସ୍ଥିତ ହେବାକୁ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

# ଶିକ୍ଷା ସଂଯୋଜନା ଶିବିର ଉଦ୍‌ଯାପିତ

**ଜଟଣୀ,୭।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ସୋସାଇଟ ଫର୍ ଚିଲ୍ଡ୍ରେନ୍ ‘ସୋଚ’ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶିକ୍ଷା ସଂଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୨୪ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଯେଉଁମାନେ ଅଧାରୁ ପାଠ ଛାଡ଼ିଥିଲେ ଏବଂ ଯେଉଁ ପିଲାଙ୍କ ବୟସ ଅଧିକ ହେବା ସତ୍ତ୍ୱେ ମଧ ବିଦ୍ୟାଳୟରେ ନାମ ପଞ୍ଜୀକୃତ କରି ନ ଥିଲେ, ସେମାନଙ୍କୁ ସୋଚ ଅନୁଷ୍ଠାନ ଓ ଅଜିମ ପ୍ରେମଜି ଫାଉଣ୍ଡେଶନ ଉଦ୍ୟମରେ ଉକ୍ତ ଶିବିରରେ ରଖି ଶିକ୍ଷା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଜୋନାଲ ହେଡ୍ ଡା. ରାଜେଶ କୁମାର, ଡା.ଲୋକନାଥ ଦାସ, ସ୍ମିତା ସିହ୍ନା, ଶଙ୍କର ରାଓଙ୍କ ସହିତ ସୋଚ ଫାଉଣ୍ଡର ଡାଇରେକ୍ଟର ମନୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ସମାଜର ମୁଖ୍ୟ ସ୍ରୋତକୁ ଫେରିବା, ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା ହାସଲ ନିମନ୍ତେ ପିଲା ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ରଞ୍ଜନ ଧଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରୋଗ୍ରାମ ଇନ୍‌ଚାର୍ଜ ରୋଜାଲିନ ବେହେରା ସଭାର ମୁଖ୍ୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମୁଖ୍ୟ ମନୋଜ ସ୍ୱାଇଁ କାର୍ଯ୍ୟକ୍ରମର ବିଷୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିବିରର ମୁଖ୍ୟ କାର୍ଯ୍ୟକର୍ତ୍ତା ସୌମ୍ୟଜିତ୍ ଦାସ, ଅନିତା ମଙ୍ଗରାଜ, ପ୍ରକାଶ ଚନ୍ଦ୍ର କର, ଟୁନି ସ୍ୱାଇଁ, ଆକାଂକ୍ଷା ପ୍ରିୟଦର୍ଶିନୀ, ଡେଭିଡ୍ ଶବର ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଶିଶୁମାନଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ବିତରଣ କରାଯାଇଥିଲା। ପ୍ରୋଗ୍ରାମ ପରିଚାଳନା ମୁଖ୍ୟ ଲକ୍ଷ୍ମୀପ୍ରିୟା ସିଂ ଧନ୍ୟବାଦ ଦେଇଥିଲେ।

## ଅବକ୍ଷୟମୁଖୀ ସମାଜକୁ ଦିଗ୍‌ଦର୍ଶନ ଦିଏ ପାଲା

**ବେଗୁନିଆ,୭।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅଧୀନ ମଳିପଦର, ବାସୁଦେବପୁର ଗ୍ରାମବାସୀଙ୍କ ସହଯୋଗରେ ଗୋପୀନାଥ ଦେବଙ୍କ ପୀଠରେ ଚାଲିଥିବା ୨୧ତମ ବାର୍ଷିକ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗାୟକ କସ୍ତୁରୀ ମିହିର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ୪ଦିନ ଧରି ପୁରୀ ଜିଲାର ଯୁବଗାୟକ ତତ୍ତ୍ୱ ବିଭୂଷଣ ଲମ୍ବୋଦର ବେହେରା ଏବଂ ଜଗତ୍‌ସିଂହପୁର ଜିଲାର ଗାୟକ ସୌରଭ ରବି ନାରାୟଣ ପତି ଗତ ୨ରୁ ୫ ତାରିଖ ପର୍ଯ୍ୟନ୍ତ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପାଲା କମିଟି ସଭାପତି ପ୍ରଭାତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଫାର୍ମାସିଷ୍ଟ ଅମିୟ ଭୂଷଣ ପଣ୍ଡା ଯୋଗଦେଇଥିଲେ। ଅବକ୍ଷୟମୁଖୀ ସମାଜକୁ ଲୋକକଳା ପାଲା ଦିଗ୍‌ଦର୍ଶନ ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ପାଲାପ୍ରେମୀ ଯୋଗଦେଇଥିଲେ।

# କ୍ରିକେଟ : ରାଇଜିଂଷ୍ଟାର କ୍ଲବ ବିଜୟୀ

**ଖୋର୍ଦ୍ଧା, ୭।୧୧(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ କ୍ରିକେଟ ଆସୋସିଏଶନ ଅଫ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ବିଜୟୀ ହୋଇଛି। ଗୁରୁବାର କେଟି ଗ୍ଲୋବାଲ କ୍ରିକେଟ କ୍ଲବ ଏବଂ ରାଇଜିଂଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କେଟି ଗ୍ଲୋବାଲ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୭.୫ ଓଭରରେ ୧୦ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱର୍ଣ୍ଣାଭ ଦାସ ସର୍ବାଧିକ ୫୦ ରନ କରିଥିଲେ। ରାଇଜିଂଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ସରୋଜ ପାତ୍ର ୪ଟି ଏବଂ ତୀର୍ଥଙ୍କର ସାହୁ ଓ ସୌର୍ଯ୍ୟାନ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ୨୫.୩ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସରୋଜ ପାତ୍ରଙ୍କ ଅପରାଜିତ ୫୮ରନ ଏବଂ ପ୍ରତ୍ୟୁଷ ମହାନ୍ତି ୪୪ରନ କରିଥିଲେ। କେଟି ଗ୍ଲୋବାଲ କ୍ଲବ ପକ୍ଷରୁ ରାହୁଲ ଚୌଧୁରୀ ୩ଟି ଉଇକେଟ ନେଇଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଓ ରିୟାଜ ଖାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ରେଫରି ଭାବେ କାର୍ତ୍ତିକ ଜେନା ଓ ସଂଯୋଜକ ଭାବେ କିରଣ ଶତପଥୀ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଈଗଲ କ୍ରିକେଟ କ୍ଲବ ଓ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଜାଲ୍ ବିଲ୍ ଦେଇ ୮ ଲକ୍ଷ ଟଙ୍କା ନେଇଗଲେ

- ଗୋଟିଏ ରାସ୍ତାକୁ ଦୁଇ ବର୍ଷରେ ୨ଥର ବିଲ୍
- ବ୍ଲକ ପ୍ରଶାସନ ନୀରବ, ଖୋଲତାଡ଼ କରୁଛି ଭିଜିଲାନ୍ସ

**ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)**

ବୋଲଗଡ଼ ବ୍ଲକ ଅଧୀନ ଆରିକମା ପଞ୍ଚାୟତର ବେଗୁନିଆମୂଳ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ରେ ଦୁର୍ନୀତି ହୋଇଛି। ଗୋଟିଏ ରାସ୍ତାରେ ୨ବର୍ଷରେ ଦୁଇଟି ବିଲ୍ କରାଯାଇଛି। ଜାଲ୍ ବିଲ୍ ଦେଇ ଗ୍ରାମର ଶ୍ମଶାନ ଘାଟ ଭୂମି ଉନ୍ନତୀକରଣ ପାଇଁ ଆସିଥିବା ୮ଲକ୍ଷ ଟଙ୍କାକୁ ଚଞ୍ଚକତା ପୂର୍ବକ ହରିଲୁଟ କରାଯାଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ବିଫଳ ହେବା ପରେ ଖୋର୍ଦ୍ଧା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗର ତନାଘନା ପରେ ବ୍ଲକ ପ୍ରଶାସନର ଚେତା ପଶିଛି। ଏହି ଘଟଣାର ବିଭାଗୀୟ ତଦନ୍ତ ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର ଶ୍ମଶାନକୁ ଚାଲିକି ଯିବା ପାଇଁ ରାସ୍ତାଟିଏ ନ ଥିଲା। ବହୁ ଦାବି ପରେ ୨୦୨୨-୨୩ରେ ପ୍ରଥମେ ୬ଲକ୍ଷ ଟଙ୍କା ବ୍ୟୟରେ ମାଟି ପକାଇ ରାସ୍ତା ନିର୍ମାଣ କରିଥିଲେ। ଏହାର ସବିଶେଷ ତଥ୍ୟ ସୂଚନା ଫଳକରେ ଉଲ୍ଲେଖ ରହିଥିଲା। ପରବର୍ତ୍ତି ସମୟରେ ଏହି ରାସ୍ତାର ପୁନର୍ବାର ଉନ୍ନତୀକରଣ ପାଇଁ ପୁଣି ଥରେ ୮ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନେଇ ପୁରୁଣା ଫଳକରେ କେବଳ ନୂଆ କାମର କୋଡ ନମ୍ବର ପରିବର୍ତ୍ତନ କରି କୌଣସି କାମ ନ କରି ସମ୍ପୂର୍ଣ୍ଣ ଟଙ୍କା ବ୍ଲକ କାର୍ଯ୍ୟାଳୟରୁ ଉଠାଇନେଇଥିଲେ। ଏହି ଲୁଟ ପଛରେ ବ୍ଲକ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା କେତେଜଣ ଗ୍ରାମବାସୀ ଗଣମାଧ୍ୟମରେ କହିଛନ୍ତି। ଏହି ଘଟଣାର ଯାଞ୍ଚ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଗ୍ରାମର ଭ୍ରମରବର ଚମ୍ପତି ଏବଂ ପୂର୍ଣ୍ଣାନନ୍ଦ ଚମ୍ପତି କହିଛନ୍ତି। ୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ରାସ୍ତାରେ ଗାଣ୍ଡୁଏ ମାଟି ପଡିନଥିବା ଅଭିଯୋଗ କରିଛନ୍ତି। ଚାଲିକରି ଯାଇ ହେବନି ବୋଲି କହିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଖୋଳତାଡ ଆରମ୍ଭ ପରେ ରାତିଅଧିଆ ଫଳକକୁ ଭାଙ୍ଗି ଦିଆଯାଇଛି। ଆରିକମା ସରପଞ୍ଚ ପ୍ରମୋଦ କୁମାର ରାଉତାୟ କହିଛନ୍ତି, ଏହି ଅନିୟମିତତା ସମ୍ପର୍କରେ ଜାଣିବା ପରେ ଅନୁଧ୍ୟାନ କରିବା ସହ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲି। ଘଟଣାର ନିରପେକ୍ଷ ତଦନ୍ତ ସହ ଏଥିରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମରେ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୁବୁ



@ କୃଷ୍ଣ



@ ସୁଦର୍ଶନ




@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଇଁ

# ପାଳନ ହେବ 'ଜନଜାତି ଗୌରବ ବର୍ଷ'

**କେନ୍ଦ୍ର ସରକାରଙ୍କ ଘୋଷଣା**

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ଆଦିବାସୀ ନେତା ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଲବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ୨୦୨୫କୁ 'ଜନଜାତି ଗୌରବ ବର୍ଷ' ରୂପେ ପାଳନ ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଆସନ୍ତା ୧୫ ତାରିଖରେ ଏହି ଉତ୍ସବର ଶୁଭାରମ୍ଭ କରାଯାଇ ସମଗ୍ର ଦେଶରେ ଆଦିବାସୀ ବହୁଳ ଗ୍ରାମଗୁଡିକରେ ସ୍ୱତନ୍ତ୍ର ଗ୍ରାମସଭା ତଥା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ଏହି କ୍ରମରେ ରାଜ୍ୟର ୨୭ ଜିଲାର ୨୩୪ଟି ବ୍ଲକ୍‌ରେ ଥିବା ୨୪୦୮ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୭୬୬୭ଟି ଆଦିବାସୀବହୁଳ ରାଜସ୍ୱ ଗ୍ରାମରେ ଏସବୁ କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍ୱତନ୍ତ୍ର ପଲ୍ଲୀସଭାରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ପଠନ ସହ ସ୍ୱଚ୍ଛତା ରକ୍ଷା ଏବଂ ନିଶା ନିବାରଣ ନିମନ୍ତେ ଶପଥ ନିଆଯିବ। ସମ୍ମାନିତ ଅତିଥିଙ୍କ ଦ୍ୱାରା ଗ୍ରାମରେ ବୃକ୍ଷରୋପଣ କରାଯିବ। ସ୍ୱତନ୍ତ୍ର ପଲ୍ଲୀସଭା ବୈଠକ ତଥା ପ୍ରଶିକ୍ଷଣରେ ପଞ୍ଚାୟତ/ବ୍ଲକ/ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନର ପ୍ରତିନିଧିମାନେ ସମ୍ବଳ ବ୍ୟକ୍ତିଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଅନୁସୂଚିତ ଅଞ୍ଚଳ ପାଇଁ ରହିଥିବା ପଞ୍ଚାୟତ ସମ୍ପ୍ରସାରଣ ଆଇନ(ପେସା), ଜଙ୍ଗଲ ଅଧିକାର ଆଇନ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ୨୦୨୫-୨୬ ନିମନ୍ତେ ଗ୍ରାମପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ପ୍ରସ୍ତୁତି ତଥା ପଞ୍ଚାୟତ ବିକାଶ ସୂଚୀର ସ୍ଥିତି ସମ୍ପର୍କରେ ଅବଗତ କରିବେ। ଏତଦ୍‌ବ୍ୟତୀତ ପଲ୍ଲୀସଭା ସ୍ଥଳରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଓ କୁପୋଷଣର ଶିକାର ହୋଇଥିବା ଶିଶୁଙ୍କୁ ଚିହ୍ନଟ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। କାର୍ଯ୍ୟକ୍ରମ ନିମନ୍ତେ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନରୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ରାଜ୍ୟସ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ଜିଲାସ୍ତରରେ ଜିଲାପରିଷଦ ଓ ବ୍ଲକ୍ ସମନ୍ୱୟରେ କାର୍ଯ୍ୟକ୍ରମ ତଦାରଖ କରାଯିବ। ଜିଲାସ୍ତରରେ ଡିପିଓ, ଡିଡବ୍ଲ୍ୟୁଓ, ବ୍ଲକସ୍ତରରେ ଜିପିଡିଓ, ଏବିଡିଓ, ପଞ୍ଚାୟତ ସ୍ତରରେ ପିଇଓ ଏବଂ ଏଡିଇଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ରୂପେ ଦାୟିତ୍ୱ ନିର୍ବାହ କରିବେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗ୍ରାମର ବିକାଶ ତଥା ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ଅଧିକ ଅବଗତ ହେବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧୧।୨୦୨୪

| ୬,୭୮,୬୮୯ ଟଙ୍କା | |
|---|---|
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୧୩୭.୪୦୦ ଗ୍ରାମ୍ |

## ପୁଣି ଜଳହସ୍ତୀ ଖୁଆଡ଼ରେ ଦେଖାଦେଲା କୁମ୍ଭୀର

ତ୍ରିଶୂଳିଆ,୭।୧୧(ତୁଷାରକାନ୍ତ ବେହେରା) ନନ୍ଦନକାନନର ୬୩ ନଂ. ଜଳହସ୍ତୀ ଖୁଆଡ଼ ଜଳାଶୟରେ ପୁଣି ଗୁରୁବାର ଏକ କୁମ୍ଭୀର ପାଣିରେ ପହଁରୁଥିବା ଦେଖିବାକୁ ମିଳିଛି। ପର୍ଯ୍ୟଟକମାନେ ଜଳହସ୍ତୀ ସହ କୁମ୍ଭୀର ପହଁରୁଥିବା ଦୃଶ୍ୟକୁ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ପ୍ରାଣୀ ଉଦ୍ୟାନରେ ଶହଶହ ସଂଖ୍ୟାରେ ମଗର, ବଉଳା, ଘଡ଼ିଆଳ, ଅଣ୍ଟିଆ ଆଦି ବିଭିନ୍ନ ପ୍ରଜାତିର କୁମ୍ଭୀର ରହୁଛନ୍ତି। ଏଠାରେ ମଧ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ମାତ୍ର ପରିଚାଳନାଗତ ତ୍ରୁଟି ପାଇଁ ସେଠାରୁ ବିଭିନ୍ନ ଖୁଆଡ଼ ଓ ଜଳାଶୟକୁ କୁମ୍ଭୀର ଚାଲିଯାଉଥିବାରୁ ଅନ୍ୟ ପ୍ରାଣୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।



ପୁରୀ ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ଠାରେ ଗୁରୁବାର ଆୟୋଜିତ ଗୋ-ନବରାତ୍ର ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗାଈକୁ ଖାଦ୍ୟ ଖୁଆଉଛନ୍ତି।

# ଗୋଚର ଜମିକୁ ଜବରଦଖଲମୁକ୍ତ କରାଯିବ

- ଗୋ ନବରାତ୍ର ମହୋତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ

ପୁରୀ, ୭।୧୧(ଅଜିତ୍ କୁମାର ମହାନ୍ତି)

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୋସମ୍ପଦର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ। ପୁରାଣ ଶାସ୍ତ୍ର ଅନୁଯାୟୀ, ଗୋମାତାଙ୍କଠାରେ ତେତ୍ରିଶ କୋଟି ଦେବଦେବୀ ବାସ କରନ୍ତି। ସେଥିପାଇଁ କୁହାଯାଇଛି, ଗୋମାତାଙ୍କ ପୂଜା କରିବା ଅର୍ଥ ଦେବତାଙ୍କୁ ସନ୍ତୁଷ୍ଟ କରିବା ବୋଲି ହରିହରାନନ୍ଦ ଗୁରୁକୁଳମ୍‌ଠାରେ ଆୟୋଜିତ ଗୋ-ନବରାତ୍ର ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରକାଶ କରିଛନ୍ତି।

ଗୁରୁ ଗୋବିନ୍ଦ ଗୋ ସେବାଶ୍ରମ ଏବଂ ଓଡ଼ିଶା ଗୋ ସେବା ସମିତି ହରିହରାନନ୍ଦ ଗୁରୁକୁଳମ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବରେ ଗୁରୁବାର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, କେଉଁ ଆବହମାନ କାଳରୁ ଆମ ସଂସ୍କୃତି ଓ ପରମ୍ପରାରେ ଗୋ ବଂଶର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଗୋମାତା, ଗଙ୍ଗା, ଗୀତା, ଗାୟତ୍ରୀ ଓ ଗୁରୁ ହେଉଛନ୍ତି ଆମ ସଭ୍ୟତା ଓ ସଂସ୍କୃତିର ପ୍ରତୀକ। ବୈଜ୍ଞାନିକ ଗବେଷଣାରୁ ଜଣାଯାଇଛି ଯେ, ଗାଈ କ୍ଷୀର, ଗୋମୂତ୍ର ଓ ଗୋବରରେ ଔଷଧୀୟ ତତ୍ତ୍ୱ ରହିଛି। ଆମର ଏହି ଅମୂଲ୍ୟ ସମ୍ପଦର ସୁରକ୍ଷା ଓ ମାହାତ୍ମ୍ୟ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରଠାରେ ଆୟୋଜିତ ଏହି ମହୋତ୍ସବ ଗୋସେବା କ୍ଷେତ୍ରରେ ଓଡ଼ିଶାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମହାନ୍ ପ୍ରଚେଷ୍ଟା। ପୂଜ୍ୟ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ପୌରୋହିତ୍ୟରେ ଓଡ଼ିଶାରେ ପ୍ରଥମ କରି ଏହି ଗୋ ସେବା ଜାଗରଣ ଯାତ୍ରା ଆରମ୍ଭ ହୋଇଥିଲା। ଗୁରୁଜୀଙ୍କ ନେତୃତ୍ୱରେ ଓଡ଼ିଶାର ୯୦ଟି ସ୍ଥାନରେ ଗୋ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଛି। ଆମ ଦେଶର ଗ୍ରାମୀଣ ଅର୍ଥନୀତିର ବିକାଶରେ ଗୋସମ୍ପଦର ବହୁଳ ପ୍ରଭାବ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଗୋସମ୍ପଦ ବୃଦ୍ଧି ଓ ସୁରକ୍ଷାକୁ ଗୁରୁତ୍ୱର ସହିତ ନେଉଛନ୍ତି। ରାଜ୍ୟ ସରକାର ଏହି ଆଭିମୁଖ୍ୟ ଅନୁସାରେ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛନ୍ତି। ଗୋସୁରକ୍ଷା ପାଇଁ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ ଏବଂ ରାଜ୍ୟରେ ଗୋଚର ଜମିକୁ ଜବରଦଖଲମୁକ୍ତ କରାଯିବ। ଓଡ଼ିଶାରେ ଦୁଗ୍ଧର ଚାହିଦା ଓ ଦୁଗ୍ଧ ଉପଲବ୍ଧତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆମ ସରକାର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ପ୍ରତିବର୍ଷ ୨ହଜାର ହିତାଧିକାରୀଙ୍କୁ ଦୁଇଟି ଲେଖାଏ ଗାଈ, ୨୦ହଜାର ଦୁଗ୍ଧ ଚାଷୀଙ୍କୁ ରିହାତି ଦରରେ ବାଛୁରୀ ଖାଦ୍ୟ ଯୋଗାଣ, ଦୁଧିଆଳୀ ଗାଈଙ୍କ ବୀମା ପାଇଁ ସହାୟତା ଆଦି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ହରିହରାନନ୍ଦ ଗୁରୁକୁଳମ୍‌ରେ ପ୍ରତିଷ୍ଠା ହୋଇଥିବା ଗୋଶାଳାର ଗୋଟିଏ ଗୋମାତାଙ୍କ ସେବା ପାଇଁ ବ୍ୟକ୍ତିଗତ ଭାବେ ଏକବର୍ଷର ଗୋଖାଦ୍ୟର ସହଯୋଗ କରିବେ ବୋଲି ଘୋଷଣା କରିବା ସହିତ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗୋମାତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ସହ ଗୋଶାଳାଗୁଡିକୁ ସହାୟତା ଦେବା ପାଇଁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୋଜିତ ପୂଜାରେ ଯୋଗଦେବା ସହ ଗୋଶାଳା ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱାମୀ ଦୀନବନ୍ଧୁ ଦାସ ମହାରାଜ ଗୋ-ମହିମା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ସ୍ମରଣିକା 'ଗୋ ମୁଖ' ଏବଂ ଅନ୍ୟ ଏକ ପୁସ୍ତକ 'ଏଇ ମାଟିର ରତ୍ନମାଳା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ସପରିବାର ସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ କରାଯାଇଥିଲା।


## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

**ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ

**ଏଲ.ଏ.କେସ୍ ନଂ-୧୮୨/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ, ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**

**ବନାମ**

No.XXIII-19:୧. ଅକ୍ରୁର ଦେହୁରୀ, ୨.ନେତ୍ରାନନ୍ଦ ଦେହୁରୀ, ପିତା-ଦାମ ଦେହୁରୀ, ୩.ନେତ ଦେହୁରୀ, ସ୍ୱାମୀ-ଭୋଳି ଦେହୁରୀ, ୪.ପ୍ରହ୍ଲାଦ ଦେହୁରୀ, ୫.ବାସୁଦେବ ଦେହୁରୀ, ୬. ଦ୍ରୌପଦୀ ଦେହୁରୀ, ୭.ପଦ୍ମା ଦେହୁରୀ, ୮.ମଣି ଦେହୁରୀ, ପିତା-ଭୋଳି ଦେହୁରୀ, ୯. ପ୍ରତାପ ଦେହୁରୀ, ୧୦.ଆକୁଳାନନ୍ଦ ଦେହୁରୀ, ୧୧.ଗୋକୁଳ ଦେହୁରୀ, ୧୨.ବଣି ଦେହୁରୀ, ୧୩. ଅଂଜନା ଦେହୁରୀ, ପିତା-ବଳରାମ ଦେହୁରୀ, ୧୪.ଶଶି ଦେହୁରୀ, ପିତା-ପଂଚୁ ଦେହୁରୀ, ୧୫. ଉଷା ଦେହୁରୀ, ୧୬. ବଚି ଦେହୁରୀ, ପିତା-ପାଣ୍ଡବ ଦେହୁରୀ, ୧୭. ବିକୁ ଦେହୁରୀ, ସ୍ୱାମୀ-ହରି ଦେହୁରୀ, ୧୮.ତ୍ରିଲୋଚନ ଦେହୁରୀ, ୧୯.ଚିନ୍ମୟ ଦେହୁରୀ, ୨୦.ଝିଲି ଦେହୁରୀ, ପିତା-ହରି ଦେହୁରୀ, ୨୧.ଦାମ ଦେହୁରୀ, ପିତା-ରାମ ଦେହୁରୀ, ଗ୍ରାମ-ପଥରଗାଡିଆ, ପୋ-ଦାରଟେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୨୨.ପୁଷ୍ପଲତା ସାମନ୍ତ, ସ୍ୱାମୀ-ହୃଦୟ ଚନ୍ଦ୍ର ସାମନ୍ତ, ଗ୍ରାମ-ନରଣପୁର, ଥାନା-ବାଙ୍କି, ଜିଲ୍ଲା-କଟକ, ୨୩. ପ୍ରଦୀପ କୁମାର ମହାନ୍ତି, ପିତା- ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ/ଥାନା/ଜିଲ୍ଲା-ଢେଙ୍କାନାଳ, ୨୪.ପ୍ରଦୀପ୍ତ କୁମାର ମହାପାତ୍ର, ପିତା-ବୈକୁଣ୍ଠନାଥ ମହାପାତ୍ର, ସା-ସତ୍ୟନଗର, ପ୍ଲଟ ନଂ-୩୬, ଫ୍ଲାଟ ନଂ.-୨୦୩, ଜାପାନିଜ୍ ପ୍ୟାଲେସ, ଭୁବନେଶ୍ୱର-୭୫୧୦୦୭, ଜିଲ୍ଲା-ଖୋର୍ଦ୍ଧା, ୨୫. ଦେବବ୍ରତ ଧିର, ପିତା-ନୃସିଂହ ଚରଣ ଧିର, ସା-ପ୍ଲଟ ନଂ.-ଏନ-୩/୩୩୮, ଆଇ.ଆର.ସି.ଭିଲେଜ ନୟାପଲ୍ଲୀ, ଭୁବନେଶ୍ୱର, ୨୬.ଶାନ୍ତିଲତା ପ୍ରଧାନ, ସ୍ୱାମୀ-ଜୟକୃଷ୍ଣ ପ୍ରଧାନ, ସା-ଭାତପଡ଼ା, ପୋ-ଘନପଣା, ଥାନା-ପୁରୀ ସଦର, ଜିଲ୍ଲା-ପୁରୀ,୨୭.କୁମୁଦିନୀ ମଲ୍ଲ, ସ୍ୱାମୀ-ପ୍ରଭାତ ଚନ୍ଦ୍ର ମଲ୍ଲ, ସା-ଅମଲାମଡା, ପୋ-ଗୁଣ୍ଠୁଣି, ଥାନା-ଇଟାମାଟି,ଜିଲ୍ଲା-ନୟାଗଡ଼, ୨୮.ସତ୍ୟବ୍ରତ ଧିର, ପିତା-ନୃସିଂହ ଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ ନୟାପଲ୍ଲୀ, ଭୁବନେଶ୍ୱର,୨୯.ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ-କବିସୂର୍ଯ୍ୟ ନାୟକ, ସା-ଏଫ-୧୯/୧,ରେଲୱେ କଲୋନୀ, ପୋ/ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର ୩୦.ମନୋରଞ୍ଜନ ମହାନ୍ତି, ପିତା-ଚିନ୍ତାମଣି ମହାନ୍ତି, ସା-ଏମ୍.ଆଇ.ଜି.-୧-୧୬/୧୨, ବି.ଡି.ଏ. କଲୋନୀ, ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୩୧.ପ୍ରତାପ ମହାପାତ୍ର, ପିତା-ବୃନ୍ଦାବନ ମହାପାତ୍ର, ସା/ପୋ/ଥାନା-ରଣପୁର, ଜିଲ୍ଲା-ନୟାଗଡ଼, ୩୨.ଜ୍ୟୋତି ରଂଜନ ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା/ପୋ-ଗଣ୍ଡରପୁର, ଥାନା- ନନ୍ଦନକାନନ, ଜିଲ୍ଲା-ଖୋର୍ଦ୍ଧା............ ବିରୋଧୀ ପକ୍ଷମାନେ ।

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.-୧୮୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ମୌଜା-ସୁନ୍ଦରପୁର, ଖାତା ନଂ-୧୨୨, ପ୍ଲଟ ନଂ.- ୫୩୫/୮୯୭, ଅଧିଗୃହିତ ରକବା ଏ ୦.୧୨୫ ଡି ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୩.୧୨.୨୦୨୪ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୧.୧୦.୨୪ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0041/2425




ମୟୂରଭଞ୍ଜ ଜିଲା ପ୍ରଶାସନର ସାଂସ୍କୃତିକ ଅନୁଷ୍ଠାନ ଛାଉଣୀ ପକ୍ଷରୁ ଛଉନୃତ୍ୟକୁ ନେଇ ଗୁରୁବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ଜାତୀୟ ମହୋତ୍ସବ 'ନାଟକୀ'ରେ ଶିଳ୍ପୀମାନେ ଛଉ କଳାକୌଶଳ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# କୋଟିପତି ଇଡ୍‌କୋ ଜୁନିୟର ମ୍ୟାନେଜର ଗିରଫ

## ପ୍ରକୃତ ଆୟଠାରୁ ସମ୍ପତ୍ତି ୭୩୬% ଅଧିକ

### ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା



ଭୁବନେଶ୍ୱର,୭ା୧୧(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭ୍‌ଲପମେଣ୍ଟ କର୍ପୋରେଶନ୍ (ଇଡ୍‌କୋ), ବିସିଡି-୨ ଜୁନିୟର ମ୍ୟାନେଜର(ସିଭିଲ୍) ବିଜୟ କୁମାର ଉଦୟସିଂଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ଯାଞ୍ଚ ପରେ ବିଜୟଙ୍କ ନିକଟରୁ ୫ କୋଟି ୩୦ ଲକ୍ଷ ୭୨ ହଜାର ୭୧୭ ଟଙ୍କାର ଆୟ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ବିଜୟଙ୍କ ପ୍ରକୃତ ଆୟଠାରୁ ୭୩୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବିଜୟଙ୍କୁ ତାଙ୍କ ସ୍ତ୍ରୀ ମଧ୍ୟ ସହଯୋଗ କରିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ବିଜୟ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ପିସି(ଆମେଣ୍ଡମେଣ୍ଟ) ଆକ୍ଟ,୨୦୧୮ ଅନୁଯାୟୀ ଏକ ମାମଲା (ନଂ.୨୨/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତ ବିଜୟଙ୍କୁ ଗିରଫ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବୁଧବାର ବିଜୟଙ୍କ ଘର ସମେତ ଖୋର୍ଦ୍ଧା ଓ ପୁରୀ ଜିଲାର ୬ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଯାଞ୍ଚ ବେଳେ ଭିଜିଲାନ୍ସ ଟିମ୍ ବିଜୟଙ୍କ ଭୁବନେଶ୍ୱର ରାଜାରାଣୀ ମୌଜା ଆର୍ଯ୍ୟ ବିହାରରେ ଥିବା ୩.୨୨ କୋଟି ଟଙ୍କାର ୪ ମହଲା ବିଶିଷ୍ଟ ଆଲିଶାନ୍ କୋଠା ଠାବ କରିଥିଲା। ସେହିପରି ପୁରୀ ଜିଲା ବାଲୁଖଣ୍ଡ ମୌଜାସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ୍ ସହ ଖୋର୍ଦ୍ଧା ଓ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ବହୁମୂଲ୍ୟର ୩ଟି ପ୍ଲଟ୍, ବ୍ୟାଙ୍କ ଓ ଜୀବନବୀମା ଜମା ୫୫.୫୦ ଲକ୍ଷ, ଘରୁ ୪.୫୦ ଲକ୍ଷ ନଗଦ ଟଙ୍କା, ଗୋଟିଏ ଚାରିଚକିଆ ଯାନ, ୩ଟି ୨ଚକିଆ ଯାନ ଏବଂ ୨୯ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ ଠାବ କରିଥିଲା। ତେବେ ବିଜୟ ଦୁର୍ନୀତି କରି ଏହି ସମ୍ପତ୍ତି ଠାବ କରିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି।

# ୧୧ ବର୍ଷ ପରେ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ

## ଶାନ୍ତି ମିଶ୍ର ହତ୍ୟା ମାମଲା

ବ୍ରହ୍ମପୁର, ୭ା୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲାର ୧୧ବର୍ଷ ପରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଗୁରୁବାର ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ମାମଲାରେ ସମ୍ପୃକ୍ତ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ରାକେଶ ପଣ୍ଡା ଓରଫ ମାଙ୍ଗା, ହରି ଓଁ ବେହେରା ଓରଫ ଟୁକୁନା ଓରଫ ଗୋପବନ୍ଧୁ, ସନ୍ତୋଷ କୁମାର ସାହୁ ଓରଫ ଡାକ୍ତର, ମୃତ୍ୟୁଞ୍ଜୟ ସାବତ, ସନ୍ତୋଷ ପାଣିଗ୍ରାହୀ ଓରଫ ଇଟିଲି ଓରଫ ବୁଲୁ, ବୁଦୁ ଦାସ, ଗଣେଶ ପାଣିଗ୍ରାହୀ ଓରଫ ଟିଲୁ, ଶେଖ୍ ଜାଫିର ଓରଫ ସରିଫ, ବାବାଜୀ ରଣା, ଶଙ୍କର୍ଷଣ ପାଢ଼ୀ ଓରଫ ଆମି ଓ ଶଙ୍କର ବେହେରା। ମାମଲାର ବିଚାର ପ୍ରକ୍ରିୟା ବେଳେ ଅଭିଯୁକ୍ତ ରଞ୍ଜିତ ପାଣିଗ୍ରାହୀ ଓରଫ ବାବୁଙ୍କର ମୃତ୍ୟୁ ଘଟିଥିବା ବେଳେ କୋର୍ଟରେ ହାଜର ହୋଇ ନ ଥିବା ମୌଜ ମିଶ୍ରଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଶାନ୍ତି ପ୍ରସାଦ ମିଶ୍ରଙ୍କ ନାମରେ ଏକାଧିକ ମାମଲା ରହିଥିଲା। ସେ ଜାମିନରେ ଥିବାବେଳେ ୨୦୧୩ ଜାନୁଆରୀ ୨୯ ତାରିଖ ସକାଳେ ଗୋଷାଣି ନୂଆଗାଁ ଥାନାକୁ ଯାଇ ହାଜିରା ଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଗୋଷାଣି ନୂଆଗାଁ ଗୁଣ୍ଡିଚା ମନ୍ଦିର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ି ଅଟକାଇ ଥିଲେ। ସେଠାରୁ ସେ ଖସି ପଳାଇବାକୁ ଉଦ୍ୟମ କରିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଶାନ୍ତି ମିଶ୍ର ପ୍ରାଣ ବଞ୍ଚାଇବା ପାଇଁ ନିକଟସ୍ଥ ପୋଖରୀ ଭିତରେ ପଶିଯାଇଥିଲେ। ଅଭିଯୁକ୍ତମାନେ ସେଠାରେ ବୋମା ପକାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲେ। ପୋଖରୀ ଭିତରେ ଥିବା ଶାନ୍ତି ମିଶ୍ରଙ୍କୁ ଚାରିପଟୁ ଘେରିଯାଇ ସଂଘବଦ୍ଧ ଭାବେ ପୁଣି ଖଣ୍ଡାରେ ହାଣି ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଶାନ୍ତି ମିଶ୍ରଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅନିଲ ନାୟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧/୧୩ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୨୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ରାୟ ପ୍ରକାଶ ବେଳେ ୧୧ ଅଭିଯୁକ୍ତଙ୍କୁ ପୋଲିସର କଡ଼ା ସୁରକ୍ଷା ବଳୟରେ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମାମଲା ପରିଚାଳନା କରୁଥିଲେ।

# ଆଦିବାସୀଙ୍କୁ ପୋଲିସର ମାଡ଼ ଅଭିଯୋଗ

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କଲା 'ମାରିସା'

ବାରିପଦା,୭ା୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅସୁସ୍ଥ ଝିଅକୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସ ଆସିଲାନି। ଏହାର ପ୍ରତିବାଦରେ ରାସ୍ତାରୋକୋ କରିଥିବା ଜଣେ ଆଦିବାସୀଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ନିରୀହ ଆଦିବାସୀଙ୍କ ପ୍ରତି ପୋଲିସର ଏଭଳି ବର୍ବରତାକୁ ନେଇ ମାସ୍ ଆଦିବାସୀ ରିଭୋଲ୍ୟୁଶନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ (ମାରିସା) ସ୍ୱର ଉତ୍ତୋଳନ କରିଛି। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସଂଗଠନର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୟୂରଭଞ୍ଜ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ କୁଳିଅଣା ଥାନା ଅଧୀନ ପାତିହିଞ୍ଜା ଗ୍ରାମର ବଡ଼ ନାଏକ କୁଳିଅଣା ଛକ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ରାସ୍ତା ଅବରୋଧ କରିଥିଲେ। ଗାଡ଼ିମୋଟର ଅଟକି ଯିବା ଖବରପାଇ କୁଳିଅଣା ପୋଲିସ ସେଠାରେ ପହଞ୍ଚି ସର୍ବସାଧାରଣରେ ତାଙ୍କୁ ପ୍ରବଳ ମାଡ଼ ମାରି ସେଠାରୁ ହଟାଇଥିଲା। ଉକ୍ତ ମାଡ଼ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ବିଭିନ୍ନ ମହଲରେ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ବଡ଼ ନାଏକ ତାଙ୍କ ଅସୁସ୍ଥ ଝିଅକୁ ଡାକ୍ତରଖାନା ନେବା ଉଦ୍ଦେଶ୍ୟରେ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ପ୍ରତିବାଦରେ ସେ ୧୮ନଂ. ଜାତୀୟ ରାଜପଥକୁ ଅବରୋଧ କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଜାଣି ସୁଦ୍ଧା ପୋଲିସ ମାନବିକତା ଦୃଷ୍ଟିକୋଣରୁ ତାଙ୍କୁ ବୁଝାଶୁଝା ନ କରି ପ୍ରବଳ ମାଡ଼ ମାରିବା ନିରୀହ ଆଦିବାସୀଙ୍କ ପ୍ରତି ବର୍ବରତାକୁ ସୂଚିତ କରୁଛି ବୋଲି ମାରିସା ପକ୍ଷରୁ କୁହାଯାଇଛି। ଏହି ଘଟଣାରେ କୁଳିଅଣା ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି କିମ୍ବା ନିଲମ୍ବନ କରିବା ସହିତ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ଦାବି କରିଛି। ଏଥିରେ ବ୍ୟତିକ୍ରମ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଥାନାଧିକାରୀଙ୍କ ମତାମତ ମିଳିପାରିନାହିଁ।

# ପୀଡ଼ିତାଙ୍କ ବୟାନ ରେକର୍ଡ, ଅଭିଯୁକ୍ତ ଫେରାର

## ବିଧବାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ ଘଟଣା

ଲୋଇସିଂହା,୭ା୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ଜଣେ ବିଧବାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ଜନୈକ ସରକାରୀ କର୍ମଚାରୀ ପୂର୍ବରୁ ରଖିଥିବା ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଅପରପକ୍ଷରେ ଭିଡିଓ ଭାଇରାଲ ହେବା ଜାଣିବା ପରେ ସମ୍ପୃକ୍ତ ମହିଳା ଜଣକ ସୋମବାର ଆଗଲପୁର ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ। ପୀଡ଼ିତା ଆଦିବାସୀ ସମ୍ପ୍ରଦାୟର ହୋଇଥିବାବେଳେ ବୁଧବାର ବଲାଙ୍ଗୀରଠାରେ ବିଚାରପତିଙ୍କ ଆଗରେ ତାଙ୍କର ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ମଙ୍ଗଳବାର ଆଗଲପୁର ପୋଲିସ ପକ୍ଷରୁ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସରକାରୀ କର୍ମଚାରୀ ଏବଂ ତାଙ୍କ ସହଯୋଗୀ ଏବେ ଫେରାର ଅଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଅଭିଯୋଗରୁ ପ୍ରକାଶ ଯେ, ପ୍ରାୟ ଦେଢ଼ବର୍ଷ ତଳେ ସମ୍ପୃକ୍ତ ମହିଳା ଜଣଙ୍କୁ ଦାୟିତ୍ୱରେ ଥିବା କର୍ମଚାରୀ ପିଡିଏସ୍ ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଥିଲେ। ସେ ପିଡିଏସ୍ ଚାଉଳ ନେବାବେଳେ ସେଠାରେ କେହି ନ ଥିବାର ସୁଯୋଗ ନେଇ କର୍ମଚାରୀ ଜଣକ ତାଙ୍କୁ ଏକ ନିଛାଟିଆ କୋଠରିକୁ ଡାକି ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ତାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ନେଇଥିଲେ। ଉକ୍ତ ଭିଡିଓକୁ ନେଇ ସମ୍ପୃକ୍ତ ମହିଳାଙ୍କୁ ବ୍ଲାକମେଲିଂ କରି ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। କିଛିଦିନ ପୂର୍ବରୁ କର୍ମଚାରୀ ଜଣକ ସମ୍ପୃକ୍ତ ପୀଡ଼ିତାଙ୍କୁ ଡାକିଥିଲେ। ହେଲେ ସେ ନ ଆସିବାରୁ ପୂର୍ବର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ କର୍ମଚାରୀ ଏବଂ ତାଙ୍କର ଜଣେ ସହଯୋଗୀ ଭାଇରାଲ କରିଥିଲେ। ପୀଡ଼ିତା ମହିଳା ଗତ ୨ ତାରିଖରେ ଏହା ଜାଣିବାକୁ ପାଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଘଟଣା ନେଇ ପ୍ରତିବାଦ କରିଥିଲେ। ପୀଡ଼ିତା ଜଣକ ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟ ପରିସରରେ ଚପଲରେ ମାଡ଼ ମାରୁଥିବାର ଏକ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି। ତେବେ ପ୍ରତିବାଦବେଳେ ପୀଡ଼ିତାଙ୍କୁ ଅଭିଯୁକ୍ତ ଜାତିଆଣ ଆକ୍ଷେପ କରିବା ସହ ଅଶାଳୀନ ଗାଳିଗୁଲଜ କରିଥିଲେ। ଏପରି କି ହତ୍ୟା ଧମକ ଦେବାକୁ ପଛାଇ ନ ଥିଲେ। ଏନେଇ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ଡିଏସ୍‌ପିସ୍ତରୀୟ ଜଣେ ଅଧିକାରୀ ଏହି ମାମଲାର ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ଏ ସଂକ୍ରାନ୍ତରେ ଆଗଲପୁର ବିଡିଓ କୁଳଦୀପ ମହାନ୍ତିଙ୍କୁ ପଚାରିବାରେ ଥାନାରେ ଅଭିଯୋଗ ହୋଇଥିବା ଶୁଣିବାକୁ ପାଇଛି। ଅଭିଯୁକ୍ତ ଯୋଗାଣ ବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ। କିନ୍ତୁ ଅଭିଯୋଗ ସମ୍ପର୍କରେ ପୋଲିସ ପକ୍ଷରୁ ତାଙ୍କୁ କିଛି ଅବଗତ କରାଯାଇ ନାହିଁ। ପୋଲିସ ଜଣାଇବା ପରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ମହାନ୍ତି କହିଛନ୍ତି।

# ଆତଙ୍କ ଖେଳାଉଥିବା ୨ ଭାଇଙ୍କ ସମେତ ୩ ଗିରଫ



## ବୋମା ମାଡ଼, ଆକ୍ରମଣ ଭଳି ଆପରାଧିକ ମାମଲା ରହିଛି

ଭୁବନେଶ୍ୱର,୭ା୧୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ବୋମା ମାଡ଼, ଆକ୍ରମଣ ଓ ଦାଦାବଟି ଭଳି ଅପରାଧରେ ସଂପୃକ୍ତ ରହି ଆତଙ୍କ ଖେଳାଉଥିବା ୨ ଭାଇଙ୍କ ସମେତ ୩ ଜଣଙ୍କୁ ଏୟାରଫିଲ୍ଡ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳର ସୁଚିକିର୍ତ୍ତୀ ସାମନ୍ତରାୟ ଓରଫ ବଣ୍ଟି ଓ ତାଙ୍କ ଭାଇ ସୌରୀକିର୍ତ୍ତୀ ସାମନ୍ତରାୟ ଓରଫ ଜୁଲୁ ଏବଂ ଅନ୍ୟ ଜଣେ ହେଲେ ସୁଜିତ ସାମନ୍ତରାୟ ଓରଫ ପିଣ୍ଟୁ। ଏମାନଙ୍କଠାରୁ ଗୋଟିଏ କାର୍, ୪ ବୋମା, ଗୋଟିଏ ଖଣ୍ଡା ଓ ଛୁରି ଜବତ ହୋଇଛି। ବାଟ ଛାଡ଼ିବାକୁ କହିବାରୁ ପ୍ରସନ୍ନ ସାମନ୍ତରାୟ ନାମକ ବ୍ୟକ୍ତିଙ୍କୁ ଅଭିଯୁକ୍ତମାନେ ଛୁରିରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଏହି ପଦକ୍ଷେପ ଗ୍ରହଣ କରିଛି। ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଡ୍ରାମା ସାରି ପ୍ରସନ୍ନ ନିଜ ଘର ପାଞ୍ଚଗାଁକୁ ବୁଧବାର ସନ୍ଧ୍ୟାରେ ଫେରୁଥିବାବେଳେ ଅଭିଯୁକ୍ତମାନେ କାର୍‌କୁ ରାସ୍ତା ମଝିରେ ରଖି ଅବରୋଧ କରିଥିଲେ। ପ୍ରସନ୍ନ ଗାଡ଼ି ସାଇଡ୍ କରିବାକୁ କହିବାରୁ ସେମାନେ କାର୍‌ରୁ ବାହାରି ଗାଳିଗୁଲଜ କରିବା ସହ ଖଣ୍ଡାରେ ହାଣି ହତ୍ୟା କରିବାକୁ ଧମକ ଦେଇଥିଲେ। ପ୍ରସନ୍ନ ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ଏକ ଛୁରିରେ ତାଙ୍କ ପିଠିକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସେମାନଙ୍କୁ ପିଛା କରି କାବୁ କରିଥିଲା। ସେମାନଙ୍କ କାର୍ ଯାଞ୍ଚ କରିବାରୁ ସେଥିରୁ ଖଣ୍ଡା, ଅଫୁଟା ବୋମା ଓ ଛୁରି ମିଳିଥିଲା।

ତେବେ ଏହା ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ଥାନାରେ ଏକାଧିକ ଅଭିଯୋଗ ରହିଥିଲା। ସେପ୍ଟେମ୍ବରରେ ଆରିୟନ ଇଞ୍ଜିନିୟରିଂ କଲେଜରେ ଛାତ୍ର ଅଶାନ୍ତି ଦେଖାଦେବାରୁ କର୍ତ୍ତୃପକ୍ଷ କଲେଜକୁ ସାଇନ୍-ଏ-ଡାଏ ଘୋଷଣା କରିଦେଇଥିଲେ। ପରେ ସେଠାରେ ପଢୁଥିବା ବିହାର ଛାତ୍ରୀଛାତ୍ରଙ୍କୁ ବସ୍ ଯୋଗେ ଷ୍ଟେଶନ ନିଆଯାଉଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କ ଗାଡ଼ି ଉପରକୁ ବୋମା ମାଡ଼ କରିଥିଲେ ବୋଲି ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ;**
**ବୁଦ୍ଧି ଦିଶେ ନାହିଁ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି ଥିଲେ ବାଘ ଦୁଧ ମିଳେ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଅର୍ଥ ଥିଲେ ମଣିଷ ସବୁକିଛି ଅନାୟାସରେ ହାସଲ କରିପାରେ। ଅର୍ଥ ବଳରେ ବଳିୟାନ ଧନୀ ଲୋକ ପାଇଁ ସବୁକିଛି ସହଜ ସୁଲଭ ହୋଇଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଗାଡ଼ିଆରୁ ମହିଳାଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ

ବ୍ରହ୍ମଗିରି,୭ା୧୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଧୀନ ହରପଡ଼ା ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ତାଙ୍କ ଘର ପଛପଟ ଗାଡ଼ିଆରୁ ଭାସୁଥିବା ଅବସ୍ଥାରେ ଗୁରୁବାର ସକାଳେ ଜବତ କରାଯାଇଛି। ତାଙ୍କ ବେକରେ ଏକ ଗାମୁଛା ସାହାଯ୍ୟରେ ପଥର ବନ୍ଧା ହୋଇଥିବା ଜଣାପଡ଼ିଛି। ମୃତା ହେଲେ ମାନସ ରଞ୍ଜନ ଗୁଣ୍ଡଙ୍କ ପତ୍ନୀ ରିତାଞ୍ଜଳି ଗୁଣ୍ଡ। ଏନେଇ ମହିଳାଙ୍କ ବାପଘର ଲୋକେ ବ୍ରହ୍ମଗିରି ଥାନାରେ ଏକ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏଥିସହ ଏକ ମାମଲା (ନଂ. ୫୭୧/୨୪) ରୁଜୁ କରି ମାନସଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ପାରିବାରିକ କଳହକୁ ନେଇ ମାନସ ଓ ରିତାଞ୍ଜଳିଙ୍କ ମଧ୍ୟରେ ବୁଧବାର ସନ୍ଧ୍ୟାରେ ପାଟିତୁଣ୍ଡ ହୋଇଥିଲା। ପରେ ରିତାଞ୍ଜଳି ଘରୁ କୁଆଡ଼େ ଚାଲିଯାଇଥିଲେ। ଗୁରୁବାର ସକାଳୁ ଘର ପଛପଟ ଗାଡ଼ିଆରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ରିତାଞ୍ଜଳିଙ୍କ ବାପଘର ଲୋକେ ସେଠାରେ ପହଞ୍ଚି ଝିଅର ସ୍ୱାମୀ ମାନସ, ଦେଢ଼ଶୁର, ଯାଆ ଓ ପୁତୁରାଙ୍କ ନାମରେ ବ୍ରହ୍ମଗିରି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।

# ଦାଦାବଟି ନ ଦେବାରୁ ଫଳ ଦୋକାନୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭ା୧୧
(ସୂର୍ଯ୍ୟକାନ୍ତ ବେହେରା)

ଦାଦାବଟି ବାବଦକୁ ୫ ହଜାର ଟଙ୍କା ଦେବାକୁ ମନା କରିବାରୁ ଜଣେ ଫଳ ଦୋକନୀଙ୍କୁ ଆକ୍ରମଣ କରାଯାଇଛି। ଲିଙ୍ଗରାଜ ଥାନା ରାମେଶ୍ୱର ପାଟଣା ଅଞ୍ଚଳରେ ଏହି ଘଟଣା ଘଟିଥିବା ବେଳେ ଏଥିରେ ଦୋକାନୀ ଦୁର୍ଗାଚରଣ ସାହୁ ଆହତ ହୋଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଓଲ୍ଡଟାଉନ ଅଞ୍ଚଳର ସୁନୀଲ ବାଟୁ। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସୁନୀଲଙ୍କ ନାମରେ ପୂର୍ବରୁ ମଧ୍ୟ ଲିଙ୍ଗରାଜ ଥାନରେ ୮ ଆପରାଧିକ ମାମଲା ରହିଛି।

# ଜମି ଦେବାକୁ କହି ୩୫ ଲକ୍ଷ ଠକିନେଲେ ଶିକ୍ଷକ

ରାମଚନ୍ଦ୍ରପୁର,୭ା୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ବେଲବାହାଳି ଗ୍ରାମର ସରକାରୀ ଶିକ୍ଷକ କହ୍ନେଇ ଚରଣ ସାହୁ (୫୦) ଠକେଇର ଶିକାର ହୋଇଛନ୍ତି। ଅନ୍ୟଜଣେ ଶିକ୍ଷକ ଜମି ଦେବାକୁ କହି ତାଙ୍କଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ କହ୍ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଅଧୀନସ୍ଥ ଅଢ଼େଇଦ୍ୱାର ଗ୍ରାମର ମଣ୍ଡଳ ପଣ୍ଡା (୪୫)।

ସୂଚନା ଅନୁଯାୟୀ, ମଣ୍ଡଳ ପଣ୍ଡା ତାଙ୍କ ସ୍ତ୍ରୀ ସୁପ୍ରଭା ବରାଳଙ୍କ ସହ କିଛିବର୍ଷ ହେବ ଘସିପୁରା ବ୍ଲକ୍ ଦେଓଗାଁ ଗ୍ରାମରେ ରହି ଆସୁଛନ୍ତି। ମଣ୍ଡଳ ଖାଳିଆମେଣ୍ଟା ପଞ୍ଚାୟତସ୍ଥିତ ଗୋପୀନାଥପୁର ସରକାରୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକଭାବେ କାର୍ଯ୍ୟରତ ଅଛନ୍ତି। ମଣ୍ଡଳ ଘସିପୁରା ତହସିଲ ଅଧୀନସ୍ଥ ଖଲଣା ମୌଜାରେ ୩୦ ଡିସିମିଲି ଜମି ଦେବାକୁ କହି କହ୍ନେଇଙ୍କଠାରୁ ୩ଟି କିସ୍ତିରେ ଅନ୍‌ଲାଇନ ମାଧ୍ୟମରେ ୩୫ ଲକ୍ଷ ଟଙ୍କା ନେଇଥିଲେ। ମଣ୍ଡଳ ଟଙ୍କା ନେବା ପରେ ବି କହ୍ନେଇଙ୍କ ନାମରେ ଜମି କବଲା କରି ନ ଥିଲେ। ଏ ନେଇ କହ୍ନେଇ ପ୍ରଥମେ ଘସିପୁରା ଥାନାରେ ଗତ ଏପ୍ରିଲ ୧୫ରେ ଏକ ଅଭିଯୋଗ କରିଥିଲେ। ଉଭୟ ପକ୍ଷ ହାଜର ହୋଇ ଆନନ୍ଦପୁର ନୋଟାରୀ ପବ୍ଲିକଙ୍କ ନିକଟରେ ଏକ ଏଗ୍ରିମେଣ୍ଟ କରିଥିଲେ। ମଣ୍ଡଳ ୬ ମାସ ଭିତରେ ଅର୍ଥାତ୍ ଅକ୍ଟୋବର ୧୫ରେ ଜମି ରିହ୍ୱିଟ କରି ଜମି ଦେବେ ନଚେତ ଅଗ୍ରିମ ନେଇଥିବା ୩୫ ଲକ୍ଷ ଟଙ୍କା ଫେରାଇବେ ବୋଲି ଚୁକ୍ତି ହୋଇଥିଲା। ଏଥିସହ ୨ଟି ଷ୍ଟେଟ୍ ବ୍ୟାଙ୍କ୍‌ର ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ଚେକ୍‌ରେ ପେମେଣ୍ଟ ବନ୍ଦ କରାଇଦେଇଥିଲେ। ଫଳରେ କହ୍ନେଇ ଅକ୍ଟୋବର ୨୭ରେ ଘସିପୁରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୩୭୦/୨୦୨୪) ରୁଜୁକରି ବୁଧବାର ଶିକ୍ଷକ ମଣ୍ଡଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଦୋଷୀ ସାବତ ବାପାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ସାବତ ଝିଅଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର, ୭ା୧୧(ବାଞ୍ଛାନିଧି ଦେ)

ନାବାଳିକା ସାବତ ଝିଅଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ସାବତ ବାପା ମନୋରଞ୍ଜନ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ମନୋରଞ୍ଜନ ବେହେରା ଜଣେ ବିବାହିତା ମହିଳାଙ୍କୁ ବିବାହ କରି ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ପଥରପୁର ଅଞ୍ଚଳରେ ପିଲାମାନଙ୍କ ସହ ଭଡ଼ା ଘରେ ରହିଆସୁଥିଲେ। ଗତ ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ମହିଳାଜଣକ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବାବେଳେ ୭ବର୍ଷୀୟା ନାବାଳିକା ସାବତ ଝିଅ ଏକାଥିବା ସୁଯୋଗ ନେଇ ସାବତ ବାପା ମନୋରଞ୍ଜନ ଜବରଦସ୍ତ ବଳାତ୍କାର କରିଥିଲେ। ଘରକୁ ଫେରି ନାବାଳିକାଙ୍କ ମା' ଘଟଣା ସମ୍ପର୍କରେ ଜାଣିବା ପରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଅଶ୍ଳୀଳ ଭିଡିଓ ନ ଦେବାରୁ ହତ୍ୟା

- ମହିଳାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ
- ଅଭିଯୁକ୍ତ ଗିରଫ: ୨
- ମୋବାଇଲ, କାଠପିଟଣା ଜବତ

ବାଲେଶ୍ୱର, ୭ା୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ପରିଖି ଫାଣ୍ଡି ଅଞ୍ଚଳରେ ଗତ ୩ ତାରିଖ ରାତିରେ ମହିଳାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ମହିଳାଙ୍କ ମୋବାଇଲରେ ଅଭିଯୁକ୍ତଙ୍କ ଅଶ୍ଳୀଳ ଭିଡିଓ ଥିବା ଏହି ହତ୍ୟାକାଣ୍ଡର କାରଣ ବୋଲି ଗୁରୁବାର ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପରିଖି ଫାଣ୍ଡି ଅଧୀନ ଗୋକୁଳପୁର ଗ୍ରାମର ପବନ ଗିରିଙ୍କ ସ୍ତ୍ରୀ କଳ୍ପନା(୪୫)ଙ୍କ ମୃତଦେହ ଘଟଣା ରାତିରେ ଗାଁ ନିକଟ ଏକ ଚିଙ୍ଗୁଡ଼ି ଗଡ଼ିଆ ଆଡ଼ିରେ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। କେହି ତାଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ନେଇ ମୃତ ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୪୪୦/୨୪) ରୁଜୁ ହୋଇଥିଲା। ଗତ ୪ ତାରିଖରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ରାଜପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସମ୍ପର୍କରେ ଖୋଳତାଡ଼ କରିଥିଲା। ଉକ୍ତ ଗ୍ରାମର ଅଭିଯୁକ୍ତ ବିଶ୍ୱଜିତ୍ ମାଇତି(୩୪)ଙ୍କ କୌଣସିବିଶେଷ ମୁହୂର୍ତ୍ତର ଅଶ୍ଳୀଳ ଭିଡିଓ କଳ୍ପନାଙ୍କ ମୋବାଇଲରେ ରହିଥିଲା। ବିଶ୍ୱଜିତ୍ ଭିଡିଓଗୁଡ଼ିକୁ ନେବା ପାଇଁ ପୂର୍ବରୁ କଳ୍ପନାଙ୍କୁ କହିଥିଲେ। ଉଭୟ ଫୋନ୍‌ରେ କଥା ହୋଇ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ କଳ୍ପନା ନିଜ ମୋବାଇଲରୁ ଭିଡିଓ ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କଳ୍ପନା ମୋବାଇଲକୁ ନିକଟସ୍ଥ ଗଡ଼ିଆକୁ ଫିଙ୍ଗି ଦେଇଥିଲେ। ଉତ୍‌କ୍ଷିପ୍ତ ହୋଇ ବିଶ୍ୱଜିତ୍ ଏକ କାଠପିଟଣାରେ କଳ୍ପନାଙ୍କୁ ଆକ୍ରମଣ କରିଥିଲେ। କଳ୍ପନାଙ୍କ କାନରେ ଏହା ବାଜିବାରୁ ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବହୃତ କାଠପିଟଣା, ଗଡ଼ିଆ ଶୁଖାଯାଇ ମୃତ ମହିଳାଙ୍କ ମୋବାଇଲ ଓ ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବେଉରା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଦୟାନିଧି ଦାସ, ଏସ୍‌ଆଇ ବିକାଶ ଭୋଇ ଓ ଶଙ୍କର ମୁର୍ମୁ ଉପସ୍ଥିତ ଥିଲେ।



ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ।

**ଶେୟାର ବଜାର କାରବାରରେ ହ୍ରାସ**

ମୁମ୍ବାଇ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୮୩୬ (୮୩୬.୩୪) ପଏଣ୍ଟ କମି ୭୯,୫୪୨ (୭୯,୫୪୧.୭୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୮୫ (୨୮୪.୭୦) ପଏଣ୍ଟ ହ୍ରାସ ଘଟି ୨୪,୧୯୯ (୨୪,୧୯୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କମିଲା ମୂଲ୍ୟବାନ୍ ଅଳଙ୍କାର ମୂଲ୍ୟ

ଭୁବନେଶ୍ୱର,୭।୧୧: (ଅଭୟ ଦାଶ)



- ସୁନା ଉପରେ ପ୍ରାୟ ୨୦୦୦ ଟଙ୍କା
- ରୁପାରେ ୫୦୦୦ ଟଙ୍କାରୁ ଅଧିକ ହ୍ରାସ
- ପ୍ଲାଟିନମ ଓ ହୀରା ମୂଲ୍ୟରେ ପରିବର୍ତ୍ତନ

ପାର୍ବଣ ପୂର୍ବରୁ ଘରୋଇ ବଜାରରେ ମୂଲ୍ୟବାନ୍ ଅଳଙ୍କାରର ଦର ଆକାଶଛୁଆଁ ଥିଲାବେଳେ ପାର୍ବଣ ପରେ ଦର କମିବାରେ ଲାଗିଛି। ଏପରିକି ଗତ ସପ୍ତାହ ହେଲା ମୂଲ୍ୟବାନ ଅଳଙ୍କାର ମୂଲ୍ୟ ହ୍ରାସ ପାଉଛି। ଫଳରେ ଧନ୍‌ତେରସ୍ ବେଳେ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୮୧,୦୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୦୦୦ ଟଙ୍କା ଉପରେ କାରବାର ହେଉଥିଲା। ସେହିଭଳି ରୁପା କିଲୋଗ୍ରାମ (କେ.ଜି.) ପିଛା ପ୍ରାୟ ୧,୧୦,୦୦୦ ଟଙ୍କା ଥିଲାବେଳେ ୧୮କ୍ୟାରେଟ ସୁନା ଦର, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୬୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିଲା। ହେଲେ ବର୍ତ୍ତମାନ ଭୁବନେଶ୍ୱରରେ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ପ୍ରାୟ ୭୮,୪୬୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୨,୦୦୦ଟଙ୍କା ଏବଂ ରୁପା କିଲୋଗ୍ରାମ ପିଛା ପ୍ରାୟ ୧,୦୨,୦୦୦ ଟଙ୍କା ରହିଛି। ସେହିପରି ୧୮ କ୍ୟାରେଟ ସୁନା, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୯,୦୦୦ଟଙ୍କାରେ ମଧ୍ୟ ବିକ୍ରି ହେଉଛି ବୋଲି ରାଜ୍ୟର ପ୍ରମୁଖ ଗହଣା ବ୍ରାଣ୍ଡ ଖିମ୍‌ଜୀ, ଲାଲ୍‌ଚାନ୍ଦ, ଅରୁନ୍ଧତୀ, ତନିସ୍କ, ମାଲାବାର, ଜୟଆଲୁକ୍କାସ, କଲ୍ୟାଣ ଏବଂ ପି ସି ଚନ୍ଦ୍ରା ଜୁଏଲର୍ସ ଭଳି ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, କ୍ରମାଗତ ୩ୟ ଦିନ ଲାଗି ମୂଲ୍ୟବାନ୍ ଅଳଙ୍କାର (ସୁନା, ରୁପା ହୀରା, ପ୍ଲାଟିନମ ଇତ୍ୟାଦି)ର ମୂଲ୍ୟ ହ୍ରାସ ହୋଇଛି। ଗୁରୁବାର ଭୁବନେଶ୍ୱରରେ ସୁନା ଦରରେ ପ୍ରାୟ ୨୦୦୦ ଟଙ୍କା ଏବଂ ରୁପା ମୂଲ୍ୟରେ ୫୦୦୦ ଟଙ୍କାରୁ ଅଧିକ ଏବଂ ପ୍ଲାଟିନମ ଓ ହୀରା ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ଘଟିଛି।

ସେହିପରି ଗୁରୁବାର ନୂଆଦିଲ୍ଲୀରେ ମଧ୍ୟ ମୂଲ୍ୟବାନ୍ ଅଳଙ୍କାର ମୂଲ୍ୟରେ ପରିବର୍ତ୍ତନ ଘଟିଛି। ଏପରିକି ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୫୨୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୮୨୩ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ରୁପା କିଲୋଗ୍ରାମ ପିଛା ପ୍ରାୟ ୯୯,୧୦୦ ଟଙ୍କା ଥିଲାବେଳେ ୧୮କ୍ୟାରେଟ ସୁନା ଦର, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିଲା। ଏପରିକି ଚେନ୍ନାଇ, ମୁମ୍ବାଇ ଏବଂ କୋଲକାତା ଭଳି ଦେଶର ପ୍ରମୁଖ ମହାନଗରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୩୭୧ଟଙ୍କା, ୮୦,୩୭୭ ଟଙ୍କା ଏବଂ ୮୦,୩୭୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରରେ ରୁପା କେ.ଜି. ପିଛା ପ୍ରାୟ ୧,୦୭,୦୦୦ଟଙ୍କା, ୯୮,୪୦୦ଟଙ୍କା ଏବଂ ୯୯,୯୦୦ ଟଙ୍କାରେ ବିକ୍ରି ହେଉଛି।

## କୃଷକଙ୍କ ଜୀବନରେ ଉନ୍ନତି ଆଣିବ 'ଈଶ୍ୱର'



ଭୁବନେଶ୍ୱର,୭।୧୧

ଓଡ଼ିଶାର କୋରାପୁଟ ଜିଲାରେ କଫି ଚାଷ ଆରମ୍ଭ ସହ ସ୍ଥାନୀୟ କୃଷକମାନଙ୍କୁ ସହାୟତା କରିବା ପାଇଁ ଘରୋଇ ସାମାଜିକ ପ୍ରତିଷ୍ଠାନ ତଥା ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲ୍‌ଫେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଆଇଏସ୍‌ଡବ୍ଲ୍ୟୁଏଆର୍ ବା ଈଶ୍ୱର) ନିକଟରେ ଓଡ଼ିଶା ସରକାରଙ୍କ ସହ ସହଭାଗିତା ସ୍ଥାପନ କରିଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଉକ୍ତ ପ୍ରକଳ୍ପ ଉନ୍ନତି କଫି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପଦକ୍ଷେପ ଓ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ପ୍ରତିଷ୍ଠାନ କଫି ଉତ୍ପାଦନ ଏବଂ ଲାଭ ବୃଦ୍ଧିକରି ଓଡ଼ିଶା କୃଷକଙ୍କ ଜୀବନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବା ପିଏମ୍-କିଷାନ ଯୋଜନା ସହ ସମନ୍ୱିତ ଏହି ପ୍ରକଳ୍ପ, ବିଶେଷକରି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏହି ଅଞ୍ଚଳର କଫି ବୃଦ୍ଧି ସମ୍ଭାବନାକୁ ବିକଶିତ କରିବ। ଏ ନେଇ ମନ୍ତ୍ରୀ ସିଂଦେଓ କହିଥିଲେ,ଆମର କଫି ଚାଷୀଙ୍କୁ ସହାୟତା କରିବା ତଥା ରାଜ୍ୟରେ ନିରନ୍ତର କୃଷି ବିକାଶ ପାଇଁ ଓଡ଼ିଶା ସରକାର ଗଭୀର ପ୍ରତିବଦ୍ଧ ରହିଛନ୍ତି। ଏହି ଯାତ୍ରାରେ ଆମେ ବେସରକାରୀ କମ୍ପାନୀର ଅଂଶଗ୍ରହଣକୁ ସ୍ୱାଗତ କରୁଛୁ। ଈଶ୍ୱରର ସିଇଓ ପୀୟୂଷ ରଞ୍ଜନ ମିଶ୍ର କହିଥିଲେ, ଏହି ସହଯୋଗ ମାଧ୍ୟମରେ ଆମେ କୋରାପୁଟଠାରେ ଆମର ପ୍ରକଳ୍ପ ଆରମ୍ଭ ସହ ଆଦିବାସୀ ସମ୍ପ୍ରଦାୟକୁ ସେମାନଙ୍କର କଫି ବୃଦ୍ଧି ସମ୍ଭାବନାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛୁ। ଏପରିକି ଉତ୍ପାଦନ ଏବଂ ଗୁଣବତ୍ତା ବୃଦ୍ଧି,କୃଷକ ଉତ୍ପାଦକ ସଙ୍ଗଠନକୁ ବିସ୍ତାର କରିବା ଏବଂ ବଜାର ସଂଯୋଗ ସ୍ଥାପନ କରି ଆମେ ଏକ ସ୍ଥାୟୀ ମଡେଲ ସୃଷ୍ଟି କରିପାରିବା, ଯାହା କୃଷକ ଏବଂ ସ୍ଥାନୀୟ ଅର୍ଥନୀତିକୁ ଲାଭ ଦେବ। ଉନ୍ନତି କଫି ପଦକ୍ଷେପ କୋକାକୋଲା ଭାରତର ନିରନ୍ତର କୃଷି ଏବଂ ସମ୍ପ୍ରଦାୟ ସଶକ୍ତୀକରଣ ପାଇଁ ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ ଓ ଆତ୍ମନିର୍ଭରଶୀଳତା ଏବଂ ନିରନ୍ତର କୃଷି ଅଭ୍ୟାସ ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣ ସହ ସମାନ ରହିଛି।

## ଆମେରିକାରୁ ଯାନ ପ୍ରତ୍ୟାହାରକଲା ଭୋକ୍ସୱାଗେନ୍

ଭୁବନେଶ୍ୱର, ୭।୧୧ (ଅନୁରାଧା ମହାରଣା)



ଡ୍ରାଇଭର ପାର୍ଶ୍ୱ ଏୟାରବ୍ୟାଗ୍‌କୁ ନେଇ ବିଭିନ୍ନ ଆଶଙ୍କା ମଧ୍ୟରେ ଭୋକ୍ସୱାଗେନ୍ ଆମେରିକାରୁ ୧,୧୪,୪୭୮ ଯାନ ପ୍ରତ୍ୟାହାର କରିଛି। ଜାତୀୟ ରାଜପଥ ଟ୍ରାଫିକ୍ ସୁରକ୍ଷା ପ୍ରଶାସନ (ଏନ୍ଏଚ୍‌ଟିଏସ୍ଏ) ପକ୍ଷରୁ ଏନେଇ ସୂଚନା ମିଳିଛି। ୨୦୦୬-୨୦୧୯ ମଡେଲ ବର୍ଷରୁ କିଛି ବିଟିଲ ଏବଂ ପସାଟ୍ ଯାନକୁ ବଜାରରୁ ପ୍ରତ୍ୟାହୃତ କରାଯାଇଛି। ଆମେରିକାର ଅଟୋ ସୁରକ୍ଷା ନିୟାମକ କହିଛନ୍ତି , ଦୀର୍ଘକାଳୀନ ଆର୍ଦ୍ରତା, ଉଚ୍ଚ ତାପମାତ୍ରା ପ୍ରୋପେଲାଣ୍ଟ ଅବକ୍ଷୟ ହେତୁ ଡ୍ରାଇଭର ପାର୍ଶ୍ୱ ଫ୍ରଣ୍ଟାଲ ଏୟାରବ୍ୟାଗ୍ ଇନ୍‌ଫ୍ଲେଟର ବିସ୍ଫୋରଣ ହୋଇପାରେ। ତେବେ ଭୋକ୍ସୱାଗେନ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ସମସ୍ୟା ସହ ଜଡ଼ିତ କୌଣସି ଦୁର୍ଘଟଣା, ଆଘାତ କିମ୍ବା ମାରାତ୍ମକ ଘଟଣା ବିଷୟରେ ଅବଗତ ନୁହନ୍ତି ଏବଂ ଏହା ଡିସେମ୍ବର ୨୭ ସୁଦ୍ଧା ପ୍ରଭାବିତ ଗାଡ଼ି ମାଲିକମାନଙ୍କୁ ଅବଗତ କରାଯିବ। ଏହି ସମସ୍ୟାର ସମାଧାନ ପାଇଁ ଡିଲରମାନେ ଡ୍ରାଇଭର ପାର୍ଶ୍ୱ ଫ୍ରଣ୍ଟ ଏୟାରବ୍ୟାଗ୍ ମଡ୍ୟୁଲକୁ ମାଗଣାରେ ବଦଳାଇବେ ବୋଲି ଭୋକ୍ସୱାଗେନ୍ କହିଛି।

## ଆକାଶର ନୂଆ ମାଇଲ୍‌ଖୁଣ୍ଟ



ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

**ଆନ୍ଥେ-୨୦୨୪ରେ ସାମିଲ ହେଲେ ୧୦ଲକ୍ଷ ଛାତ୍ରୀଛାତ୍ର**

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ) ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଏଇଏସ୍ଏଲର ଫ୍ଲାଗସିପ ସ୍କଲାରଶିପ ପରୀକ୍ଷା 'ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ (ଆନ୍ଥେ)-୨୦୨୪ରେ ୧୦ଲକ୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିଭଳି ସାରା ଦେଶରେ ଆୟୋଜିତ ଏହି ପରୀକ୍ଷା ମାଧ୍ୟମରେ ମେଡିସିନ ଏବଂ ଇଞ୍ଜିନିୟରିଂ ବିଭାଗରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ସପ୍ତମରୁ ଦ୍ୱାଦଶ ଶ୍ରେଣୀର ଆଶାୟୀ ଛାତ୍ରୀଛାତ୍ରଙ୍କୁ ୧୦୦% ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରିବା ଲକ୍ଷ୍ୟ ରହିଛି। ଏହି ଛାତ୍ରବୃତ୍ତି ପରୀକ୍ଷା ଅକ୍ଟୋବର ୧୯ରୁ ୨୭ ପର୍ଯ୍ୟନ୍ତ ଭାରତରେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମୋଡ୍‌ରେ କରାଯାଇଥିଲା ବେଳେ ଦକ୍ଷ ଛାତ୍ରୀଛାତ୍ରଙ୍କୁ ଏନ୍ଇଇଟି, ଜେଇଇ ସହ ଏନ୍‌ଟିଏସ୍ଇ, ଅଲିମ୍ପିଆଡ୍ ପରି ପରୀକ୍ଷା ପାଇଁ କୋଚିଂ ପ୍ରୋଗ୍ରାମକୁ ମଧ୍ୟ ପ୍ରବେଶ ପ୍ରଦାନ କରିଥାଏ। ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଦୀପକ ମେହୋତ୍ରା କହିଛନ୍ତି, ଏହି ଛାତ୍ରବୃତ୍ତି ପରୀକ୍ଷା ପିଲାଙ୍କ ସାମର୍ଥ୍ୟକୁ ଉନ୍ମୋଚନ କରିବା ସହ ଗୁଣାତ୍ମକ ଶିକ୍ଷା ପାଇବା ପାଇଁ ଏକ ପ୍ଲାଟ୍‌ଫର୍ମ।

## ଟାଟା ଷ୍ଟିଲ୍‌ର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୭।୧୧

ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ କାରବାର ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ମଧ୍ୟରେ କମ୍ପାନୀ ୫୩,୯୦୫ କୋଟି ଟଙ୍କାର ରାଜସ୍ୱ ହାସଲ କରିଥିବାବେଳେ ଆର୍ଥିକ ବର୍ଷର ପ୍ରଥମ ୬ମାସ ମଧ୍ୟରେ ୧,୦୮,୬୭୬ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ସେହିଭଳି ଏହି ଅର୍ଦ୍ଧବାର୍ଷିକ ମଧ୍ୟରେ କମ୍ପାନୀର ଇବିଆଇଟିଡିଏ ୨୫% ବୃଦ୍ଧି ପାଇ ୧୩,୦୪୬ କୋଟି ଟଙ୍କା ହୋଇଛି ଏବଂ ଇବିଆଇଟିଡିଏ ମାର୍ଜିନ୍ ୧୨% ରହିଛି। ସେହିପରି ତ୍ରୈମାସିକ ଇବିଆଇଟିଡିଏ ୬୨୨୪କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ୧୨% ରହିଛି।

ଆଲୋଚ୍ୟ ତ୍ରୈମାସିକରେ କମ୍ପାନୀର ପୁଞ୍ଜି ବ୍ୟୟ ୪୮୦୬ କୋଟି ଟଙ୍କା ରହିଥିବାବେଳେ ଅର୍ଦ୍ଧବାର୍ଷିକ ପାଇଁ ୮୫୮୩ କୋଟି ଟଙ୍କା ହୋଇଛି। କମ୍ପାନୀର ନେଟ୍ ଋଣ ପରିମାଣ ୮୮,୮୧୭ କୋଟି ଟଙ୍କା ଥିବାବେଳେ କମ୍ପାନୀ ପାଖରେ ୨୬,୦୨୮ କୋଟି ଟଙ୍କାର ନଗଦ ରହିଛି। ଭାରତୀୟ କାରବାରରୁ କମ୍ପାନୀର ରାଜସ୍ୱ ଦ୍ୱିତୀୟ ତ୍ରୈମାସିକରେ ୩୨,୬୬୦ କୋଟି ଟଙ୍କା ରହିଥିବାବେଳେ ଇବିଆଇଟିଡିଏ ୬୯୧୨ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମାର୍ଜିନ୍ ୨୧% ରହିଛି। ଭାରତରେ ଅଶୋଧିତ ଇସ୍ପାତ ଉତ୍ପାଦନ ୫% ବୃଦ୍ଧି ପାଇ ୫.୨୮ ନିୟୁତ ଟନ୍ ହୋଇଥିବାବେଳେ ଡେଲିଭରି ୬% ବୃଦ୍ଧି ପାଇ ୫.୧୧ ନିୟୁତ ଟନ୍ ହୋଇଛି।

ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କହିଛନ୍ତି, ବିଶ୍ୱ ପରିଚାଳନା ପରିବେଶ ଜଟିଳ ରହିଥିବାବେଳେ କେତେକ ପ୍ରମୁଖ ଅଞ୍ଚଳରେ ଅଭିବୃଦ୍ଧି ମନ୍ଥର ରହିଛି। ଚାଇନାରେ ଅର୍ଥନୈତିକ ଅବସ୍ଥା ପାଇଁ ଇସ୍ପାତ ସମେତ ବିଭିନ୍ନ ସାମଗ୍ରୀ ମୂଲ୍ୟ ଉପରେ ଚାପ ଜାରି ରହିଛି। ଭାରତରେ ଇସ୍ପାତ ଚାହିଦାରେ ଉନ୍ନତି ହୋଇଥିଲେ ମଧ୍ୟ ଶସ୍ତା ଆମଦାନୀ ପାଇଁ ମୂଲ୍ୟ ଉପରେ ଚାପ ରହିଛି। ଏହା ସତ୍ତ୍ୱେ ଟାଟା ଷ୍ଟିଲ୍ ମୋଟ ଉପରେ ନିରନ୍ତର ପ୍ରଦର୍ଶନକରି ଦ୍ୱିତୀୟ ତ୍ରୈମାସିକରେ ୫.୧ନିୟୁତ ଟନ୍ ଓ ଅର୍ଦ୍ଧବାର୍ଷିକରେ ୧୦.୧ନିୟୁତ ଟନ୍ ଡେଲିଭରି ହାସଲ କରିଛି। ଦେଶ ଭିତରେ ଡେଲିଭରି ତ୍ରୈମାସିକରେ ୬% ଓ ଅର୍ଦ୍ଧବାର୍ଷିକରେ ୫%ବୃଦ୍ଧି ପାଇଛି। ଟାଟା ଟିସ୍‌କନ୍‌ର ଡେଲିଭରି ୨୦% ବୃଦ୍ଧି ସହ ଏହା ଶ୍ରେଷ୍ଠ ତ୍ରୈମାସିକ ଫଳାଫଳ ହାସଲ କରିଛି।

## ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୭।୧୧

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ନୂତନ ଉତ୍ପାଦ 'ବଜାଜ ଫିନ୍‌ସର୍ଭ କଞ୍ଜମ୍ପସନ୍ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ହୋଇଥିଲାବେଳେ ଏହି ଫଣ୍ଡ ସବ୍‌ସ୍କ୍ରିପସନ୍ ୨୦୨୪ ନଭେମ୍ବର ୮ରୁ ଆରମ୍ଭ ହୋଇ ନଭେମ୍ବର ୨୨ରେ ଶେଷ ହେବ। ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ଆୟ ସ୍ତର ବୃଦ୍ଧି, ସହରୀକରଣ ବୃଦ୍ଧି ଏବଂ ମୌଳିକରୁ ଇଚ୍ଛାମୂଳକ ଖର୍ଚ୍ଚକୁ ପରିବର୍ତ୍ତନ କାରଣରୁ ଭାରତର ଉପଯୋଗ କ୍ଷେତ୍ର ନାଟକୀୟ ଭାବେ ପରିବର୍ତ୍ତନ ହେଉଛି। ଏପରିକି ବ୍ୟାପକ ବଜାର ତୁଳନାରେ ମୌଳିକ ଭିତ୍ତିଭୂମି ମଜଭୁତ ହୋଇଥିବାରୁ ଏକ ବିଷୟବସ୍ତୁ ଭାବେ ଉପଯୋଗ ବର୍ତ୍ତମାନ ନିବେଶ ପାଇଁ ଅନୁକୂଳ ରହିଛି। ବିଶେଷକରି ଏଫ୍ଏମ୍‌ସିଜି, ଖାଦ୍ୟ ସେବା ଏବଂ ଦ୍ରୁତ ବାଣିଜ୍ୟ, ରିଅଲଟି ଏବଂ ଅଟୋ ଶିଳ୍ପ ଭଳି କ୍ଷେତ୍ରରେ ଅଭିବୃଦ୍ଧି ସହିତ ଆଗାମୀ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସମ୍ପ୍ରସାରଣ ହେବ ବୋଲି ଆଶା କରାଯାଉଛି। ସେହିଭଳି ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ କହିଥିଲେ, ଆମର ଇନ୍‌କ୍ୟୁବ ଦର୍ଶନ ଏବଂ ଇକ୍ୱିଟି ଗବେଷଣା ପ୍ରକ୍ରିୟା ନିବେଶକମାନଙ୍କ ପାଇଁ ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟି ସମ୍ଭାବନା ଥିବା କମ୍ପାନୀଗୁଡ଼ିକୁ ଚୟନ ଏବଂ ନିବେଶ କରିବାରେ ଆମକୁ ମାର୍ଗଦର୍ଶନ କରିବ।



# Classified Everyday

**0674-2580101, 2549949**



**REAL ESTATE**

**SALE**

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1871

Genuine plots for sale at Pipili bypass overbridge(NH) within 300 metre, 30ft. road, near proposed Metro Rail station- 8984911275. D-1875

Ready to move 4 BHK Duplex bungalow at Botanda, Sundarapada, Bhubaneswar near Sai Villa, ranging 95 Lakhs. Contact: 9861125539 / 9040521173. D-76029

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1872

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204



Furnished shop for rent, 220sqft. @ 9-10,000/- at BDA Market Complex, Brahmeswarpatna, Tankapani Rd. BBSR. 9937211090. D-76028



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open health benefits spa by expert therapist. Contact- 6371861658. D-76165

Newly open health benefits spa special offer @799 Bapujinagar. 8018429809 D-76167



**BUSINESS**

ପ୍ରତ୍ୟେକ ପରିବାରର ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ ନିଜ ଘରେ ରହି MLM ରେ ଦିନକୁ ୨ ଘଣ୍ଟା କାମକରି ପ୍ରତିଦିନ ୧୦୦୦/- ରୁ ୧୦,୦୦୦/- ଟଙ୍କା ରୋଜଗାର କରନ୍ତୁ। Contact: 9439493164. D-76207

**AFFIDAVIT**

By virtue of an affidavit before Executive Magistrate, Kantabanji on 04.11.2024, before marriage I known as "Muge Dharua" which is mentioned in my Aadhaar Card and Bank of Baroda, Kantabanji Branch saving account and after marriage to Karan Majhi of Village- Nagphena, P.S.- Turekela I known as Muge Majhi and updated my Aadhaar Card. Muge Dharua @ Muge Majhi, W/o Karan Majhi is same and one person. D-1870

CF No.-60/28.10.2024 before the Executive Magistrate, Bhubaneswar, I, Kumar Rudra Prasad, S/o- Sujit Kumar Dash, At-Hospital Road, Banki, P.O./P.S.- Banki, Cuttack declare that my old name is Rudra Kumar Dash, which is mentioned in my Aadhaar, now I have change my name from Rudra Kumar Dash to Kumar Rudra Prasad all purpose. D-1874

By virtue of an affidavit (C.F.No.-2314) sworn before Executive Magistrate, Balasore, dated 30.03.24, I, Mamata Sing, W/o- Kartik Chandra Sing of Vill- Sutei, P.O.- Chhanpur, P.S- Industrial, Dist.- Balasore declare that in my Aadhaar Card (No.-xxxx xxxx 7066) wrongly my nick name has been mentioned as 'MIKI SING' instead of my real name 'Mamata Sing'. Henceforth both 'Mamata Sing' & 'MIKI SING', W/o- Kartik Chandra Sing is same & one person. I shall be known as Mamata Sing for all purpose. D-1878

I, Charulata Sahoo (40 yrs) W/o- Hemanta Sahoo, Vill- Debatagadia, P.S.- Bonth, Dist.- Bhadrak, Odisha. My daughter's actual name is Sonali Sahoo as per Aadhaar Card and Birth Certificate. But wrongly mentioned in her LIC Policy bearing No.- 599449445 as Swarnalata Sahoo. I declare that Sonali Sahoo and Swarnalata Sahoo, D/o- Hemanta Sahoo same and one person. D-1877

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



**୰ବିଜୟଲକ୍ଷ୍ମୀ ଦାସ**

ସ୍ୱାମୀ: ପ୍ରକାଶ ଚନ୍ଦ୍ର ଦାସ

ଗ୍ରାମ: ଗୁଆଳି ଗୋରଡ଼ା, ପୁରୀ

ଆବିର୍ଭାବ: ୨୪।୧୦।୧୯୪୭
ତିରୋଧାନ: ୨୮।୧୦।୨୦୨୪

ପୁଅ: ଦିଲୁ, ନିଲୁ, ବୁଲୁ, ଟୁଲୁ, ବୋହୂ: ଦୀପା, ମିତା, ଟୁପା, ଝିଅ-ଜ୍ୱାଇଁ: ଜୁଲି, ମୁନା, ନାତି-ନାତୁଣୀ: ପିପି, ଗୁଲ୍ଲି, ଦିଶା, ଗୁଡ୍ଡୁ, ଜୁବୁଲି, ଆକାଶ

ବଡ଼ପୁଅ: ଶ୍ରୀ ଦିଲିପ କୁମାର ଦାସ, ସଂସ୍ଥା ଅଧିକାରୀ ଭାବେ ରାଜ୍ୟ ପରିବହନ ପ୍ରାଧିକରଣ, କଟକରେ କାର୍ଯ୍ୟରତ ମୁଖାଗ୍ନି ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ସମସ୍ତ ବନ୍ଧୁ ଓ ପରିବାରବର୍ଗ ସ୍ୱର୍ଗଦ୍ୱାରରେ ଉପସ୍ଥିତ ଥିଲେ।

ଧ-୧୮୭୩

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା**

(ଗ୍ରାମ- କେଶପୁର, ହରିବୋଲ କ୍ଷେତ୍ର, ଭଦ୍ରକ)

ଆବିର୍ଭାବ: ୨୩।୧୦।୧୯୬୨
ତିରୋଧାନ: ୦୮।୧୧।୨୦୨୧

ବାପା! ଆପଣଙ୍କର ସେଇ ସାଧୁତା, ଅନୁଶାସନ, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ସର୍ବଦା ପାଥେୟ ହେଉ। ଆଜିର ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: କନ୍ୟା: ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।

ଧ-୧୮୭୬

# ଚର୍ଚ୍ଚାରେ ନ୍ୟୁଜିଲାଣ୍ଡ କ୍ରିକେଟ



ନିର୍ମଳ କୁମାର ମିଶ୍ର

ଅନ୍ତର୍ଜାତୀୟସ୍ତରରେ ନ୍ୟୁଜିଲାଣ୍ଡ କ୍ରିକେଟ ଏବେ ଚର୍ଚ୍ଚାରେ ରହିଛି। ଗତ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ମହିଳା ଦଳ ପ୍ରଥମଥର ପାଇଁ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବାବେଳେ ନଭେମ୍ବରରେ ପୁରୁଷ ଦଳ ଭାରତକୁ ଏହାର ଘରୋଇ ମାଟିରେ ୩-୦ରେ ପରାସ୍ତ କରି ଟେଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି। ପ୍ରଥମଥର ଭାରତ ମାଟିରେ ୩-୦ରେ ସିରିଜ୍ ବିଜୟ ନ୍ୟୁଜିଲାଣ୍ଡ ପାଇଁ ଏକ ରେକର୍ଡ। ଭାରତକୁ ବିଜୟ ଲାଗି ମାତ୍ର ୧୪୭ ରନ୍ ଆବଶ୍ୟକ ଥିବାବେଳେ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ୧୨୧ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଭାରତୀୟ ଟେଷ୍ଟ ଇତିହାସରେ ଏହାଥିଲା ସବୁଠାରୁ ଖରାପ ପ୍ରଦର୍ଶନ। ୧୯୩୪ରେ ଟେଷ୍ଟ ଖେଳିବା ପରଠାରୁ ଭାରତ କେବେହେଲେ ଘରୋଇ ପରିବେଶରେ ୦-୩ରେ ସିରିଜ ହାରି ନ ଥିଲା।

ଅକ୍ଟୋବର ୨୦ରେ ଦୁବାଇଠାରେ ଅନୁଷ୍ଠିତ ଆଇସିସି ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ନୂଆ ଚାମ୍ପିୟନ ହୋଇଥିଲା ନ୍ୟୁଜିଲାଣ୍ଡ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ଭାରତକୁ ହରାଇ ଗ୍ରୁପ୍ ପର୍ଯ୍ୟାୟରେ ତା'ର ଅଭିଯାନ ଆରମ୍ଭ କରିଥିଲା। ୬ଥର ଚାମ୍ପିୟନ ଅଷ୍ଟ୍ରେଲିଆ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିଲେ ମଧ୍ୟ ଏଥର ନିରାଶ ହେବାକୁ ପଡ଼ିଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ପୁଣି ଚାମ୍ପିୟନ ହେବ ବୋଲି ସମସ୍ତେ ଆଶା କରିଥିଲେ। ଭାରତ ପାଇଁ ମଧ୍ୟ ସୁଯୋଗ ରହିଥିଲା। ମାତ୍ର ନ୍ୟୁଜିଲାଣ୍ଡଠାରୁ ପ୍ରଥମ ମ୍ୟାଚ୍‌ରେ ହାରି ଦଳ ବିପଦଘେରକୁ ଆସିଯାଇଥିଲା। ସ୍ମୃତି ମନ୍ଧାନା, ଶେଫାଳୀ ବର୍ମା ଓ ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କ ବ୍ୟାଟିଂରେ ସ୍ଥିରତା ରହି ନ ଥିଲା। ଯଦିଓ ନ୍ୟୁଜିଲାଣ୍ଡ ଟିମ୍‌ର କୌଣସି ବ୍ୟାଟର ଟୁର୍ନାମେଣ୍ଟରେ ୨୦୦ ରନ୍ ଅତିକ୍ରମ କରିବାକୁ ସଫଳ ହୋଇ ନ ଥିଲେ ତେବେ ସେମାନଙ୍କ ଷ୍ଟାର ବ୍ୟାଟର ସୋଫି ଡିଭାଇନ୍, ଆମେଲିଆ କେର୍, ସୁଜି ବେଟ୍ସ ଓ ଜର୍ଜଆ ପ୍ଲିମର ପୂରା ପ୍ରତିଯୋଗିତାରେ ସ୍ଥିର ପ୍ରଦର୍ଶନ କରିଥିଲେ। ଭାରତୀୟ ବ୍ୟାଟରଙ୍କ ମଧ୍ୟରୁ ଏକମାତ୍ର ହରମନ୍‌ପ୍ରୀତ ୧୦୦ ରନ୍ ଅତିକ୍ରମ କରିଥିଲେ। ଫାଇନାଲରେ ଉଇକେଟ ପତନ ସତ୍ତ୍ୱେ ଆମେଲିଆ କେର, ବ୍ରୁକ୍ ହଲିଡେ ଆକ୍ରମଣାତ୍ମକ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ସ୍କୋରକୁ ୧୫୮ରେ ପହଞ୍ଚାଇଥିଲେ, ଯାହାକି ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ୍ ୱିନିଙ୍ଗ୍ ଟୋଟାଲ ରହିଥିଲା। ଦେଖିବାକୁ ଗଲେ ଟୁର୍ନାମେଣ୍ଟରେ ପ୍ରାରମ୍ଭିକ ବିପର୍ଯ୍ୟୟ ପରେ ଭାରତୀୟ ଦଳ ଚାପକୁ ଠିକ୍ ରୂପେ ସମ୍ଭାଳିବାକୁ ସକ୍ଷମ ହୋଇ ନ ଥିଲା। ଏହା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ତା'ର ଖରାପ ପ୍ରଦର୍ଶନ ଅବ୍ୟାହତ ରଖିଛି। ୮ ସଂସ୍କରଣ ମଧ୍ୟରୁ ଥରେ ଫାଇନାଲକୁ ଯାଇଥିବା ବେଳେ ୨ଥର ସେମିଫାଇନାଲରେ ପ୍ରବେଶ କରିଛି। ୫ଥର ନକ୍‌ଆଉଟ୍ ଷ୍ଟେଜ୍‌କୁ ଯାଇଥିଲେ ମଧ୍ୟ ଚାମ୍ପିୟନ ହୋଇପାରିନାହିଁ।

ଗୋଟିଏପଟେ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡ ଦଳ ଏହି ମେଗା ଟୁର୍ନାମେଣ୍ଟ ଖେଳିବାକୁ ଆସିବା ପୂର୍ବରୁ କ୍ରମାଗତ ୧୦ଟି ମ୍ୟାଚ୍ ହାରିଥିଲା। ତେବେ ପ୍ରବଳ ଚାପ ମଧ୍ୟରେ ଥାଇ ମଧ୍ୟ ଚାମ୍ପିୟନ ହେବା ଭାରତ ପାଇଁ ଶିକ୍ଷାର କାରଣ ହୋଇଛି। ପ୍ରତିଯୋଗିତା ଶେଷରେ ଘୋଷିତ ଆଇସିସି ଟି୨୦ ବିଶ୍ୱକପ୍ ଦଳରେ ଭାରତରୁ ଏକମାତ୍ର ହରମନ୍‌ପ୍ରୀତ କୌର ସ୍ଥାନ ପାଇଥିଲେ। ସେ ଟୁର୍ନାମେଣ୍ଟର ୪ର୍ଥ ସର୍ବାଧିକ ରନ୍ ସ୍କୋରର ହୋଇଥିବା ବେଳେ ଭାରତ ପକ୍ଷରୁ ୪ଟି ଇନିଂସ୍‌ରୁ ସର୍ବାଧିକ ୧୫୦ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୨ଟି ଅର୍ଦ୍ଧଶତକ ରହିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଓପ୍‌ନର ଲୌରା ଉଲଭାର୍ଡଟ୍, ଇଂଲଣ୍ଡ ଟପ୍ ଅର୍ଡର ବ୍ୟାଟର ୱାଟ ହଜ୍, ନ୍ୟୁଜିଲାଣ୍ଡର ପ୍ଲେୟର ଅଫ୍ ଦି ଫାଇନାଲ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଆମେଲିଆ କେର, ୱେଷ୍ଟଇଣ୍ଡିଜର ଡିଆଣ୍ଡ୍ରା ଡୋଟିନ୍, ନ୍ୟୁଜିଲାଣ୍ଡର ରୋଜମେରି ମାଏର, ଅଷ୍ଟ୍ରେଲିଆ ପେସର ମେଗାନ ସ୍କଟ୍, ନ୍ୟୁଜିଲାଣ୍ଡର ଓପ୍‌ନର ଜର୍ଜିଆ ପ୍ଲିମରଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିଲା।

ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଖରାପ ପ୍ରଦର୍ଶନ କରି ୫୮ ରନ୍‌ରେ ହାରିଥିଲା। ସେହିପରି ୨ୟ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ୭ ଉଇକେଟରେ ବିଜୟ ହାସଲକରି ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏସୀୟ ଚାମ୍ପିୟନ ଶ୍ରୀଲଙ୍କାକୁ ୮୨ ରନ୍‌ରେ ହରାଇ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଶେଷ ମ୍ୟାଚ୍‌ରେ ୬ ଥର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ମାତ୍ର ୯ ରନ୍‌ରେ ହାରିବା ବେଶ୍ ମହଙ୍ଗା ପଡ଼ିଥିଲା। ଗ୍ରୁପ୍-ଏ'ରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲକୁ ଯାଇଥିଲେ। ଗ୍ରୁପ୍-ବି'ରେ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି ହୋଇ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ସେହିପରି ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ନ୍ୟୁଜିଲାଣ୍ଡ ମାତ୍ର ୮ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଉଭୟ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଏହା ପୂର୍ବରୁ ଟି୨୦ ବିଶ୍ୱକପ୍‌ରେ କେବେବି ଚାମ୍ପିୟନ ହୋଇ ନ ଥିଲେ। ଫାଇନାଲରେ ନ୍ୟୁଜିଲାଣ୍ଡ ଚମତ୍କାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକାକୁ ୩୨ ରନ୍‌ରେ ହରାଇ ପ୍ରଥମଥର ଟାଇଟଲ ଜିତିଥିଲା। କ୍ରମାଗତ ଭାବେ ୨୦୧୦, ୨୦୧୨, ୨୦୧୪ ଏବଂ ୨୦୧୮, ୨୦୨୦ ଓ ୨୦୨୩ରେ ଚାମ୍ପିୟନ ହୋଇଥିବା ଅଷ୍ଟ୍ରେଲିଆ ଏଥର ନିରାଶ ହୋଇଥିଲା। ପ୍ରଥମ ସଂସ୍କରଣ ୨୦୦୯ରେ ଇଂଲଣ୍ଡ ଚାମ୍ପିୟନ ଓ ୨୦୧୬ରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା।

ଗତ ବିଶ୍ୱକପ୍‌ରେ ମୋଟ ୨୩ଟି ମ୍ୟାଚ୍ ଖେଳାଯାଇଥିଲା। ସର୍ବାଧିକ ବ୍ୟକ୍ତିଗତ ସ୍କୋର ଲୌରା ଉଲଭାର୍ଡଟ ୨୨୩ ରନ୍ କରିଥିବା ବେଳେ ସର୍ବାଧିକ ୧୫ଟି ଉଇକେଟ ଆମେଲିଆ କେର ନେଇଥିଲେ। ସର୍ବାଧିକ ୪ଥର ସେମିଫାଇନାଲ ଖେଳିଥିବା ଏବଂ ୨୦୨୦ରେ ଫାଇନାଲକୁ ଯାଇଥିବା ଭାରତର ପ୍ରତୀକ୍ଷା ବଢ଼ିଛି। ଭାରତୀୟ ଦଳ ୨୦୦୯, ୨୦୧୦, ୨୦୧୮ ଓ ୨୦୨୩ରେ ସେମିଫାଇନାଲ ଖେଳିଥିଲା। ୨୦୦୯ରେ ଅଧିନାୟିକା ଝୁଲଣ ଗୋସ୍ୱାମୀଙ୍କ ନେତୃତ୍ୱରେ ଇଂଲଣ୍ଡରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା। ସେହିପରି ୨୦୧୦ରେ ୱେଷ୍ଟଇଣ୍ଡିଜରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୧୨ରେ ଶ୍ରୀଲଙ୍କାରେ, ୨୦୧୪ ବାଂଲାଦେଶ, ୨୦୧୬ରେ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ସର୍ବଶ୍ରେଷ୍ଠ ପ୍ରଦର୍ଶନ ଭାରତର ୨୦୨୦ରେ ଆସିଥିବା ବେଳେ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା।

ନ୍ୟୁଜିଲାଣ୍ଡ କ୍ରିକେଟ ଇତିହାସରେ ପୁରୁଷ ଦଳ ପ୍ରଥମଥର ପାଇଁ ଭାରତ ମାଟିରେ ଚମକପ୍ରଦ ପ୍ରଦର୍ଶନ କରିଛି। ବେଙ୍ଗାଲୁରୁଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିବାବେଳେ ପୁଣେରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟକୁ ୧୧୩ ରନ୍‌ରେ ଏବଂ ମୁମ୍ବାଇରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟେଷ୍ଟକୁ ୨୫ ରନ୍‌ରେ ଜିତିଥିଲା। ଭାରତୀୟ ବ୍ୟାଟରମାନେ ଘରୋଇ ପରିବେଶରେ ବିପକ୍ଷ ଦଳର ସ୍ପିନରଙ୍କୁ ମୁକାବିଲା କରି ନ ପାରିବା ଚିନ୍ତାଜନକ ରହିଥିଲା। ଫଳରେ ୩ଟି ଯାକ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଥିଲା। ସିରିଜରେ ସର୍ବାଧିକ ୨୪୪ ରନ୍ କରିଥିବା ୱିଲ ୟଙ୍ଗ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପ୍ରଥମ ଟେଷ୍ଟରେ ରାଚିନ ରବୀନ୍ଦ୍ରଙ୍କୁ ଛାଡ଼ିଦେଲେ ପରବର୍ତ୍ତୀ ୨ ଟେଷ୍ଟରେ ସ୍ପିନର ମିଚେଲ ସାଣ୍ଟନର ଓ ଏଜାଜ ପଟେଲ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ସିରିଜ ବିଜୟୀ ନ୍ୟୁଜିଲାଣ୍ଡ ଦଳ

**ଅନେକ ପ୍ରଥମର ଅଧିକାରୀ ହୋଇ ନ୍ୟୁଜିଲାଣ୍ଡ ଏବେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଚର୍ଚ୍ଚାରେ ରହିଛି। ଗତ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ମହିଳା ଦଳ ପ୍ରଥମଥର ପାଇଁ ଆଇସିସି ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବାବେଳେ ନଭେମ୍ବରରେ ପୁରୁଷ ଦଳ ଭାରତକୁ ଏହାର ଘରୋଇ ମାଟିରେ ୩-୦ରେ ପରାସ୍ତ କରି ଟେଷ୍ଟ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି...**




ଟ୍ରଫି ସହ ଆମେଲିଆ କେର

# ୧୦ ବର୍ଷରେ ତିଆରି ହେବେ ନୂଆ ଖେଳାଳି

**ପ୍ୟାରୀ ଖାଖା ଏବେ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲରେ ମଧ୍ୟ ଏକ ପରିଚିତ ନାମ। ଓଡ଼ିଶାର ପ୍ୟାରୀ ଭାରତୀୟ ଦଳରେ ଫରୱାର୍ଡ ଭାବରେ ଖେଳନ୍ତି। ଓଡ଼ିଶା ଓ ଭାରତୀୟ ଫୁଟ୍‌ବଲର ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ତାଙ୍କ ସହ ସ୍ୱତନ୍ତ୍ର ଆଲୋଚନା..**

-ସାକ୍ଷାତ୍: ସରୋଜ ଜେନା

**ପ୍ରଶ୍ନ:** ପ୍ରଥମେ ନିଜ ସମ୍ପର୍କରେ କିଛି କୁହନ୍ତୁ?

**ଉତ୍ତର:** ମୋ ନାମ ପ୍ୟାରୀ ଖାଖା ଓ ମୁଁ ରାଉରକେଲା ସହରରୁ ଆସିଛି। ବର୍ତ୍ତମାନ ମୁଁ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲରେ ରହି ଅଭ୍ୟାସ କରୁଛି।

**ପ୍ରଶ୍ନ:** ଭାରତୀୟ ଦଳରେ ପଦାର୍ପଣ କରିବାର ଅନୁଭବ କିଭଳି ଥିଲା?

**ଉତ୍ତର:** ୨୦୧୪ ମସିହାରେ ମୁଁ ପ୍ରଥମଥର ଭାରତୀୟ ଜୁନିୟର ଦଳ ଓ ୨୦୧୫ରେ ସିନିୟର ଦଳ ପାଇଁ ଖେଳିବା ଆରମ୍ଭ କରିଥିଲି। ଫୁଟ୍‌ବଲ ଆରମ୍ଭ କରିବା ସମୟରେ ଭାରତୀୟ ଦଳ ପାଇଁ ଖେଳିବା ଏକମାତ୍ର ଲକ୍ଷ୍ୟ ରହିଥିଲା। ସ୍ୱପ୍ନ ପୂରଣ ହେବା ବେଶ୍ ଖୁସି ଦେଇଛି।

**ପ୍ରଶ୍ନ:** ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆପଣଙ୍କ ପ୍ରେରଣା କିଏ?

**ଉତ୍ତର:** ଫୁଟ୍‌ବଲ ଖେଳିବା ଆରମ୍ଭରୁ ସସ୍ମିତା ମଲିକ ମୋ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

**ପ୍ରଶ୍ନ:** ଟିମ୍‌ମେଟ୍ ଭାବେ କାହା ସହ ଖେଳିବାରେ ମଜା ଆସିଥାଏ?

**ଉତ୍ତର:** ଓଡ଼ିଶା ଦଳ ପକ୍ଷରୁ ଖେଳିବା ସମୟରେ ସତ୍ୟବତୀ ଖାଡ଼ିଆ ଓ ଭାରତୀୟ ଦଳ ପକ୍ଷରୁ ଖେଳିବା ସମୟରେ ଅଞ୍ଜୁ ତମାଙ୍ଗଙ୍କ ସହ ସବୁଠାରୁ ଅଧିକ ମଜା ଆସିଥାଏ। ଉଭୟଙ୍କ ବଲ୍ ପାସିଙ୍ଗ୍ ଦକ୍ଷତା ବେଶ୍ ଚମତ୍କାର ରହିଥିବା ବେଳେ ଫରୱାର୍ଡ ଖେଳାଳି ଭାବରେ ଏହା ମୋ ପାଇଁ ସୁଯୋଗ ସୃଷ୍ଟି କରିଥାଏ।

**ପ୍ରଶ୍ନ:** ଓଡ଼ିଶାରେ ମହିଳା ଫୁଟ୍‌ବଲର ବିକାଶକୁ କିଭଳି ଦେଖନ୍ତି?

**ଉତ୍ତର:** ପୂର୍ବରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପିଙ୍କି ବୋମପାଲ ମଗର ଓ ସସ୍ମିତା ମଲିକଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ହୋଇଥିଲେ। ପରେ ମୁଁ, ଯବାମଣି ଟୁଡୁ, ମନୀଷା ପାନ୍ନା ଓ ଜୁଲି କିଶାନ ଭାରତୀୟ ଦଳରେ ସ୍ଥାନ ପାଇଥିଲୁ। ବର୍ତ୍ତମାନ ଓଡ଼ିଶା ଦଳରେ ଅନେକ ପ୍ରତିଭାବାନ୍ ଖେଳାଳି ରହିଛନ୍ତି। ସତ୍ୟବତୀ ଖାଡ଼ିଆ, ମାଳତୀ ମୁଣ୍ଡା ଓ ମନୀଷା ନାୟକ ଚମତ୍କାର ପ୍ରଦର୍ଶନ କରୁଥିବା ବେଳେ ଏମାନେ ଆଗାମୀ ଦିନରେ ଭାରତୀୟ ଦଳରେ ସ୍ଥାନ ପାଇବାର ଦକ୍ଷତା ରଖନ୍ତି। ସେହିପରି ଆମ ଖେଳାଳିମାନେ ନିରନ୍ତର ପରିଶ୍ରମ କଲେ ଆସନ୍ତା ୧୦ ବର୍ଷ ଭିତରେ ଆମେ ଦେଶର ଫୁଟ୍‌ବଲ ପାୱାରହାଉସ୍ ଭାବରେ ଉଭା ହୋଇପାରିବା। ଏହାସହ ନୂତନ କ୍ଲବ୍ ଓ ଲିଗ୍‌ର ଆଗମନ ଫଳରେ ମହିଳା ଫୁଟ୍‌ବଲର ବିକାଶ ପାଇଁ ନୂତନ ଦିଶା ମିଳିଛି।

**ପ୍ରଶ୍ନ:** ଆପଣଙ୍କ କ୍ଲବ୍ କ୍ୟାରିୟର ସମ୍ପର୍କରେ କୁହନ୍ତୁ?

**ଉତ୍ତର:** ପ୍ରଥମେ ମୁଁ କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ପକ୍ଷରୁ ଖେଳୁଥିଲି। ଏହି ଦଳ ସହ ଉଭୟ ଓଡ଼ିଶା ଓମେନ୍ସ ଲିଗ୍ ଓ ୨୦୧୬ରେ ଇଣ୍ଡିଆନ୍ ଓମେନ୍ସ ଲିଗ୍ ବିଜୟୀ ହୋଇଥିଲି। ବିଗତ ୨ ବର୍ଷ ଧରି ଓଡ଼ିଶା ଏଫ୍‌ସି ପାଇଁ ଖେଳୁଛି। ଦ୍ୱିତୀୟ ପଦାର୍ପଣରେ ଆମେ ଇଣ୍ଡିଆନ୍ ଓମେନ୍ସ ଲିଗ୍ ବିଜୟୀ ହୋଇଥିବା ବେଳେ ପ୍ରଥମ ଭାରତୀୟ ଦଳ ଭାବରେ ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲୁ।

**ପ୍ରଶ୍ନ:** ପ୍ରଥମ ଭାରତୀୟ କ୍ଲବ ଭାବରେ ଏଏଫ୍‌ସି ଯୋଗ୍ୟତାର ଅନୁଭବ କିଭଳି ଥିଲା?

ଉତ୍ତର: ନିଶ୍ଚିତ ଭାବେ ଏହା ଗର୍ବର ମୁହୂର୍ତ୍ତ ଥିଲା। ଦଳର ସମସ୍ତ ଖେଳାଳି, କୋଚ୍ ଓ ମ୍ୟାନେଜ୍‌ମେଣ୍ଟ ସମସ୍ତେ କଠିନ ପରିଶ୍ରମ କରିଥିଲେ। ପ୍ରଥମଥର ଯୋଗ୍ୟତା ହାସଲ କରି ବେଶ୍ ଖୁସି ଲାଗିଥିଲା ଓ ଅନେକ ନୂତନ ଜିନିଷ ଶିଖିବାକୁ ମିଳିଥିଲା।

**ପ୍ରଶ୍ନ:** ଏଏଫ୍‌ସି କପ୍‌ରେ ଓଡ଼ିଶାର ପ୍ରଦର୍ଶନ କାହିଁକି ଖରାପ ରହିଥିଲା?

ଉତ୍ତର: ପ୍ରଥମତଃ ଇଣ୍ଡିଆନ୍ ଓମେନ୍ସ ଲିଗ୍ ବିଜୟୀ ହୋଇଥିବା ଦଳ ଓ ଏଏଫ୍‌ସି କପ୍‌ରେ ଖେଳିଥିବା ଦଳ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଅନେକ ସିନିୟର ଖେଳାଳି ଅନୁପସ୍ଥିତ ଥିବା ବେଳେ ମୁଁ ଆହତ ଥିଲି। ଏକ ଯୁବ ଦଳ ଯାଇଥିବା ବେଳେ ବିଦେଶର ଶକ୍ତିଶାଳୀ ଦଳଙ୍କ ବିପକ୍ଷରେ ଖେଳିବାର ଅଭିଜ୍ଞତା ସାଉଁଟିଥିଲେ। ଆଗାମୀ ଦିନରେ ଓଏଫ୍‌ସିକୁ ଆଗକୁ ବଢ଼ିବାରେ ଏହା ସହାୟକ ହେବ।

**ପ୍ରଶ୍ନ:** ବିଦେଶରେ ଫୁଟ୍‌ବଲ ଓ ଭାରତରେ ମହିଳା ଫୁଟ୍‌ବଲର ସ୍ଥିତିରେ କ'ଣ ଫରକ ରହିଛି?

**ଉତ୍ତର:** ବିଦେଶର ନାମୀ କ୍ଲବ୍‌ଗୁଡିକ ସେମାନଙ୍କ ଖେଳାଳିଙ୍କୁ ବହୁତ କମ୍ ବୟସରୁ ଚୟନ କରିଥାନ୍ତି। ପ୍ରାରମ୍ଭରୁ ପ୍ରଶିକ୍ଷଣ ମିଳୁଥିବା ବେଳେ ସେମାନଙ୍କ ଦକ୍ଷତାରେ ବୃଦ୍ଧି ଘଟିଥାଏ। ଅନ୍ୟପକ୍ଷରେ ଆମ ଦେଶରେ ଫୁଟ୍‌ବଲର କଲ୍‌ଚର ନ ଥିବା କାରଣରୁ ଖେଳିବା ହିଁ ବିଳମ୍ବରେ ଆରମ୍ଭ ହୋଇଥାଏ, ଯାହାର ଫରକ ପ୍ରଦର୍ଶନରେ ନଜର ଆସିଥାଏ।



ପ୍ୟାରୀ ଖାଖା

## ଚାବୁକ୍ସ

ବାଲନ ଡି' ଅର
ପୁରସ୍କାର ପାଇ
ରୋଡ୍ରି, ବୋନମାଟି ଖୁସି
ଏକୋଇଶ ବର୍ଷ
ପରେ ତାଲିକାରେ
ନାହାନ୍ତି ରୋନାଲ୍ଡୋ, ମେସି
ଖୁସି ବାର୍ସେଲୋନା ବାସୀ
ଆମ ଏଠି ଜୁରି ମେମ୍ବର ବାଛନ୍ତି
ଯିଏ ଦବ ମୋଟା ରାଶି।

ଟିମ୍ ଇଣ୍ଡିଆକୁ ଇଣ୍ଡିଆ ମାଟିରେ
ଧଣ୍ଡ କଲା ନ୍ୟୁଜିଲାଣ୍ଡ
ଟମ ଲଥାମ୍ ଟିମ
ମାଡ଼ରେ ଭାଙ୍ଗିଲା
ରୋହିତ କୋଃ ମେରୁଦଣ୍ଡ
ଥ୍ରୀ ଜିରୋ ସିରିଜ ଷଣ୍ଢ
ଉଣେଇଶ ଚଉତିରିଶ
ପରେ ଆସେମ୍ବ୍ଡ
ହ୍ୱାଇଟ ୱାଶ୍ ଦେଶ ମୁଣ୍ଡ।

ସେହି ନ୍ୟୁଜିଲାଣ୍ଡ ମହିଳା ଟିମ୍‌କୁ
ହରମନପ୍ରୀତ୍ ପାର୍ଟି
ସ୍ମୃତି ମନ୍ଧାନାଙ୍କ
ରେକର୍ଡ ଶତକ
ସିରିଜ ଜିତେଇଲା ଏଠି
ଚାବୁ ପାଏ ଯଦି ବେଟି
ଆଉ ପାଦେ ବାଟ
ବଢ଼ଇ ଆଗକୁ
ଧନ୍ୟ କରେ ଦେଶ ମାଟି।

-ସୁବାସ ଚନ୍ଦ୍ର ପ୍ରଧାନ

# ବୋଲିଂ, ବ୍ୟାଟିଂରେ ଓଡ଼ିଶା ବିଫଳ

## ରଣ୍‌ଜୀ ଟ୍ରଫି

### ଶ୍ରେୟସ ଆୟରଙ୍କ ଦ୍ୱିଶତକ, ମୁମ୍ବାଇର ବିଶାଳ ସ୍କୋର

**ଭୁବନେଶ୍ୱର, ୭।୧୧ (ତପନ ସ୍ୱାଇଁ)**

ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସରେ ଓଡ଼ିଶା ଉଭୟ ବୋଲିଂ ଓ ବ୍ୟାଟିଂରେ ବିଫଳ ହୋଇଛି। ଓଡ଼ିଶାର ପ୍ରଭାବହୀନ ବୋଲିଂରୁ ଫାଇଦା ଉଠାଇ ମୁମ୍ବାଇ ଗୁରୁବାର ମାତ୍ର ୧ ଉଇକେଟ ହରାଇ ୨୧୭ ରନ ସଂଗ୍ରହ କରିବା ସହ ୬୦୨/୪ରେ ଇନିଂସ ଘୋଷଣା କରିଥିଲା। ଅନ୍ତର୍ଜାତୀୟ କ୍ରିକେଟର ଶ୍ରେୟସ ଆୟର ଦ୍ୱିଶତକ ହାସଲ କରି ଭାରତୀୟ ଦଳକୁ ଫେରିବା ପଥ ପରିଷ୍କାର କରିଛନ୍ତି। କେବଳ ବୋଲିଂରେ ନୁହେଁ, ବ୍ୟାଟିଂରେ ମଧ୍ୟ ଓଡ଼ିଶା ନିମ୍ନମାନର ପ୍ରଦର୍ଶନ କରି ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ୧୪୬ ରନ ମଧ୍ୟରେ ୫ ଉଇକେଟ ହରାଇ ସାରିଛି। ଫଳରେ ମୁମ୍ବାଇ ପ୍ରଥମ ଇନିଂସଠାରୁ ଓଡ଼ିଶା ଆହୁରି ୪୫୬ ରନ ପଛରେ ରହିଛି।


ଶ୍ରେୟସ ଆୟର

### ତ୍ରିଶତକ ଭାଗୀଦାରି

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୮୫/୩ରୁ ଖେଳ ଆରମ୍ଭ କରିଥିବା ମୁମ୍ବାଇର ଦୁଇ ଅପରାଜିତ ବ୍ୟାଟର ଆୟର ଓ ସିଦ୍ଧେଶ ଲାଡ୍ ଓଡ଼ିଶା ବୋଲରଙ୍କୁ ଅତି ସହଜରେ ମୁକାବିଲା କରି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଆୟର କ୍ୟାରିୟର ଶ୍ରେଷ୍ଠ ୨୩୩ ରନ ସଂଗ୍ରହ କରିଥିଲେ। କେବଳ ସେତିକି ନୁହେଁ, ଆୟର ଓ ଲାଡ୍ ୪ର୍ଥ ଉଇକେଟରେ ୩୫୪ ରନର ଭାଗୀଦାରି ମଧ୍ୟ ଗଢ଼ିଥିଲେ। ୨୨୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଆୟର ନିଜ ଇନିଂସ ମଧ୍ୟରେ ୨୪ ଚୌକା ଓ ୯ ଛକା ମାରିଥିଲେ। ପୂର୍ବରୁ ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୨୦୨* ରନ୍। ଲାଡ୍ ଓ ସୂର୍ଯ୍ୟାଂଶ ଶେଡ୍‌ଗେ ଅସମାପ୍ତ ୫ମ ଉଇକେଟରେ ୯୪ ରନ ଯୋଡ଼ିବାପରେ ମୁମ୍ବାଇ ଇନିଂସ ଘୋଷଣା କରିଥିଲା। ସେତେବେଳକୁ ଲାଡ୍ ୧୬୯ ଓ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଶେଡ୍‌ଗେ ୭୯ (୩୬ ବଲ, ୭ ଚୌକା, ୬ ଛକା) ରନରେ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ୨ଟି ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଓ ହର୍ଷିତ ରାଠୋଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସନ୍ଦୀପ ଲଢ଼ିଲେ

ବୋଲିଂବେଳେ ଓଡ଼ିଶା ମନୋବଳ ହରାଇଥିବା ବ୍ୟାଟିଂରେ ମଧ୍ୟ ପରିଲକ୍ଷିତ ହୋଇଥିଲା। ଯୁବ ଓପନର ସ୍ୱସ୍ତିକ ସାମଲ ଖାତା ଖୋଲିବା ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହେବାରୁ ମାତ୍ର ୩ ରନରେ ଓଡ଼ିଶା ପ୍ରଥମ ଉଇକେଟ ହରାଇଥିଲା। ଅନୁରାଗ ଷଡ଼ଙ୍ଗୀ ଓ ସନ୍ଦୀପ ପଟ୍ଟନାୟକ କିଛି ସମୟ ମୁମ୍ବାଇ ବୋଲରଙ୍କୁ ସମ୍ମୁଖୀନ ହେବାରେ ସକ୍ଷମ ହୋଇଥିଲେ ହେଁ ଯୋଡ଼ି ଭାଙ୍ଗିବା ପରେ ଓଡ଼ିଶା ଇନିଂସ ହଡ଼ବଡ଼େଇ ଯାଇଥିଲା। ଗୋଟିଏ ପଟରେ ସନ୍ଦୀପ ଅର୍ଦ୍ଧଶତକ ହାସଲ କରି ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟପଟରେ ଅନୁରାଗ ୩୯, ଦୁଇ ଅଭିଜ୍ଞ ବ୍ୟାଟର ଅଧିନାୟକ ଗୋବିନ୍ଦ ପୋଦ୍ଦାର (୦) ଓ ବିପ୍ଳବ ସାମନ୍ତରାୟ (୦) ଡକ୍‌ରେ ଏବଂ କାର୍ତ୍ତିକ ବିଶ୍ୱାଳ ୨୨ ରନରେ ଆଉଟ ହୋଇଥିଲେ। ଷ୍ଟମ୍ପ ବେଳକୁ ସନ୍ଦୀପ ୧୪୧ ବଲ୍‌ରୁ ୭୩ ଓ ଦେବବ୍ରତ ପ୍ରଧାନ ୭ ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ଶାମ୍ସ ମୁଲାନି ଓ ହିମାଂଶୁ ସିଂ ୨ଟି ଲେଖାଏ ଏବଂ ଶାର୍ଦ୍ଦୁଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୬୦୨/୪/ଘୋଷଣା (ଶ୍ରେୟସ ଆୟର-୨୩୩, ସିଦ୍ଧେଶ ଲାଡ୍-୧୬୯*, ଅଙ୍ଗକ୍ରିଶ ରଘୁବଂଶୀ-୯୨, ସୂର୍ଯ୍ୟାଂଶ ଶେଡ୍‌ଗେ-୭୯*, ବିପ୍ଳବ ସାମନ୍ତରାୟ-୨/୫୭, ସୂର୍ଯ୍ୟକାନ୍ତ ପ୍ରଧାନ-୧/୬୬, ହର୍ଷିତ ରାଠୋଡ-୧/୧୩୬)। ଓଡ଼ିଶା ପ୍ରଥମ ଇନିଂସ: ୧୪୬/୫ (ସନ୍ଦୀପ ପଟ୍ଟନାୟକ-୭୩*, ଶାମ୍ସ ମୁଲାନି-୨/୫୨, ହିମାଂଶୁ ସିଂ-୧/୨୨, ଶାର୍ଦ୍ଦୁଳ ଠାକୁର-୧/୨୬)।

# ଓଡ଼ିଶାରୁ ବୀରେନ୍ଦ୍ର, ପ୍ରଭାକର ଭାଗନେବେ


ଜୋନାଲ ଓ ଜାତୀୟ ପାରା ଶୁଟିଂ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ।

## ଜୋନାଲ ଓ ଜାତୀୟ ପାରା ଶୁଟିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୭।୧୧ (ତପନ ସ୍ୱାଇଁ)**

ପୁଣେଠାରେ ୫ମ ଜୋନାଲ ଏବଂ ଜାତୀୟ ପାରା ଶୁଟିଂ ଚାମ୍ପିୟନଶିପ୍ ଚଳିତ ମାସ ୮ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବୀରେନ୍ଦ୍ର ବଳିୟାରସିଂ ଓ ପ୍ରଭାକର ବେହେରା ଅଂଶଗ୍ରହଣ କରିବେ। ପ୍ରଭାକର ଜୋନାଲ ଚାମ୍ପିୟନଶିପ୍‌ରୁ ଅଭିଯାନ ଆରମ୍ଭ କରିବେ। ପ୍ରଭାବୀ ପ୍ରଦର୍ଶନ କରି ସେ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି। ବୀରେନ୍ଦ୍ର ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ୍ୟ ପରୀକ୍ଷା କରିବେ। ଏହି ଦୁଇ ଶୁଟରଙ୍କ ସହ କଳିଙ୍ଗ ଷ୍ଟାଡିୟମ ଏଚପିସି ଶୁଟିଂ ରେଞ୍ଜ୍ କୋଚ୍ ପୁରୁଷୋତ୍ତମ ପଣ୍ଡା ପୁଣେ ଯାତ୍ରା କରିଛନ୍ତି। ତାଙ୍କ ମାର୍ଗଦର୍ଶନ ଏବଂ ଅଭିଜ୍ଞତା ଓଡ଼ିଶା ଶୁଟରଙ୍କୁ ଫାଇଦାରେ ରଖିବ ବୋଲି ଆଶା କରାଯାଉଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଓଡ଼ିଶାର କ୍ରୀଡ଼ା ସମୁଦାୟ ପକ୍ଷରୁ ଶୁଟରମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଆଜି ପ୍ରଥମ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

**ଡର୍ବାନ୍, ୭।୧୧(ପି.ଟି.):** ଟି୨୦ ବିଶ୍ୱକପ ଚାମ୍ପିୟନ ଭାରତ ଓ ରନର ଅପ୍ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିଙ୍କୁ ନିଜ ଦକ୍ଷତା ପ୍ରମାଣର ଏହା ଏକ ଭଲ ସୁଯୋଗ ରହିବ। ନିକଟରେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲେ। ଓପନ କରୁଥିବା ସଞ୍ଜୁ ସାମସନ୍ ବାଂଲାଦେଶ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍‌ରେ ଚମତ୍କାର ଶତକ ହାସଲ କରିଥିଲେ। ୪୭ ବଲ୍ ଖେଳି ଧୂଆଁଧାର ୧୧୧ ରନ୍ କରିଥିବା ବେଳେ ସେ ରୋହିତ ଶର୍ମାଙ୍କ ଓପନିଂ ସ୍ଲଟ ହାସଲ କରିବାକୁ ପ୍ରୟାସ କରିବେ। ଅନ୍ୟତମ ଯୁବ ଓପନର ଅଭିଷେକ ଶର୍ମା, ତିଲକ ବର୍ମା, ଜୀତେଶ ଶର୍ମା, ଆଭେଶ୍ ଖାନ୍, ବିଜୟ କୁମାର ବ୍ୟଶକ୍ ଓ ଯଶ୍ ଦୟାଲ ନିଜ ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ। ଏହି ଖେଳାଳିମାନେ ଆଇପିଏଲ ଓ ଘରୋଇ କ୍ରିକେଟରେ ନିଜ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବେ।

ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କ ପରି ସିନିୟର ଖେଳାଳି ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ। ସେହିପରି ଟି୨୦ ବିଶ୍ୱକପ୍ ଫାଇନାଲରେ ପରାଜିତ ହୋଇଥିବା ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ପ୍ରତିଶୋଧ ନେବାକୁ ପ୍ରୟାସ କରିବ।

**ସ୍ଥାନ: କିଙ୍ଗସ୍‌ମିଡ୍, ଡର୍ବାନ୍**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**
**ସମୟ: ରାତି ୮.୩୦**

# ରାଜ୍ୟ ଟେବୁଲ ଟେନିସ୍: କଟକ 'ଏ', ଏଜି ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୭।୧୧ (ତପନ ସ୍ୱାଇଁ)**

କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଦଳଗତ ଇଭେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁଥ୍ ବାଳକ ଟିମ୍ ଇଭେଣ୍ଟରେ କଟକ 'ଏ' ଓ ପୁରୁଷ ଟିମ୍ ଇଭେଣ୍ଟରେ ଏଜି ଓଡ଼ିଶା ଚାମ୍ପିୟନ ହୋଇଛି। ଯୁଥ୍ ବାଳକ ଫାଇନାଲରେ କଟକ 'ଏ' ୩-୦ରେ କଟକ 'ବି'କୁ ପରାସ୍ତ କରିଛି। ସିଙ୍ଗଲ୍ସରେ ବିଜୟୀ ଦଳର ଜିଜ୍ଞାଶୁ ସାହୁ ୩-୦ରେ ଫରଜ ରାଜା, ମହମ୍ମଦ ଜିସାନ ୩-୧ରେ ଆୟାନ ମୁସ୍ତାକଙ୍କୁ ଏବଂ ଡବଲ୍ସରେ ଜିଜ୍ଞାଶୁ-ଜିସାନ ଯୋଡ଼ି ୩-୦ରେ ଫରଜ-ଆୟାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ଟିମ୍ ଫାଇନାଲରେ ଏଜି ଓଡ଼ିଶା ୩-୦ରେ ଖୋର୍ଦ୍ଧାକୁ ହରାଇ ଦେଇଛି। ସିଙ୍ଗଲ୍ସରେ ତୁଷାର ଚୌହାନ ୩-୧ରେ ଶାଶ୍ୱତ ସାମଲ, ମୈନକ ଦାସ ୩-୦ରେ ଅବିନାଶ ତ୍ରିପାଠୀ ଓ ସମ୍ରାଟ ଚକ୍ରବର୍ତ୍ତୀ ୩-୧ରେ ତୁହିନ ବାନିକଙ୍କୁ ହରାଇ ଦେଇଛନ୍ତି।


ପୁରୁଷ ଟିମ୍ ଇଭେଣ୍ଟରେ ଚାମ୍ପିୟନ ଏଜି ଓଡ଼ିଶା ଦଳ।

# ରିଟେନ ଖେଳାଳିଙ୍କ ତାଲିକା ପ୍ରକାଶ

**ନୂଆଦିଲ୍ଲୀ, ୭।୧୧ (ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ପରବର୍ତ୍ତୀ ସଂସ୍କରଣ ପାଇଁ ଫ୍ରାଞ୍ଚାଇଜ ଗୁଡ଼ିକ ନାମି ଖେଳାଳିମାନଙ୍କୁ ରିଟେନ କରିଛନ୍ତି। ଆରସିବି ଗୁରୁବାର ରିଟେନ କରିଥିବା ୧୪ ଖେଳାଳିଙ୍କ ନାମ ତାଲିକା ଘୋଷଣା କରିଛି। ସେମାନଙ୍କ ମଧ୍ୟରେ ଅଧିନାୟିକା ମନ୍ଧାନା, ଷ୍ଟାର ବ୍ୟାଟର ପେରୀ ଓ ଉଇକେଟକିପର ରିଚା ଘୋଷ ସାମିଲ ରହିଛନ୍ତି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ସ, ରାଧା ଯାଦବ ଓ ଅରୁନ୍ଧତି ରେଡ୍ଡୀ, ମେଗ୍ ଲାନିଂ, ମାରିଜେନ୍ କାପ୍, ସଦର୍ନ ଷ୍ଟାର୍ସ, ଜେସ୍ ଜୋନାସେନ, ଆଲିସ କାପ୍‌ସି ଓ ଆନାବେଲ୍ ସଦରଲାଣ୍ଡଙ୍କୁ ରିଟେନ୍ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା ହରମନପ୍ରୀତ, ନାଟ୍ ସ୍କିଭର ବ୍ରଣ୍ଟ, ହେଲି ମାଥ୍ୟୁସ, ଆମେଲିଆ କେର୍, ଶବନିମ ଇସ୍‌ମାଇଲ, ଚୋଲ୍ ଟ୍ରିଅନ୍, ଯସ୍ତିକା ଭାଟିଆ, ପୂଜା ବସ୍ତ୍ରାକାର, ସାଜନା ସାଜିଭନ, ସାଇମା ଇଶାକ୍, ଅମନଜୋତ କୌର, ଜିଣ୍ଟିମାନି କାଲିଟା, କିର୍‌ଥାନା ବାଲକ୍ରିଷ୍ଣନ ଓ ଅମନଦୀପ କୌରଙ୍କୁ ରିଟେନ୍ କରିଛି।

# ମାଞ୍ଚେଷ୍ଟର ୟୁନାଇଟେଡ୍ ପରିଦର୍ଶନ କରିବେ ଶ୍ରୀଜଲ

**ଭୁବନେଶ୍ୱର, ୭।୧୧(ସରୋଜ ଜେନା)**

ଓଡ଼ିଶାର ଶ୍ରୀଜଲ କିସ୍କୁ ଖୁବ୍‌ଶୀଘ୍ର ଲୋକପ୍ରିୟ ଫୁଟ୍‌ବଲ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ହୋମ୍ ଗ୍ରାଉଣ୍ଡ ଓଲ୍ଡ ଟ୍ରାଫୋର୍ଡକୁ ପରିଦର୍ଶନ କରିବାକୁ ଯାଉଛନ୍ତି। ଓଡ଼ିଶାର ଶ୍ରୀଜଲ ଓ ଅନ୍ୟ ୪ ଜଣ ଫୁଟ୍‌ବଲର ପିସି ଲାଲ୍ଲୁଆନାୱମା (ମିଜୋରାମ), ମହମ୍ମଦ ଅୟାନ (ଲକ୍ଷ୍ନୌ), ଭକ୍ତ ବାହାଦୁର ପରିୟାର (ନେପାଳ) ଓ ଚାନାସନ ଚୈୟାଥମ (ବ୍ୟାଙ୍କକ୍) ଆଦି ଏହି ଗସ୍ତ ପାଇଁ ମନୋନୀତ ହୋଇଛନ୍ତି। ଏହି ୫ ଖେଳାଳି ପରିଦର୍ଶନ ସମୟରେ ମ୍ୟାଚ୍‌ଡେ ଅନୁଭୂତି, ମାଞ୍ଚେଷ୍ଟର ୟୁନାଇଟେଡ ସକର୍ ସ୍କୁଲ କୋଚ୍‌ଙ୍କ ସହ ପ୍ରଶିକ୍ଷଣ ଓ କିମ୍ବଦନ୍ତୀ ଖେଳାଳିଙ୍କ ସହ ସାକ୍ଷାତ୍‌କାର ଭଳି କାର୍ଯ୍ୟରେ ସାମିଲ ହେବେ। ମାଞ୍ଚେଷ୍ଟର ୟୁନାଇଟେଡ ଓ ଆପୋଲୋ ଟାୟାର୍ସ ପକ୍ଷରୁ 'ୟୁନାଇଟେଡ ୱି ପ୍ଲେ'କାର୍ଯ୍ୟକ୍ରମ ଜରିଆରେ ଶ୍ରୀଜଲଙ୍କୁ ଭ୍ରମଣ ସୁଯୋଗ ମିଳିଛି। ସ୍କଲାରଶିପ୍ ଜରିଆରେ ଆରଡୋର ଫୁଟବଲ ଏକାଡେମୀରେ ଅଭ୍ୟାସ କରୁଥିବା ଶ୍ରୀଜଲ ଭବିଷ୍ୟତରେ ଲିଓନେଲ ମେସିଙ୍କ ଭଳି ଫୁଟବଲର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଆପୋଲୋ ଟାୟାର୍ସ ଲିମିଟେଡର ଉପାଧ୍ୟକ୍ଷ ରାଜେଶ ଦହିୟା ଶ୍ରୀଜଲଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। 'ୟୁନାଇଟେଡ ୱି ପ୍ଲେ'ର ୪ର୍ଥ ସଂସ୍କରଣରେ ଭାରତର ୧୮ଟି ସହରରୁ ୧୫୦୦୦ରୁ ଅଧିକ ଉଦୀୟମାନ ଫୁଟବଲର ଅଂଶଗ୍ରହଣ କରିଥିଲେ । ଏହାର ଗ୍ରାଣ୍ଡ ଫିନାଲେ ଚଣ୍ଡୀଗଡରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମହାନ୍ ଫୁଟ୍‌ବଲର ଗ୍ୟାରୀ ନେଭିଲ୍ ଉପସ୍ଥିତ ଥିଲେ।

# ଡବଲ୍ସ ସେମିରେ କବୀର ହଂସ

## ଆଇଟିଏଫ୍ ୱାର୍ଲ୍ଡ ଟେନିସ୍

**ଭୁବନେଶ୍ୱର, ୭।୧୧(ସରୋଜ ଜେନା)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ପୁରୁଷ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର କବୀର ହଂସ। ପୁରୁଷ ସିଙ୍ଗଲ୍ସର ରାଉଣ୍ଡ ଅଫ୍ ୧୬ରେ ରେଥିନ୍ ପ୍ରଣବ ସେନ୍ଥିଲ କୁମାର ବିପର୍ଯ୍ୟୟ ଘଟାଇଛନ୍ତି। ଚତୁର୍ଥ ସିଡ୍ ଏଗୋର ଆଗାଫୋନୋଭଙ୍କୁ୨-୬, ୬-୪ ଓ ୪-୦ରେ ପରାସ୍ତ କରିଥିଲେ ସେନ୍ଥିଲ। ଅନ୍ୟ ମ୍ୟାଚ ଗୁଡିକ ମଧ୍ୟରେ ଏସ୍.ଡି. ପ୍ରଜ୍ୱଳ ୬-୪, ୩-୦ରେ ରୋହନ ମେହରାଙ୍କୁ, ବୋଗଡାନ ବୋବରୋଭ ୬-୧, ୬-୧ରେ ଯଶ ଚୌରାସିଆଙ୍କୁ, ଆର୍ଯ୍ୟନ୍ ଶାହ ୭-୫, ୬-୩ରେ ସିଦ୍ଧାର୍ଥ ରାୱତଙ୍କୁ, ଦାଲିବର ସ୍ୱିଭିନା ୭-୫, ୬-୩ରେ ମାନସ ଧାମନେ, ଦେବ ଜାଭିଆ ୬-୩, ୬-୧ରେ ସିଦ୍ଧାର୍ଥ ବିଶ୍ୱକର୍ମାଙ୍କୁ, କରଣ ସିଂ ୬-୧, ୬-୨ରେ ରିଫ୍‌କି ଫିତ୍ରିଆଦିଙ୍କୁ, ନିକ୍ ଚାପେଲ ୬-୩, ୬-୪ରେ ନିତିନ କୁମାର ସିହ୍ନାଙ୍କୁ ହରାଇଥିଲେ।


ବୋଗଡାନ ବୋବରୋଭ

ଅନ୍ୟ ପକ୍ଷରେ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ରିଷଭ ଅଗ୍ରୱାଲ-କବୀର ହଂସଙ୍କ ଯୋଡି ୬-୭(୭), ୬-୩ ଓ ୧୦-୬ ସେଟରେ ଏସ୍.ଡି. ପ୍ରଜ୍ୱଳ ଦେବ-ଆଦିଲ କଲ୍ୟାଣପୁରଙ୍କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲେ। ଏଗୋର ଆଗାଫୋନୋଭ-ବୋଗଡାନ ବୋବରୋଭଙ୍କ ଯୋଡି ୬-୩, ୭-୬(୨) ସେଟରେ ରାଘବ ଜୟସିଂଘାନିଆ-ଭରତ ନିଶୋକ କୁମାରନଙ୍କୁ, ଇଶାକ୍ ଇକ୍‌ବାଲ-ଫୈଜଲ କମର ସେଟରେ ୭-୫, ୩-୬ ଓ ୧୦-୮ ସେଟରେ ଦେବ ଜାଭିଆ-ସିଦ୍ଧାର୍ଥ ରାୱତଙ୍କୁ, ସିଦ୍ଧାନ୍ତ ବନ୍ଥିଆ-ବିଷ୍ଣୁ ବର୍ଦ୍ଧନଙ୍କ ଯୋଡି ୨-୦ରେ ଏମ୍ ରିଫ୍‌କି-କରଣ ସିଂ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲେ।

# ହକି ଇଣ୍ଡିଆର ଶତବାର୍ଷିକୀ ସେଲିବ୍ରେଶନ୍ ଆରମ୍ଭ


ଦିଲୀପ ତିର୍କୀ

**ନୂଆଦିଲ୍ଲୀ,୭।୧୧:** ଭାରତୀୟ ହକିକୁ ୧୦୦ ବର୍ଷ ପୁରିଥିବା ବେଳେ ହକି ଇଣ୍ଡିଆ ପକ୍ଷରୁ ଶତବାର୍ଷିକୀ ସେଲିବ୍ରେଶନ୍ ଆରମ୍ଭ ହୋଇଛି। ନଭେମ୍ବର ୭, ୧୯୨୫ରେ ଭାରତରେ ପ୍ରଥମ ଥର ହକି ଖେଳ ଆରମ୍ଭ ହୋଇଥିଲା। ଶତ ବାର୍ଷିକୀ ଉପଲକ୍ଷେ ଏକ ବର୍ଷ ବ୍ୟାପୀ ସେଲିବ୍ରେଶନ ଆରମ୍ଭ ହୋଇଛି। ଏହି ଅବସରରେ ପୁରୁଷ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ) ଆଉ ଥରେ ଲଞ୍ଚ କରାଯାଇଥିବା ବେଳେ ମହିଳା ହକି ଇଣ୍ଡିଆ ଲିଗ ପ୍ରଥମ ଥର ଆରମ୍ଭ ହେବାକୁ ଯାଉଛି।

ଭାରତରେ ନଭେମ୍ବର ୭, ୧୯୨୫ରେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପ୍ରଥମେ ହକି ଖେଳ ଆରମ୍ଭ ହୋଇଥିଲା। ଭାରତୀୟ ଦଳ ଇତି ମଧ୍ୟରେ ହକିରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରି ସାରିଛି। ୯୯ ବର୍ଷ ମଧ୍ୟରେ ଭାରତୀୟ ହକି ସଫଳତାର ଅନେକ ନୂଆ ସ୍ତର ଛୁଇଁ ପାରିଛି। ଏହା ମଧ୍ୟରେ ଦଳ ଅଲିମ୍ପିକ୍ସରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ଏହା ବ୍ୟତୀତ ହକି ବିଶ୍ୱକପରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି ଭାରତ। ଆରମ୍ଭରୁ ଘାସ ଉପରେ ଖେଳା ଯାଉଥିବା ଏହି କ୍ରୀଡ଼ା ଆର୍ଟିଫିସିଆଲ୍ ଟର୍ଫରେ ପହଞ୍ଚିଥିବା ବେଳେ ଭାରତୀୟ ହକି ମଧ୍ୟ ସମାନ ଭାବରେ ବିକଶିତ ହୋଇଛି।

ବିଗତ ଦଶନ୍ଧିରେ ଭାରତୀୟ ହକି ଚମତ୍କାର ପ୍ରଦର୍ଶନ କରିଛି। ପୁରୁଷ ଦଳ ୫୨ ବର୍ଷ ପରେ ଲଗାତାର ଦୁଇଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ସେହିପରି ମହିଳା ଦଳ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହି ଏହାର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହିଛନ୍ତି, ହକିରେ ଆମର ଯାତ୍ରା ଉଦ୍ଦେଶ୍ୟରେ ହିଁ ବର୍ଷବ୍ୟାପୀ ସେଲିବ୍ରେଶନ କରାଯିବ। ଏଚ୍‌ଆଇଏଲ୍‌ରେ ମ୍ୟାଚ୍ ଗୁଡିକ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବା ସହ ଉତ୍କର୍ଷତାର କାହାଣୀ କହିବ ବୋଲି ସେ କହିଛନ୍ତି। ହକିରେ ଆମର ସଂସ୍କୃତି ଜଡିତ ବୋଲି ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ କହିଛନ୍ତି। ହକିର ବୁଦ୍ଧିମନ୍ତ ଇତିହାସକୁ ଏହା ଆହୁରି ସମୃଦ୍ଧ କରିବ ବୋଲି ସେ କହିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ